ଧରିତ୍ରୀ
DHARITRI
51 Years
ପୃଷ୍ଠା–୮+୮
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, June 13/2025 | Page 16 | ₹ 7.00 | BALASORE
୫୧ଶ ଭାଗ ୧୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 198 | ମୂଲ୍ୟ ₹୭/-

# ଭଦ୍ରକରେ ଇଣ୍ଟରନେଟ୍ ବନ୍ଦ


ଭଦ୍ରକ ନେହେରୁ ଷ୍ଟାଡିୟମ୍ ସାମ୍ନା ୧୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ ସ୍ଥଳରେ ଭିଡ଼ ହଟାଉଛି ପୋଲିସ।

**ଭଦ୍ରକ,୧୨।୬(ସନାତନ ରାଉତ)**

ଗୋରୁବେପାରୀଙ୍କ ସଂଘବଦ୍ଧ ଆକ୍ରମଣରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କଷଟି ଗ୍ରାମର ଗୋରକ୍ଷକ ସନ୍ତୋଷ ପରିଡ଼ାଙ୍କ ମୃତ୍ୟୁ ପରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଜିଲାର ୫ ସ୍ଥାନରେ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଭଦ୍ରକ ବ୍ଲକ, ପୌରପାଳିକା, ତିହିଡ଼ି ବ୍ଲକ, ଧାମନଗର ବ୍ଲକ ଓ ଏନ୍ଏସିରେ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରହିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏସବୁ ସମ୍ବେଦଶୀଳ ସ୍ଥାନରେ ୪୫ ପୋଲିସ ଅଫିସରଙ୍କ ନେତୃତ୍ୱରେ ୨୭ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଭଦ୍ରକରେ ଉପସ୍ଥିତ ରହି ଅନୁଧ୍ୟାନ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ସେ କହିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଥିଲେ। ମୃତ ସନ୍ତୋଷଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ମୃତ ସନ୍ତୋଷଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ

## ଗୋରୁବେପାରୀଙ୍କ ଆକ୍ରମଣରେ ଗୋରକ୍ଷକଙ୍କ ମୃତ୍ୟୁ ଘଟଣା

- ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଡିଆଇଜି
- ମୃତକଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ବହନ କରିବେ ସରକାର

ସରକାର ବହନ କରିବେ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଗତ ମେ ୩୦ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ା ଅଞ୍ଚଳର କେତେଜଣ ଗୋରୁ ବେପାରୀ କଷଟି ଗ୍ରାମରୁ ଗୋରୁ ନେଇ ଯାଉଥିଲେ। ଭୁୟାଁବାଟିଟଙ୍କିଠାରେ ସନ୍ତୋଷ ଓ କେତେଜଣ ଯୁବକଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଗୋରୁ ବେପାରୀ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ୧୩ ଦିନ ଧରି ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ରହିବା ପରେ ବୁଧବାର ସନ୍ତୋଷଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାର ହେବା ପରେ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁରୁବାର ସନ୍ତୋଷଙ୍କ ମୃତଦେହ ଘରକୁ ଫେରିବାର ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଇଣ୍ଟରନେଟ ସେବା ବନ୍ଦ କରାଯାଇଛି। ଅପରପକ୍ଷେ ଏହି ମାମଲାରେ ପୋଲିସ ୧୨ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ ☞ପୃଷ୍ଠା–୪

# ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କରେ ୧୩୧ ସ୍ଥାନକୁ ଖସିଲା ଭାରତ

**ନୂଆଦିଲ୍ଲୀ, ୧୨।୬(ପି.ଟି.)**

ବିଶ୍ୱ ଅର୍ଥନୈତିକ ଫୋରମ୍‌ର ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ (ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କ) ୨୦୨୫ ରିପୋର୍ଟ ଅନୁଯାୟୀ ଭାରତର ସ୍ଥାନ ଗତବର୍ଷ ତୁଳନାରେ ଦୁଇ ଅଙ୍କ ଖସି ୧୪୮ ଦେଶ ମଧ୍ୟରୁ ୧୩୧ରେ ପହଞ୍ଚିଛି। ଏହାର ଲିଙ୍ଗଗତ ସମାନତା ସ୍କୋର ୬୪.୧ ପ୍ରତିଶତରେ ରହିଛି, ଯେଉଁଥିରେ ଦକ୍ଷିଣ ଏସିଆରେ ଭାରତର ର୍ୟାଙ୍କ ଅନେକାଂଶରେ ଖସିଛି ବୋଲି ଗୁରୁବାର ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଗତବର୍ଷ ୧୪୬ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ଥିଲା ୧୨୯। ତେବେ ଆଇସ୍‌ଲାଣ୍ଡ ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସର ସବା ଉପରେ ଥିବା ବେଳେ ପାକିସ୍ତାନ ସବୁଠାରୁ ତଳେ ରହିଛି।

ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କ ଲିଙ୍ଗଗତ ସମାନତା ମାପିବା ଲାଗି ୪ଟି କ୍ଷେତ୍ରକୁ ବିଚାରକୁ ନେଇଥାଏ। ସେଗୁଡ଼ିକ ହେଲା ଅର୍ଥନୈତିକ ଅଂଶଗ୍ରହଣ ଓ ସୁଯୋଗ, ଶିକ୍ଷାଗତ ପ୍ରାପ୍ତି, ସ୍ୱାସ୍ଥ୍ୟ ଓ ବଞ୍ଚିବା ସମୟ ଏବଂ ରାଜନୈତିକ ସଶକ୍ତୀକରଣ। ଭାରତୀୟ ଅର୍ଥନୀତିର ସାମଗ୍ରିକ ପ୍ରଦର୍ଶନ ୦.୩ ପଏଣ୍ଟ ବୃଦ୍ଧି ପାଇଛି। ଫଳରେ ଅର୍ଥନୈତିକ ଅଂଶଗ୍ରହଣ ଓ ସୁଯୋଗ ଦିଗରେ ଭାରତ ପଏଣ୍ଟ ୯ ପ୍ରତିଶତ ବଢ଼ି ୪୦.୭ରେ ପହଞ୍ଚିଛି। ସେହିପରି ଅର୍ଥନୈତିକ ପ୍ରାପ୍ତିରେ ଭାରତ ୯୭.୧ ପ୍ରତିଶତ ହାସଲ କରି ମହିଳା ସାକ୍ଷରତା କ୍ଷେତ୍ରରେ ଉନ୍ନତି କରିଛି। ତେବେ ସ୍ୱାସ୍ଥ୍ୟ ଓ ବଞ୍ଚିବା ସମୟକୁ ହିସାବକୁ ନେଲେ ଭାରତ ଭଲ କରିଛି। କିନ୍ତୁ ରାଜନୈତିକ ସଶକ୍ତୀକରଣ ଦିଗରେ ଭାରତର ସ୍ଥିତି ସାମାନ୍ୟ ହ୍ରାସ ପାଇଛି। ୨୦୨୫ରେ ପାର୍ଲାମେଣ୍ଟରେ ମହିଳାଙ୍କ ପ୍ରତିନିଧିତ୍ୱ ପୂର୍ବାପେକ୍ଷା ହ୍ରାସ ପାଇ ୧୪.୭ ପ୍ରତିଶତରୁ ଖସି ୧୩.୮ ପ୍ରତିଶତରେ ପହଞ୍ଚିଛି। ସେହିପରି ମନ୍ତ୍ରୀ ପଦବୀ ପାଇବାରେ ମହିଳାଙ୍କ ଭୂମିକା ମଧ୍ୟ ହ୍ରାସ ପାଇଛି। ପୂର୍ବରୁ ୬.୫ ପ୍ରତିଶତ ଥିବା ବେଳେ ଏବେ ୫.୬ ପ୍ରତିଶତ ହୋଇଛି। ୨୦୧୯ରେ ଅଧିକ ମହିଳା ମନ୍ତ୍ରୀ ପଦ ପାଇଥିଲେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଦକ୍ଷିଣ ଏସିଆରେ ବାଂଲାଦେଶ ରାଜନୈତିକ ସଶକ୍ତୀକରଣ ଓ ଅର୍ଥନୈତିକ ଅଂଶଗ୍ରହଣ କ୍ଷେତ୍ରରେ ସର୍ବୋଚ୍ଚରେ ରହିଛି। ଏହା ୭୫ ର୍ୟାଙ୍କରୁ ବୃଦ୍ଧି ପାଇ ବିଶ୍ୱ ସ୍ତରରେ ୨୪ ସ୍ଥାନରେ ପହଞ୍ଚିଛି।

ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସକୁ ଦେଖିଲେ ଭାରତର ପଡ଼ୋଶୀ ଦେଶ ନେପାଳ ୧୨୫ ର୍ୟାଙ୍କରେ ଥିବା ବେଳେ ଭୁଟାନ ୧୧୯, ମାଳଦ୍ୱୀପ ୧୩୮ ଏବଂ ୧୪୮ ଦେଶ ମଧ୍ୟରୁ ପାକିସ୍ତାନ ତଳଆଡ଼େ ରହିଛି। ଅନ୍ୟପକ୍ଷରେ ଆଇସଲାଣ୍ଡ ୧୬ ବର୍ଷ ପାଇଁ କ୍ରମାଗତ ର୍ୟାଙ୍କିଂର ଶୀର୍ଷରେ ରହିଆସିଛି। ତା’ ପରେ ଫିନ୍‌ଲାଣ୍ଡ, ନରୱେ, ବ୍ରିଟେନ୍ ଓ ନ୍ୟୁଜଲାଣ୍ଡ। ରିପୋର୍ଟରେ କୁହାଯାଇଛି ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ୬୮.୮ ପ୍ରତିଶତକୁ ହ୍ରାସ ପାଇଛି, ଯାହା କୋଭିଡ୍-୧୯ ମହାମାରୀ ପରେ ସବୁଠାରୁ ଶକ୍ତିଶାଳୀ ବାର୍ଷିକ ଉନ୍ନତି। ତଥାପି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ହାରରେ ପୂର୍ଣ୍ଣ ସମାନତା ୧୨୩ ବର୍ଷ ଦୂରରେ ରହିଛି।

# ପ୍ରକାଶ ପାଇଲା ଯୁକ୍ତ ୩ କଟ୍‌ଅଫ୍ ମାର୍କ

## କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ

**ଭୁବନେଶ୍ୱର,୧୨।୬(ସୁଚିସ୍ମିତା ସାହୁ)**

ଚଳିତବର୍ଷ ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ କଟ୍‌ଅଫ୍ ତାଲିକାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଗରେ ରହିଛି। କଳା ବିଭାଗର ରାଜନୀତି ବିଜ୍ଞାନରେ ସର୍ବାଧିକ ୯୨.୮୦% କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନ ବିଭାଗର ଫିଜିକ୍ସରେ ୯୩. ୬୭%, ଜୈବିକ ବିଜ୍ଞାନରେ ୯୪.୦୦ % ଓ ବାଣିଜ୍ୟ ବିଭାଗରେ କଟ୍‌ଅଫ୍ ମାର୍କ ୯୦.୫୦% ରହିଛି। ଅନ୍ୟପଟେ ରାଇରଙ୍ଗପୁରର ଓମ୍ ମା’ ସରସ୍ୱତୀ ସଂସ୍କୃତ (ଡିଗ୍ରୀ) କଲେଜର ଶାସ୍ତ୍ରୀ ବିଭାଗରେ ୬୮.୬୭% କଟ୍‌ଅଫ୍ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) କଲେଜର କମ୍ପ୍ୟୁଟର ସାଇନ୍ସରେ ୮୮.୮୩% ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ’ କଲେଜର ଇଣ୍ଟିଗ୍ରେଟେଡ୍ ବିଏଏଲ୍‌ଏଲ୍‌ବିରେ ୮୭.୮୦% କଟ୍‌ଅଫ୍ ମାର୍କ ରହିଛି। ରାଜ୍ୟରେ ଥିବା ବିଭିନ୍ନ ଡିଗ୍ରୀ କଲେଜଗୁଡ଼ିକର ଯୁକ୍ତ୩ରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ରହିଛି। ଏଥିରେ ନାମଲେଖା ପାଇଁ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଅନୁସାରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରୀଛାତ୍ର ☞ପୃଷ୍ଠା–୪




# ଭୁବନେଶ୍ୱରରୁ ଆବୁଧାବିକୁ ବିମାନସେବାର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨ା୬(ସୁନିତ୍ ମିଶ୍ର)



■ ସପ୍ତାହକୁ ୩ ଦିନ ଚାଲିବ, ୪ ଘଣ୍ଟାରେ ପହଞ୍ଚିବ
■ ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ ବିମାନସେବା ଆରମ୍ଭ
■ ମିଡିଲ ଇଷ୍ଟ ଦେଶ ସହ ଓଡ଼ିଶା ଯୋଗାଯୋଗ ଆହୁରି ବ୍ୟାପକ ହେବ: ମୋହନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରର ବର୍ଷ ପୂର୍ତ୍ତି ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭୁବନେଶ୍ୱର ଠାରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରୁ ଆବୁଧାବିକୁ ଏହି ବିମାନ ସେବା ଇଣ୍ଡିଗୋ ଏୟାର ଲାଇନ୍ସ ଜରିଆରେ ଆରମ୍ଭ କରାଯାଇଛି। ଏହା ସିଧାସଳଖ ଆବୁଧାବିକୁ ଯାତ୍ରା କରିବ। ସୂଚନାଯୋଗ୍ୟ, ସପ୍ତାହର ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଉପଲବ୍ଧ ହେବ। ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏହି ବିମାନ ଚଳାଚଳ ଆରମ୍ଭ ଦ୍ୱାରା ଓଡ଼ିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇପାରିବେ। ଏହାସହ ଗୁରୁବାରଠାରୁ ଭୁବନେଶ୍ୱରରୁ ବିଶାଖାପାଟଣାକୁମଧ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେଜଣ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଛନ୍ତି। ଅନ୍ତର୍ଜାତୀୟ ବିମାନସେବା ଶୁଭାରମ୍ଭକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେଶନ ପଲିସି ଅଧୀନରେ ଏହି ସେବା ଆରମ୍ଭ କରାଯାଇଛି। ଏହାଦ୍ୱାରା ମିଡିଲ ଇଷ୍ଟ ଦେଶଗୁଡିକ ସହ ଓଡ଼ିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ ଆମର ସମ୍ପର୍କ ଆହୁରି ସୁଦୃଢ଼ ହେବ। ଏହି ବିମାନର କାର୍ଗୋ ସେବାରେ ଆଜିବିଭିନ୍ନ ପନିପରିବା ସହ ୫୦ ଟନ୍ ଆମ୍ରପଲ୍ଲୀ ଆମ୍ବ ରପ୍ତାନି କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ତାଙ୍କ ସରକାର ସଡ଼କ ଓ ରେଳପଥ ସହ ଆକାଶପଥରେ ମଧ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ୍, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନସେବା ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ ବିମାନ ସଂଯୋଗ କରାଯାଇଛି।

# ଯାଜପୁର ଝାଡ଼ାବାନ୍ତି, ଆଉ ୩ ମୃତ

ଯାଜପୁର,୧୨ା୬(ହର୍ଷବର୍ଦ୍ଧନ ବେହେରା)



ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଜପୁରର ଏକ ରେଷ୍ଟୁରାଣ୍ଟରେ ଖାଦ୍ୟ ନମୁନା ସଂଗ୍ରହ କରାଯାଉଛି।

■ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଲା
■ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା
■ ୪ଦିନ ପରେ ବି କାରଣ ଅସ୍ପଷ୍ଟ
■ ଭ୍ରାମ୍ୟମାଣ ଟିମ୍ ଦ୍ୱାରା ଖାଦ୍ୟ, ଜଳ ନମୁନା ପରୀକ୍ଷା

ଯାଜପୁର ଜିଲାରେ ଗତ ୪ଦିନ ହେଲା ଝାଡ଼ାବାନ୍ତି ସଂକ୍ରମଣ ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ଏହି ରୋଗର କାରଣ ଜଣାପଡ଼ିନାହିଁ। ତେବେ ରସୁଲପୁର, ବଡ଼ଚଣା, କୋରେଇ ଓ ଦାନଗଦି ବ୍ଲକ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା କମିଛି। ହେଲେ ଯାଜପୁର ଓ ଦଶରଥପୁର ବ୍ଲକ ଅଞ୍ଚଳକୁ ଏହି ରୋଗ ବ୍ୟାପିବା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଗୁରୁବାର ଆଉ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବ୍ୟାସନଗର ପୌରାଞ୍ଚଳ ଚାନ୍ଦମା ୱାର୍ଡର ସନାତନ ପାଇକରାୟ(୪୭), ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତ ଝାଡଙ୍ଗା ଗ୍ରାମର ପବିତ୍ରା ଦାସ(୪୫) ଓ ଯାଜପୁର ବ୍ଲକ ଭୂଇଁପୁର ପଞ୍ଚାୟତ ମିତ୍ତ୍ରାଣି ଗ୍ରାମର ସେବତୀ ଘଡ଼େଇ(୭୫)। ସନାତନଙ୍କୁ ପ୍ରଥମେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ପ୍ରାଥମିକ ଚିକିତ୍ସା କରିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ପବିତ୍ରା ଓ ସେବତୀଙ୍କ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ଝାଡ଼ାବାନ୍ତିରେ ମୃତକଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ସ୍ୱାସ୍ଥ୍ୟସଚିବ ଅଶ୍ୱତୀ ଏସ. ଗୁରୁବାର ଅପରାହ୍ନରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୫୦ ନୂତନ ରୋଗୀ ଭର୍ତ୍ତି ହୋଇଥିବାବେଳେ ଏବେ ବି ୪୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଯାଜପୁର ସଦର ଡାକ୍ତରଖାନାରେ ପ୍ରାୟ ୧୦୦ ରୋଗୀ ଚିକିତ୍ସାଧୀନ ଅଛନ୍ତି।

ଝାଡ଼ାବାନ୍ତି ସଂକ୍ରମଣକୁ ଆଖି ଆଗରେ ରଖି ଜିଲାର ବିଭିନ୍ନ ସ୍ଥାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ଏକ ଭ୍ରାମ୍ୟମାଣ ପରୀକ୍ଷାଗାର କାର୍ଯ୍ୟାରମ୍ଭ କରିଛି। ଏଥିରେ ୨ ଜଣ ପରୀକ୍ଷକ ନମୁନା ସଂଗ୍ରହ ସହିତ ପରୀକ୍ଷା ଜାରି ରଖିଛନ୍ତି। ସଂକ୍ରମିତ ଅଞ୍ଚଳରେ ଥିବା ୩୧ ରେଷ୍ଟୁରାଣ୍ଟ, ଢାବା, ହୋଟେଲ, ଠେଲା, ଫୁଡ୍‌ଷ୍ଟଲରୁ ସମୁଦାୟ ୬୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରାୟ ୩୭ କେଜି ବାସି ଖାଦ୍ୟ ନଷ୍ଟ କରାଯାଇଛି। ୨୦ଟି ଜଳ ଓ ୨୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଛି। ଏଥିରେ ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଲାବରେଟୋରି କେମିଷ୍ଟ ପି. ସୁବୁଦ୍ଧି ଓ କର୍ମଚାରୀ ଅମର କୁମାର ଦାସ ସାମିଲ ହୋଇଛନ୍ତି।

# ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର, ୧୨ା୬(ସୁନିତ୍ ମିଶ୍ର)

■ ଭାଜପା ସରକାରର ହଲ୍‌ମାର୍କ ହେଉଛି ଲୋକଙ୍କ ସହ ଯୋଡ଼ିହେବାର ପ୍ରୟାସ: ମୁଖ୍ୟମନ୍ତ୍ରୀ
■ ୩୧୪ ବ୍ଲକ୍, ୧୧୫ ଏନ୍‌ଏସି, ୫ ମହାନଗର ନିଗମରେ ଗଢ଼ିବ ସ୍ୱତନ୍ତ୍ର 'ବିକାଶ ବାହନ'



ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡ୍‌ରେ କାମକରି ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିପାରୁଛି। ତାଙ୍କ ସରକାରଙ୍କ ଏକ ହଲ୍‌ମାର୍କ ହେଉଛି, ଲୋକଙ୍କ ସହ ଯୋଡ଼ିହେବାର ପ୍ରୟାସ। ଏହି ବର୍ଷକରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତୀକରଣ ସହ ଭିତ୍ତିଭୂମି ଏବଂ ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ବର୍ତ୍ତମାନ ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଜନସାଧାରଣଙ୍କୁ ଯୋଡ଼ିବାର ଆଉ ଏକ ପ୍ରୟାସ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗୀଦାରିର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏହାଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି। ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ବର୍ଷେ ପୂରଣ ଅବସରର ପ୍ରଶାସନକୁ ଜନସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ବ୍ଲକ୍, ୧୧୫ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ ମହାନଗର ନିଗମରେ ସ୍ୱତନ୍ତ୍ର 'ବିକାଶ ବାହନ' ଗଢ଼ିବ। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ୧ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ ଦେଖିପାରିବେ।

ଏହି ଅବସରରେ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି, ଲୋକଙ୍କ ଆଶୀର୍ବାଦରେ ଏବେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। ଏହି ଅବସରରେ ବିଧାୟକ ବାବୁ ସିଂ ଓ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ କମିଶନର ଗିରୀଶ ଏସ୍.ଏନ୍. ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୨ା୬(ରବିନାରାୟଣ ଜେନା)

**ବଦଳିଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ**

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ ଶ୍ୟାମଳି ମହାପାତ୍ରଙ୍କୁ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଲୋକାୟୁକ୍ତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ(ଏନ୍‌କ୍ୱାରୀ) ହରିଶ ଚନ୍ଦ୍ର ନାୟକଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ବବିତା ମହାନ୍ତିଙ୍କୁ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଶୁଭ୍ରା ମହାନ୍ତିଙ୍କୁ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ, ଉଷାରାଣୀ ଦାସଙ୍କୁ ସମବାୟ ବିଭାଗ ସ୍ୱତନ୍ତ୍ର ସଚିବ, ସୋଇନା ମିଶ୍ରଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ ସଚିବ, ସୁମିତ୍ରା କୁମାରୀ ପଟ୍ଟନାୟକଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ଆଶୁତୋଷ ସାମଲଙ୍କୁ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ଭୁବନେଶ୍ୱର(ଅତିରିକ୍ତ-ରିଭିଜନାଲ କୋର୍ଟ)ର ଅତିରିକ୍ତ ଆୟୁକ୍ତ, ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ମିଶନଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

ସେହିପରି ଯୋଗେନ୍ଦ୍ର ମାଝୀ ଏବଂ ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ଭୁବନେଶ୍ୱର ମହାନଗର ନିଗମର ଉପାୟୁକ୍ତ ଭାବେ ବଦଳି କରାଯାଇଥିବାବେଳେ ଦୁର୍ଗା ଚରଣ ମୁର୍ମୁଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ-ଉପସଚିବ, ସୁର୍ମୀ ସୋରେନଙ୍କୁ ନୂଆପଡ଼ା ଉପଜିଲାପାଳ, ଶରତ ମାଝୀଙ୍କୁ କୋରାପୁଟ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସିପକ କୁମାର ପାତ୍ରଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

# ପ୍ରଫୁଲ୍ଲଙ୍କୁ ସବୁ ସରକାରୀ ସହାୟତା ଯୋଗାଇଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨ା୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲା କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତ ପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ଖବର ପାଇ ତାଙ୍କୁ ଘର ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଏହା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରଫୁଲ୍ଲଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ। ଏହାସହ ତାଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ। ସୂଚନା ଅନୁଯାୟୀ ପ୍ରଫୁଲ୍ଲଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ ଯିବା ଆସିବା ପାଇଁ ଏକ ଧଳାବାଡ଼ି ଦିଆଯାଇଛି।




ରାଜ୍ୟରେ ସରକାରୀ ପରିବହନ ସେବାରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ଏବଂ ଘରୋଇ ପରିବହନ କ୍ଷେତ୍ରରେ ୫୦% ରିହାତି ଦାବିକରି ଏନ୍‌ଏସ୍‌ୟୁଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଆର୍‌ଟିଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ବିଦ୍ୟୁତ୍ ତାର ଲାଗି ଶିଶୁକନ୍ୟା ମୃତ

ଛେଣ୍ଡିପଦା,୧୨ା୬ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଭେଜିଡ଼ିହ ଗାଁରେ ଗୁରୁବାର ବିଦ୍ୟୁତ୍ ଆଘାତରେ ୭ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଲେ ପ୍ରଦୀପ ନାଏକଙ୍କ ଝିଅ ସାଲେନୀ ନାଏକ। ସୂଚନା ଅନୁଯାୟୀ, ଭେଜିଡ଼ିହ ଗାଁର ପ୍ରଦୀପଙ୍କ ଏକମାତ୍ର ଝିଅ ସାଲେନୀ ଗାଁ ଦାଣ୍ଡରେ ଖେଳୁଥିଲେ। ଜଣେ ପଡ଼ୋଶୀ ଚାଷ ଜମିକୁ ଇଲେକ୍ଟ୍ରି ତାର ହୁକ ପକାଇ ନେଇଥିବାବେଳେ ସାଲେନୀ ଉକ୍ତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଝିଅଙ୍କୁ ଉଦ୍ଧାର କରି ପ୍ରଥମେ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସାଲେନୀଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ଝିଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ହସ୍ପିଟାଲ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ବାଗଡ଼ିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସନ୍ତୋଷଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ବହନ କରିବେ ସରକାର

**ପରିବାରର ଜଣଙ୍କୁ ଚାକିରି, ୧୦ ଲକ୍ଷର ଅନୁକମ୍ପା ରାଶି ଘୋଷଣା କରାଯାଇଥିଲା**

ଭୁବନେଶ୍ୱର, ୧୨ା୬(ସୁନିତ୍ ମିଶ୍ର)

ଭଦ୍ରକ ତିହିଡ଼ି ଥାନା ଅଞ୍ଚଳରେ ୨ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସନ୍ତୋଷ ପରିଡ଼ାଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ବୁଧବାର ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଦେବା ଲାଗି ଘୋଷଣା କରାଯାଇଛି। ଏହାସହ ସନ୍ତୋଷଙ୍କ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

# ୨ ବାଇକ୍ ମଧ୍ୟରେ ଧକ୍କା, ୨ ମୃତ

ଅନୁଗୋଳ, ୧୨ା୬ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳ ସଦର ଥାନା ସାକସିଂହା ନିକଟରେ ଗୁରୁବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନତଡ଼ା ଗ୍ରାମର ଅଜୟ ବେହେରା (୧୯) ଓ ତେଲେଙ୍ଗାନା ରାଜ୍ୟର ଅନୀଲ ବଂଥଲା। ଏଥିସହ ୨ ଜଣ ସୁବ୍ରତ ପ୍ରଧାନ(୧୮), ସୁନୀଲ ବେହେରା (୨୦) ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ନତଡ଼ା ଗ୍ରାମର ଅଜୟ, ସୁବ୍ରତ ଓ ସୁନୀଲ ଏକ ବାଇକ୍ ଯୋଗେ ଅନୁଗୋଳ ଆଡ଼କୁ ଆସୁଥିଲେ। ଅପରପାର୍ଶ୍ୱରୁ ଅନ୍ୟ ଏକ ବାଇକ୍‌ରେ ଅନୀଲ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନତଡ଼ା ଗ୍ରାମର ଅଜୟଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ୩ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନୀଲଙ୍କୁ ମୃତ ଘୋଷଣା କରିଥିଲେ। ତେଲେଙ୍ଗାନାର ଅନୀଲ ଏଠାରେ ଏକ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ସାପ କାମୁଡ଼ାରେ ଦମ୍ପତି ମୃତ

ଚମ୍ପୁଆ,୧୨ା୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସୀମାନ୍ତ ତଥା ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅନ୍ତର୍ଗତ ଜରପାଇ ଗ୍ରାମରେ ସାପ କାମୁଡ଼ାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନନି ଜେରାଇ ଓ ତାଙ୍କ ସ୍ତ୍ରୀ କବିତା। ଘଟଣାରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଚମ୍ପୁଆ ନିକଟବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଜରପାଇ ଗ୍ରାମର ନନି ଓ ତାଙ୍କ ସ୍ତ୍ରୀ କବିତା ବୁଧବାର ରାତିରେ ଖାଇସାରି ଘରେ ଶୋଇଥିଲେ। ମଧ୍ୟରାତ୍ରିରେ ଉଭୟଙ୍କୁ ସାପ କାମୁଡ଼ିଥିଲା। ସକାଳେ ଦମ୍ପତି ଉଠି ନ ଥିବା ବେଳେ ୩ ଛୁଆ କାନ୍ଦୁଥିବା ଶୁଣି ଗ୍ରାମବାସୀ ନନିଙ୍କ ଘରକୁ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଦେଖି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ନନିଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ କବିତାଙ୍କ ମୃତ୍ୟୁ ଘଟିଥିଲା। ଜଗନ୍ନାଥପୁର ପୋଲିସ ମୃତଦେହ ଜବତ କରି ଚମ୍ପୁଆ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ଏଆଇ କ୍ୟାମେରା ଧରାଇବ ସରକାରୀ ବାବୁଙ୍କ ଆଟେଣ୍ଡାନ୍ସ

ଭୁବନେଶ୍ୱର, ୧୨ା୬(ସୁନିତ୍ ମିଶ୍ର)

**ଅଫିସ୍ ସମୟକୁ ଆଉ କେହି ଠକିପାରିବେନି**
■ ଦିନକୁ ଅତି କମ୍‌ରେ ସାଢ଼େ ୭ ଘଣ୍ଟା କାମ କରିବେ
■ କର୍ମଚାରୀଙ୍କଠାରୁ ଅଧିକାରୀଙ୍କ ଯାଏ ସମସ୍ତଙ୍କ ପାଇଁ ଲାଗିବ ବାୟୋମେଟ୍ରିକ୍
■ ମାସରେ ୩ ଦିନ ୩୦ ମିନିଟ୍ ବିଳମ୍ବରେ ଆସିଲେ ଗୋଟେ ଦିନ ଛୁଟି କଟିବ
■ ଲୋକସେବା ଭବନ, ଖାରବେଳ ଭବନରୁ ଆରମ୍ଭ ହେବ ପ୍ରକ୍ରିୟା

ସରକାରୀ ଅଧିକାରୀମାନଙ୍କ ଅଫିସ୍ ଆସିବା ଏବଂ ଯିବା ସମୟକୁ ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ଅଫିସ୍ ଯିବା ଆଉ ଆସିବା ସମୟରେ ଅଧିକାରୀମାନେ ଯେପରି ଠକି ନ ପାରିବେ ତାହା ଉପରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଛୋଟଠାରୁ ଆରମ୍ଭକରି ବଡ଼ବାବୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏଣିକି ଅଫିସ୍ ସମୟକୁ ମାନିବାକୁ ବାଧ୍ୟ। ଏଥିଲାଗି ସରକାର ସବୁ ବିଭାଗରେ ବାୟୋମେଟ୍ରିକ୍ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆହୁରି ମଧ କହିଛନ୍ତି, ଏଯାଏଁ କୌଣସି ବିଭାଗ ବାୟୋମେଟ୍ରିକ୍ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ମେମୋରାଣ୍ଡମ ପ୍ରକାଶ ପାଇଛି।

ସେଥିରେ ଉଲ୍ଲେଖ କରାଯାଇଛି, ସରକାର ସମୟାନୁବର୍ତ୍ତିତାକୁ ଏଣିକି ଗୁରୁତ୍ୱ ଦେଇଛନ୍ତି। ସୁଶାସନ ଲାଗି ଏହା ହେଉଛି ପ୍ରଥମ ଦାୟିତ୍ୱ। ଅଧିକାରୀମାନଙ୍କ ଯଥା ସମୟରେ ଅଫିସ୍ ପହଞ୍ଚିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଯାହା ସରକାରଙ୍କ ସମୟ ରହିଛି ତା' ପୂର୍ବରୁ ଅଧିକାରୀମାନେ ଅଫିସ୍‌ରେ ପହଞ୍ଚିବାକୁ ବାଧ୍ୟ। ଏହା ତଳିଆ କର୍ମଚାରୀଙ୍କଠାରୁ ଉଚ୍ଚପଦସ୍ଥ ଅଫିସରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପାଳନ କରିବେ। ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ସଂଖ୍ୟା କମାଇବା ଲାଗି ବିଭାଗଗୁଡିକ ଏଣିକି ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ କରିବେ। ଏହା ଏ ପର୍ଯ୍ୟନ୍ତ କୌଣସି ବିଭାଗରେ ଲଗାଯାଇ ନାହିଁ। ବାୟୋମେଟ୍ରିକ୍ ମେଶିନ ଯେପରି ଠିକ୍ ଭାବେ କାର୍ଯ୍ୟ କରିବ ତାହା ବିଭାଗର ଦାୟିତ୍ୱ। ଏନ୍‌ଆଇସି ଦ୍ୱାରା ଡେଭଲପ୍ କରାଯାଇଥିବା ପୋର୍ଟାଲ ସହ ଉକ୍ତ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ସଂଯୋଗ କରାଯିବ। ବିଭାଗ ପକ୍ଷରୁ ଜଣେ ଅଧିକାରୀ ଏହି ଦାୟିତ୍ୱରେ ରହିବେ। ସବୁ କର୍ମଚାରୀ ଏବଂ ଅଧିକାରୀମାନେ ଅଫିସ୍ ଆସିବା ଏବଂ ଯିବା ସମୟରେ ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂକରି ଯିବେ। ଯଦି କେହି ଯିବା ସମୟରେ କେହି ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂ ନ କରି ଚାଲିଯାଆନ୍ତି, ତେବେ ସେହିଦିନକୁ ଛୁଟିଦିନ ଭାବେ ଗଣାଯିବ। ରୋଷ୍ଟର ବେସିସ୍‌ରେ ଯଦି କେହି ଅଫିସ୍ ଆସନ୍ତି ତେବେ ବିଭାଗ ଏନେଇ ଅର୍ଡର ଜାରି କରିବେ। ଯଦି ମାସରେ କେହି ୩ ଦିନ ୩୦ ମିନିଟ୍ ବିଳମ୍ବରେ ଅଫିସ୍ ଆସନ୍ତି ତେବେ ତାଙ୍କ ଲିଭ୍ ଆକାଉଣ୍ଟରୁ ଗୋଟିଏ ଦିନ ମାଇନସ୍ କରାଯିବ। ଅନେକ କର୍ମଚାରୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସରକାରଙ୍କ କାମ କରୁଥିବା ଲକ୍ଷ୍ୟ କରାଯାଉଛି ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ଜଣେ କର୍ମଚାରୀ ପ୍ରତିଦିନ ଅତିକମ୍‌ରେ ସାଢେ ୭ ଘଣ୍ଟା ପାଇଁ କାର୍ଯ୍ୟ କରିବେ। ଯଦି ଅଫିସ୍ କାମରେ କେହି ବାହାରକୁ ଗସ୍ତ କରିଥାଆନ୍ତି ସେମାନଙ୍କ କ୍ଷେତ୍ରରେ ଅଫିସ୍ ଆସିବା ଏବଂ ଯିବା ବ୍ୟବସ୍ଥା ଯାହା କରାଯାଉଛି ତାକୁ ଲାଗୁ କରାଯିବ ନାହିଁ। ହେଲେ ଅଫିସ୍ ଗସ୍ତ କରିବା ସମ୍ପର୍କରେ ଅଧିକାରୀଙ୍କ ପକ୍ଷରୁ ଅର୍ଡର ଜାରି କରାଯିବା ଦରକାର। ଯେଉଁ ଅଧିକାରୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଲାଗି ଏହି ନିୟମ ଲାଗୁ କରାଯିବ ନାହିଁ।

ସରକାର ଏବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ୟାମେରା ବ୍ୟବହାର କରିବେ। ଏହାସହ କର୍ମଚାରୀଙ୍କ ଲାଗି ଆର୍‌ଆଇଡିଏଫ୍ ଆଇକାର୍ଡ ପ୍ରସ୍ତୁତ କରିବେ, ଯାହାଦ୍ୱାରା ସମସ୍ତଙ୍କ ଅଫିସ୍ ଆଟେଣ୍ଡାନ୍ସର ସବୁ ତଥ୍ୟ ଜଣାପଡ଼ିଯିବ। ଏହା ପ୍ରାଥମିକ ଭାବେ ଲୋକସେବା ଭବନ ଏବଂ ଖାରବେଳ ଭବନରେ ଆରମ୍ଭ କରାଯିବ। ଏହାପରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା ଚାଲୁ କରାଯିବ।

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୩/୨୦୨୫ | Bhubaneswar, Friday, June 13/2025 | ପୃଷ୍ଠା-୧

# ଭୟଙ୍କର ବିମାନ ଦୁର୍ଘଟଣା

## ଲଣ୍ଡନ ଯାଉଥିଲା ଏୟାର ଇଣ୍ଡିଆ ବିମାନ

| ଯାତ୍ରା କରୁଥିଲେ ୨୪୨ ଜଣ, ଜଣେ ବଞ୍ଚିଥିବା ସୂଚନା | ୧୬୯ ଭାରତୀୟ | ୫୩ ବ୍ରିଟିଶ ନାଗରିକ | ୭ ପର୍ତ୍ତୁଗୀଜ୍ | ୧ କାନାଡୀୟ / ୧୨ କ୍ରିଡ ମେମ୍ବର |
|---|---|---|---|---|



ଅହମଦାବାଦର ବି.କେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଗୁରୁବାର ଖସିପଡ଼ିଥିବା ଏୟାର ଇଣ୍ଡିଆ ଯାତ୍ରୀବାହୀ ବିମାନ।



ବିମାନ ଦୁର୍ଘଟଣାର ପୂର୍ବ ଓ ପର ସମୟର ଦୃଶ୍ୟ।

ଭାରତର ବିମାନ ସେବା କ୍ଷେତ୍ରରେ ଗୁରୁବାର ଘଟିଛି ଭୟାବହ ଦୁର୍ଘଟଣା। ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ- ଏଆଇ୧୭୧ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଉଡ଼ାଣ ଆରମ୍ଭ କରିବାର ମାତ୍ର ୫ ମିନିଟ୍ ମଧ୍ୟରେ ନିକଟସ୍ଥ ବି.କେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ି ଜଳିଯାଇଥିଲା। ଏଥିରେ ୧୨ କ୍ରିଡ ମେମ୍ବରଙ୍କୁ ମିଶାଇ ମୋଟ ୨୪୨ ଜଣ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀ ରମେଶ ବିଶ୍ୱାସ କୁମାର ବୁଚାର୍ଭାଦା ଦୁର୍ଘଟଣାର ଶେଷ ମୁହୂର୍ତ୍ତରୁ ଡେଇଁବାରେ ସଫଳ ହୋଇ ଜୀବନ ବଞ୍ଚାଇପାରିଛନ୍ତି। ବିମାନଟି ଖଣ୍ଡବିଖଣ୍ଡିତ ହୋଇ ହଷ୍ଟେଲ କୋଠା ଚାରିପାଖରେ ପଡ଼ିଥିବାବେଳେ ସେହି ଭିତରୁ ଅନ୍ୟ ଯାତ୍ରୀଙ୍କୁ ଜୀବନ୍ତ ଖୋଜା ଯାଇପାରିନାହିଁ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ 'ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ' ଏହାର ତଦନ୍ତ ଚଳାଇଛି। ଅନେକ ସୁରକ୍ଷା ବୈଶିଷ୍ଟ୍ୟ ଥିବା ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଏହା ପ୍ରଥମ ଦୁର୍ଘଟଣା ବୋଲି କୁହାଯାଉଛି।



## ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନିଙ୍କ ମୃତ୍ୟୁ

ଅଧିକ ରିପୋର୍ଟ ଓ ଫଟୋ: ପୃଷ୍ଠା-୩

# ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଲା ବିମାନ, ୫ ଛାତ୍ର ମୃତ

**ନୂଆଦିଲ୍ଲୀ/ଅହମଦାବାଦ,୧୨।୬**

ଲଣ୍ଡନ ଅଭିମୁଖେ ୨୪୨ ଜଣଙ୍କୁ ନେଇ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଗୁରୁବାର ଅପରାହ୍ନରେ ଗୁଜରାଟର ଅହମଦାବାଦ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରିଡ ସଦସ୍ୟ ଥିଲେ। ଶତାଧିକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ଏ ନମ୍ବର ସିଟ୍‌ରେ ଥିବା ଜଣେ ଯାତ୍ରୀ ଆହତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି।

ବିମାନଟି ଅହମଦାବାଦର ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ି ଜଳିଯାଇଛି। ଫଳରେ ଉକ୍ତ ହଷ୍ଟେଲର ୫ ଜଣ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଏବଂ ୪ ଜଣ ଅଣ୍ଡରଗ୍ରାଜୁଏଟ୍ ଛାତ୍ର ରହିଛନ୍ତି। ବିମାନଟି ଅପରାହ୍ନ ୧ଟା ୩୮ ମିନିଟ୍ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର ୫ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଲଣ୍ଡନ ପର୍ଯ୍ୟନ୍ତ ଦୀର୍ଘ ଦୂରତା ଯିବାକୁ ଥିବାରୁ ବିମାନରେ ଇନ୍ଧନ ଭରି ରହିଥିଲା। ତେବେ ଏହା ଅଧିକ ଉଚ୍ଚତା ପର୍ଯ୍ୟନ୍ତ ଉଠି ନପାରି ମାତ୍ର ୮୨୫ ଫୁଟ୍ ଉଚ୍ଚତାରେ ରହିଥିଲା। ଫଳରେ ବିପଦର ସମ୍ମୁଖୀନ ହୋଇଥିବା ନେଇ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ନିକଟକୁ କଲ୍ କରିଥିଲେ। ତେବେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରରୁ ବାରମ୍ବାର କଲ୍ ସତ୍ତ୍ୱେ କୌଣସି ଜବାବ ମିଳି ନ ଥିଲା। ବିମାନର ଭଗ୍ନାବଶେଷ ହଷ୍ଟେଲ ଡାଇନିଂ ହଲ୍‌ର କାନ୍ଥ ଭେଦ କରି ଲାଖି ରହିଥିବା ଦେଖାଯାଇଛି। ସେତେବେଳେ ହଷ୍ଟେଲ ଟେବୁଲରେ କେତେକ ପ୍ଲେଟ୍‌ରେ ଖାଦ୍ୟ ପରଷା ଯାଇଥିବା ଭିଡିଓରୁ ଦେଖିବାକୁ ମିଳିଛି।

ଅହମଦାବାଦରୁ ଲଣ୍ଡନର ଗାଟ୍‌ୱିକ୍ ଯାଉଥିବା ବିମାନ ନମ୍ବର ଏଆଇ୧୭୧ରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟିଶ ନାଗରିକ, ଜଣେ କାନାଡୀୟ ଏବଂ ୭ ଜଣ ପର୍ତ୍ତୁଗାଲ ନାଗରିକ ଥିଲେ। ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କର ଦୁର୍ଘଟଣାରେ ପରଲୋକ ହୋଇଥିବା ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେ ଏୟାର ଇଣ୍ଡିଆ ବିମାନରେ ଲଣ୍ଡନ ଯାଉଥିଲେ। ଦୁର୍ଘଟଣାସ୍ଥଳରେ ବିମାନର ପୋଡ଼ିଯାଇଥିବା ଭଗ୍ନାବଶେଷ ପଡ଼ିରହିଥିବାବେଳେ ବହଳ ଧୂଆଁ ଉଠୁଥିବା ଦେଖାଯାଇଛି। ଘଟଣାସ୍ଥଳରେ ଜରୁରୀ ସେବା କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲ ନେବା ଲାଗି ୨ ଡଜନରୁ ଅଧିକ ଆମ୍ବୁଲାନ୍ସ ନିୟୋଜିତ ଥିବା ଦେଖାଯାଇଛି। ଅହମଦାବାଦ ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଦୁର୍ଘଟଣାରେ ଏତେସଂଖ୍ୟାରେ ଲୋକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ କେଇର ଷ୍ଟାର୍ମରଙ୍କ ସମେତ ବହୁ ବିଶ୍ୱ ନେତା ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଶୋକପ୍ରକାଶ କରି ଏକ୍ସରେ ଲେଖିଛନ୍ତି, ଏହା ଅତ୍ୟନ୍ତ ହୃଦୟ ବିଦାରକ ଦୁଃଖ ଯାହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସେ ମୃତାହତଙ୍କ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହିତ ସହାୟତା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ଯୋଗାଯୋଗରେ ରହିଛନ୍ତି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରପୁଙ୍କ ସହ କଥା ହୋଇଛନ୍ତି। ସେମାନଙ୍କୁ ଅହମଦାବାଦ ଯାଇ କ୍ଷତିଗ୍ରସ୍ତଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଲଣ୍ଡନ ଯାଉଥିବା ବିମାନ ଦୁର୍ଘଟଣାକୁ ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର ଶୋକବ୍ୟକ୍ତ ☞ ପୃଷ୍ଠା-୨



## ବଞ୍ଚିଥିବା ଏକମାତ୍ର ଯାତ୍ରୀ ରମେଶ ବୁଚାର୍ଭାଦା

ଅହମଦାବାଦର ଭୟାବହ ବିମାନ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ରାତି ୯ଟା ସୁଦ୍ଧା ମିଳିଥିବା ଖବର ଅନୁଯାୟୀ, କେବଳ ଜଣେ ମାତ୍ର ଯାତ୍ରୀ ବଞ୍ଚିଯାଇଥିବା ସ୍ପଷ୍ଟ ହୋଇଛି। ଏହାକୁ ଏକ ଚମତ୍କାରୀ ବୋଲି ବିଶ୍ୱାସ କରାଯାଉଛି। ତାଙ୍କ ନାମ ରମେଶ ବିଶ୍ୱାସକୁମାର ବୁଚାର୍ଭାଦା। ସେ ଶେଷ ମୁହୂର୍ତ୍ତରେ ବିମାନରୁ ଡେଇଁ ପଡ଼ିଥିଲେ ବୋଲି ଜଣାପଡ଼ିଛି। ରମେଶ ନିଜକୁ ଦୁର୍ଘଟଣାରୁ ଉଦ୍ଧାର କରିବା ପରେ ଆହତ ଅବସ୍ଥାରେ ଚାଲି ଚାଲି ଯାଉଥିବା ଦେଖାଯାଇଛି।

**ଆଜିର ସମ୍ପାଦକୀୟ**
## ଟ୍ରମ୍ପଙ୍କ ଦୁର୍ବଳ ସ୍ଥିତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବମିଖାଲସ୍ଥିତ ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ୱାର୍ଡ ଅଫିସ, ବମିଖାଲ, ସମୟ: ସକାଳ ୯ଟା।
- ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଗଡ଼ିବ ବିକାଶ ବାହନ ରଥ, ସ୍ଥାନ: ସୋହରିଆ, ଜଳ ସୋହରିଆ, ପାଣିଷଣ୍ଡା, କଖଡ଼ା ଓ ଜଗନ୍ନାଥପୁର ପଞ୍ଚାୟତ, ଭୋଗରାଇ, ସମୟ: ସକାଳ ୯ଟା।
- ଛାତ୍ର କଂଗ୍ରେସ ତରଫରୁ ଆର୍‌ଟିଓଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଟିଓ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବିକାଶ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଦକ୍ଷିଣ ଓଡ଼ିଶା ବିକାଶ ରଥଯାତ୍ରା,ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ, ସମୟ: ସକାଳ ୭ଟା୩୦ ।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ବେଦ ପ୍ରବଚନ, ସ୍ଥାନ: ପାଡ଼ି ସେଲିବ୍ରେସନ, ଗିରିରୋଡ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଆଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

## ଢେଙ୍କାନାଳ

- ପ୍ରଥମ ବ୍ୟବସାୟିକ ଡ୍ରାଗନ ଫଳ ଉତ୍ପାଦନ, ସ୍ଥାନ: ଶ୍ରୀଗଣେଶ ଗ୍ରୀନଅର୍ଚ୍ଚାର, ବିମ୍ବୋଳ, ଭାପୁର, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ସ୍ୱାଗତ, ସ୍ଥାନ: ନେହେରୁ ବଙ୍ଗଳା ଜବାହାର ଅତିଥି ଭବନ, ପାରାଦୀପ , ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସୀମା ବିଦ୍ୟାପୀଠ ସ୍କୁଲ ପଡ଼ିଆ, ଗଡ଼ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ବରୁଣେଶ୍ୱର ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମାଛଧରା ବନ୍ଦର,ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କେରଡାଗଡ଼, ରାଜନଗର, ସମୟ: ସକାଳ ୯ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ପଞ୍ଚାୟତସ୍ତରୀୟ ବିକାଶ ବାହନ ଯାତ୍ରା, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ, ବୃନ୍ଦାଦେଇପୁର, ଜେନାପୁର, ମର୍ଜିତାପୁର, ମଧୁସୁଦନପୁର ପଞ୍ଚାୟତ, ସମୟ: ସକାଳ ୭ଟା୩୦।

## ନୟାଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ଇନ୍ଦିପଟା ୟୁପି ସ୍କୁଲ, ସମୟ: ସକାଳ ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞରେ ଅଙ୍କୁରାରୋପଣ, ସ୍ଥାନ: ନୟାଗଡ ବ୍ଲକ କଳାହାଣ୍ଡି ମୌଜାର ମା ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ତାରିଣୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତାରୀଣୀ ପୀଠ କର୍ଣ୍ଣିଲୋ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ବିକାଶ ମେଳା ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ମାଆ କେ ନାମ ଏକ ପେଡ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ତାରଗାଁ, ସମୟ: ସକାଳ ୮ଟା।
- ଅଯୁଷ୍ମାନ କାର୍ଡ ପ୍ରଦାନ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର, ସମୟ: ସକାଳ ୮ଟା ୪୦।
- ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ସକାଳ ୯ ଟା ୨୦।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ମଣ୍ଡେଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକଶିତ ଜିଲା ଓ ବିକଶିତ ଓଡିଶା ୨୦୩୬ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ : ଅପରାହ୍ନ ୨ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ବିକାଶ ବାହନ ସଚେତନ ଯାତ୍ରା, ସ୍ଥାନ: ହିକିମପୁଟ, ଥୁବା, ରାଇସିଂ, ସମୟ: ସକାଳ ୮ଟା।
- ସଚେତନ ବିକାଶ ରଥ ଉଦ୍‌ଘାଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୮ଟା।
- ବିକାଶ ବାହାନ ଯାତ୍ରା ଉଦ୍‌ଘାଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରହ୍ମକୁମାରୀ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ଉଦ୍‌ଘାଟନ,ସ୍ଥାନ:ବିଜୁ ପଟ୍ଟନାୟକ ବହୁମୁଖୀ କ୍ରିଡା ଭବନ,ସମୟ:ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ ଗୁଲୁଣ୍ଡା ଗ୍ରାମ, ସମୟ : ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ନିଃଶୁଳ୍କ ଟାଇକୋଣ୍ଡୋ ପ୍ରଶିକ୍ଷଣ ଶିବିର, ସ୍ଥାନ: ସେକ୍ଟର-୧ ପଡ଼ିଆ, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ପ୍ରଶାସନ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସାହିତ୍ୟ ଓ ଭାଷା ସରଳତା ଉପରେ ଆଲୋଚନା ସଭା, ସ୍ଥାନ: ନ୍ୟାଶନାଲ କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ମନ୍ଦିରରେ ଭଜନ ସନ୍ଧ୍ୟା, ସ୍ଥାନ: ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।
- ଡାଇମଣ୍ଡ ଭବନରେ ୫ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ରାତି ୮ଟା ୩୦।

## ବରଗଡ଼

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ଅମ୍ବାପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମନ୍ୱିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳା, ରକ୍ତଦାନ ଶିବିର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ

- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଜିଲା ପୋଲିସ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରୀ ଖେଳ ପଡିଆ, ବୌଦ୍ଧ: ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା।
- ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମସ୍ତ ବ୍ଲକ ଓ ଏନ୍ଏସି ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତ ସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ସରକାରୀ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କର କଟୁକ୍ତି ମନକୁ ବାଧିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ଆଶାଜନକ ସୁଫଳ ପାଇପାରିବେ।

**ବୃଷ** ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯାଇପାରେ। ଶୁକ୍ର ପ୍ରଭାବରୁ ସାହିତ୍ୟ, ବାଣିଜ୍ୟ,ଶିଳ୍ପ ଓ ଏଜେନ୍ସିପ୍ରରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜିର ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ** ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯାହା କରନ୍ତୁ କୌଣସି କାମରେ ପଛକୁ ହଟିବେ ନାହିଁ। ପିଲାଙ୍କ ଅଭିଯୋଗକୁ ଅଣଦେଖା କରିବା ସମସ୍ୟାର କାରଣ ହୋଇପାରେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ** କେନ୍ଦ୍ରସ୍ଥ ଶୁକ୍ର ହେତୁ ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ,ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ରବି ଦଶମ କେନ୍ଦ୍ରରେ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସହାୟତା ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ ସମାରୋହରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ।

**କନ୍ୟା** କର୍ମକ୍ଷେତ୍ରରେ ରାଶ୍ୟାଧିପ ଅବସ୍ଥାନ କରୁଥିବାରୁ ପାରିବାରିକ ସ୍ଥିତି ଭଲ ରହିବ। ଆର୍ଥିକ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ ବିଚାର ପାଇଁ ଚିନ୍ତା ବଢିପାରେ। ଆଇନ ଅଦାଲତରୁ ସୁଫଳ ପାଇବା ସାଙ୍ଗକୁ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ତୁଳା** ଆଜି ମନ ଅନୁଯାୟୀ କାମ କରିବାରେ ପ୍ରତିବନ୍ଧକ ରହିବନାହିଁ। ସତର୍କତା ଅଭାବରେ ଯାନବାହନ ଚାଳନାରେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରାଧାନ୍ୟତା ବଜାୟ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ସାଙ୍ଗକୁ ସମସ୍ୟାର ସରଳ ସମାଧାନ କରିପାରିବେ।

**ବିଛା** ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ମାନସିକ ଅସ୍ଥିରତା କାର୍ଯ୍ୟକୁ ଏପଟ ସେପଟ କରିଦେବ। ଖଳ ଲୋକଙ୍କ ଦ୍ୱାରା ଗୁଜବ ପ୍ରଚାର ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଅପ୍ରିୟ ସତ୍ୟ କହିବା ଦ୍ୱାରା ଭଲ ସମ୍ପର୍କ ଥିବା ବ୍ୟକ୍ତି ଭୁଲ ବୁଝିପାରନ୍ତି। ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ ହେବେ।

**ଧନୁ** ଚନ୍ଦ୍ର ପ୍ରଭାବରୁ ଯାତ୍ରା, ବାଣିଜ୍ୟ ଓ କର୍ମକ୍ଷେତ୍ରର ସ୍ଥିତି ଭଲ ରହିବ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବୁଧ ନକ୍ଷତ୍ରସ୍ଥ ବୃହସ୍ପତି ପ୍ରଭାବରୁ ଜଞ୍ଜାଳ ବଢ଼ିଯିବ। ଦେହ ଭଲ ରହିଲେ ମଧ୍ୟ ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**ମକର** ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ସହକର୍ମୀ କିମ୍ବା ବନ୍ଧୁବର୍ଗଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି କାମଗୁଡିକୁ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଉପହାର ଲାଭ ଯୋଗ ରହିଛି।

**କୁମ୍ଭ** ପରିବାର, ଲୋକସମ୍ପର୍କ କ୍ଷେତ୍ରରେ କିଛିଟା ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ପୂର୍ବରାଗକୁ ଦୋହରାଇ ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ କର୍ମପରିସରକୁ ବ୍ୟାପକ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବ ନାହିଁ।

**ମୀନ** ଆପଣଙ୍କ ପୂର୍ବ ସ୍ଥିରୀକୃତ କାମକୁ ଯଥା ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଟେନସନ୍ ଲାଗି ରହିବାରୁ ସଭାସମିତି, ପ୍ରଶାସନ, ରାଜନୀତି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଝଡ ସୃଷ୍ଟି ହେବ। ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ମହୋତ୍ସବରେ ନିଜକୁ ସାମିଲ କରିପାରନ୍ତି।

ଆଜି ଜୁନ୍ ୧୩ ତାରିଖ, ଆଷାଢ଼ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର- ପୂର୍ବାଷାଢା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ ଗତେ, ଘ.୦୬।୫୬ ମଧ୍ୟେ, ଘ.୧୨।୧୩ ଗତେ, ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ, ଘ.୧୧।୪୬ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ମେଡିକାଲ କଲେଜ...

କରିଛନ୍ତି। ଦୁର୍ଘଟଣା ଅତ୍ୟନ୍ତ ଭୟାବହ ଥିବା ଘଟଣାସ୍ଥଳର ଫଟୋରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି। ବିମାନ ଯାତ୍ରୀମାନଙ୍କ ପରିବାରକୁ ସେ ସମବେଦନା ଜଣାଇଛନ୍ତି। ଭାରତରେ ଥିବା ବ୍ରିଟିଶ ହାଇକମିଶନର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଦୁର୍ଘଟଣାର ତଥ୍ୟ ଜାଣିବା ଓ ସହାୟତା ପ୍ରଦାନ ଦିଗରେ ଉଦ୍ୟମ ଚଳାଇଛନ୍ତି। ବିଭାଗୀୟ ମନ୍ତ୍ରୀ ରାମମୋହନ ବ୍ୟକ୍ତିଗତ ଭାବେ ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ସମସ୍ତ ବିମାନ ଚଳାଚଳ ଓ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ପ୍ରଦାନ ପାଇଁ ଯାତ୍ରୀ ହେଲ୍ପଲାଇନ ନମ୍ବର ୧୮୦୦ ୫୬୯୧ ୪୪୪ ଜାରି କରାଯାଇଛି। ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଜାରି ବିବୃତି ଅନୁଯାୟୀ, ବିମାନ ଚଳାଉଥିବା ପାଇଲଟ କ୍ୟାପ୍‌ଟେନ ସୁମିତ ସଭରୱାଲଙ୍କର ୮,୨୦୦ ଘଣ୍ଟାର ଅଭିଜ୍ଞତା ଥିବାବେଳେ ଫାଷ୍ଟ ଅଫିସର କ୍ଲିଭ୍ କୁନ୍ଦରଙ୍କର ୧,୧୦୦ ଘଣ୍ଟାର ଅଭିଜ୍ଞତା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେ କଉଡ଼ି ଖା ପିଠା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା?**

ପଇସା ଦେଇ ଖାଇବା ପଦାର୍ଥ ଗ୍ରହଣ କର, ସିଧା କଥା। ପଇସା ଥିଲେ ସବୁ କିଛି ହାତମୁଠାରେ। ଟଙ୍କା ପଇସା ରୋଜଗାର କରିବା ପାଇଁ ପରିଶ୍ରମ ଲୋଡ଼ା। ତେଣୁ ପରିଶ୍ରମ ବିନା କିଛିବି ସମ୍ଭବ ନୁହେଁ, ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେବା ଦେବା କହୁଥିବା**
**ନାହିଁ ନ ଦେବା ନ କରିବା ।**

ହାତରୁ ଧନ ଥରେ ଅନ୍ୟ ହାତକୁ ଚାଲିଗଲେ ସହଜରେ ଆଉ ତାହା ଫେରି ଆସି ନ ଥାଏ। ନେଉଥିବା ବ୍ୟକ୍ତି ଆଜି ଦେବା କାଲି ଦେବା କହି ସମୟ ଗଡାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା କେବଳ ସାର ହୋଇଥାଏ। ଧାରୁଆ ବ୍ୟକ୍ତି ଋଣକରଜ ପରିଶୋଧ ନ କରିପାରି ଆଜିକାଲି କହି ଦିନ ଗଡ଼ାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅଲାରନାଥଙ୍କ ଅନବସର ଦର୍ଶନ ଆରମ୍ଭ

ବ୍ରହ୍ମଗିରି, ୧୨।୬(ସ୍ୱାଧିନ ଚମ୍ପତିରାୟ)

ପୁରୀ ଜିଲାର ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥ ଚତୁର୍ଭୁଜ ନାରାୟଣଙ୍କ ଅନବସର ଦର୍ଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଭୁ ଅଲାରନାଥଙ୍କ ଦର୍ଶନ ଓ ଖିରି ଭୋଗ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଗହଳି ଲାଗିଥିଲା। ତେବେ ଅନବସର ଦର୍ଶନ ୧୪ଦିନ ଧରି ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ନାନପୂର୍ଣ୍ଣିମା ଅବସରରେ ବୁଧବାର ଦାରୁଦିଅଁ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରହିଛନ୍ତି। ଅଣସର ପିଣ୍ଡିରେ ଦାରୁବିଗ୍ରହଙ୍କ ଗୁପ୍ତ ସେବା ଚାଲିଛି। ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ପଟିଦିଅଁ ଏବଂ ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଅନବସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନର ସମଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଗୁରୁବାର ପ୍ରଥମଦିନରେ ହିଁ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭୋର ୪ଟାରୁ ମନ୍ଦିର ଦ୍ୱାର ଫିଟା ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ


ପ୍ରଭୁ ଅଲାରନାଥ

ଲମ୍ବାଧାଡ଼ିରେ ଆସି ମନ୍ଦିରରେ ପ୍ରବେଶ କରି ଅଲାରନାଥଙ୍କୁ ଦର୍ଶନ କରିଥିଲେ। ଦିନତମାମ ଗହଳି ଲାଗିରହିଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ପ୍ରଶାସନର ଅବ୍ୟବସ୍ଥା ଭକ୍ତଙ୍କ ଭାବବେଗକୁ କଷ୍ଟ ଦେଇଛି। ଚଳିତ ବର୍ଷ ଶୃଙ୍ଖଳିତ ଓ ସୁବ୍ୟବସ୍ଥା କରିବା ପାଇଁ ପ୍ରଶାସନ ବାରମ୍ବାର ପ୍ରସ୍ତୁତି ବୈଠକ କରିଥିଲା। ହେଲେ ଏହାର ସୁଫଳ ମିଳିନାହିଁ। ଭକ୍ତଙ୍କୁ ଖରାରେ କଲବଲ ହେବାକୁ ପଡ଼ିଛି। ଏପରିକି ପାନୀୟଜଳ ବ୍ୟବସ୍ଥା ନ ଥିଲା। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିଲା। ମନ୍ଦିର ବାହାରେ ଜମିଥିବା ଆବର୍ଜନା ପାଣିରେ ଶ୍ରଦ୍ଧାଳୁମାନେ ଠିଆହୋଇ ଅପେକ୍ଷା କରିଥିଲେ। ସିଂହଦ୍ୱାର ନିକଟରେ ମୁତୟନ ଥିବା ପୋଲିସ ପାତରଅନ୍ତର ନୀତି ଆପଣାଇ ଗଳିବାଟରେ ସମ୍ପର୍କୀୟଙ୍କୁ ଛାଡୁଥିବାରୁ ଧାଡ଼ିରେ ଥିବା ଭକ୍ତମାନେ ବିରୋଧ କରିଥିଲେ। ପ୍ରଶାସନର ଅପାରଗତା ଯୋଗୁ ଅନେକ ସମସ୍ୟା ଭୋଗିବାକୁ ପଡ଼ିଛି ବୋଲି ଟାଙ୍ଗୀ ଅଞ୍ଚଳରୁ ଆସିଥିବା ରବିନାରାୟଣ ସାମନ୍ତସିଂହାରଙ୍କ କହିଥିବାବେଳେ ଅନ୍ୟ କେତେଜଣ ଶ୍ରଦ୍ଧାଳୁ ଅନୁରୂପ ଅଭିଯୋଗ ଆଣି କ୍ଷୋଭ ବ୍ୟକ୍ତ କରିଥିଲେ। ତେବେ ଏ ନେଇ ମନ୍ଦିର ପ୍ରଶାସନ ଦାୟିତ୍ୱରେ ଥିବା ବ୍ରହ୍ମଗିରି ତହସିଲଦାର ଶଶିଭୂଷଣ ମିଶ୍ର କହିଛନ୍ତି, ପ୍ରଥମ ଦିନରେ କିଛି ଅସୁବିଧା ହୋଇଥିବା ନଜରକୁ ଆସିଛି। ତେବେ ପଙ୍ଖା ଲଗାଯିବା ସହ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ଅନ୍ୟାନ୍ୟ ସମସ୍ୟା ଦୂର ଲାଗି ପଦକ୍ଷେପ ନିଆଯାଉଛି।

# ଭାଜପା ସରକାରଙ୍କ ବର୍ଷ ଏକ, ପ୍ରତାରଣା ଅନେକ: ଭକ୍ତ

ଭୁବନେଶ୍ୱର, ୧୨।୬(ରବିନାରାୟଣ ଜେନା)

ଭାଜପା ସରକାର ବର୍ଷକ ମଧ୍ୟରେ ତା'ର ସବୁ ପ୍ରତିଶ୍ରୁତିକୁ ପ୍ରତାରଣାରେ ରୂପାନ୍ତରିତ କରିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଥିଲା, ହେଲେ ଜଣେ ହେଲେ ବି ପ୍ରମୁଖ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବରଂ ସେମାନଙ୍କ ମଧ୍ୟରେ ଅନେକଙ୍କୁ ପଦୋନ୍ନତି ଦେବା ଭଳି ଦିଲ୍ଲୀକୁ ଡେପୁଟେଶନରେ ପଠାଯାଇଛି। ସେହିପରି ଅସ୍ମିତା ଦ୍ୱାହି ଦେଇ ଭାଜପା ସରକାରକୁ ଆସିଥିଲେ ମଧ୍ୟ ଗୋଟିଏ ବି କାର୍ଯ୍ୟ ବର୍ଷକ ଭିତରେ ହୋଇନାହିଁ। ମା' ମାନଙ୍କୁ 'ସୁଭଦ୍ରା'ରେ ୫୦ ହଜାର ଟଙ୍କା ଦେବାକୁ କହି ବର୍ଷକୁ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଦେଇଛନ୍ତି। ପୁଣି ୧୭ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଗଲେଣି ବୋଲି କରାଯାଉଥିବା ପ୍ରଚାର କେବଳ ସରକାରଙ୍କ ମିଛ ବାହୁସ୍ଫୋଟ ବୋଲି ଭକ୍ତ କହିଛନ୍ତି।

ସେ ପୁଣି କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ କଣାସ ପରେ ଯାଜପୁରରେ ଝାଡ଼ାବାନ୍ତିରେ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି। ସରକାର ତୁରନ୍ତ ସେଠାରେ ବିହିତ ପଦକ୍ଷେପ ନେବା ଆବଶ୍ୟକ ରହିଛି। ମହିଳାମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ତାହାକୁ ଗୁରୁତ୍ୱ ଦେବାର ଅଛି।

ଭକ୍ତ କହିଥିଲେ, ଭାଜପାର ପ୍ରତାରଣାକୁ ପଦାରେ ପକାଇବା ପାଇଁ ବର୍ଷ-୧, ପ୍ରତାରଣା ଅନେକ ସମ୍ପର୍କରେ ରାଜ୍ୟର ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଅସଲମୁଖା ଖୋଲିବେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ-ବଲାଙ୍ଗୀର, ଜୟଦେବ ଜେନା-ପୁରୀ, ପ୍ରସାଦ ହରିଚନ୍ଦନ-ବ୍ରହ୍ମପୁର, ତାରାପ୍ରସାଦ ବାହିନୀପତି-ବାଲେଶ୍ୱର, ଜଗନ୍ନାଥ ପଟ୍ଟନାୟକ- ସମ୍ବଲପୁର, ଅନନ୍ତ ପ୍ରସାଦ ସେଠୀ- କେନ୍ଦ୍ରାପଡ଼ା, ସିଏସ୍ ରାଜନ ଏକ୍କା- ରାୟଗଡ଼ା ଏବଂ ନିରଞ୍ଜନ ପଟ୍ଟନାୟକ- ଖୋର୍ଦ୍ଧାରେ ସାମ୍ବାଦିକ ସମ୍ମିଳନୀ କରିବେ।

ଏହି ଅବସରରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ଭାଜପାର ୨୩ଦଫା ନିର୍ବାଚନୀ ଇସ୍ତାହାର ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି ତାହାର ସବିଶେଷ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ରଜନୀ ମହାନ୍ତି ଓ ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ ଯାଏ ବର୍ଷିବ, ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୨।୬(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେଉଥିବାବେଳେ ୧୯ ତାରିଖଯାଏ ଏହା ଜାରି ରହିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ ଶୁକ୍ରବାର ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଆଦି ୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ତେଣୁ ଏହିସବୁ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାସହ ବିଜୁଳି ଓ ଘଡ଼ଘଡ଼ି ନେଇ ୨୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ଝଡ଼ବର୍ଷା ଫଳରେ ଆସନ୍ତା ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଗୁରୁବାର ଭୁବନେଶ୍ୱରରେ ସର୍ବାଧିକ ୧୨.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚାନ୍ଦବାଲିରେ ୧୨.୦, ବଲାଙ୍ଗୀରରେ ୫.୬ ଏବଂ ଗୋପାଳପୁର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ାରେ ୫.୦ ମିମି ଲେଖାଏ ବର୍ଷା ହୋଇଛି।



ଦୁର୍ଘଟଣାସ୍ଥଳରେ ଏୟାର ଇଣ୍ଡିଆ ବିମାନର ଭଗ୍ନାବଶେଷ ପଡ଼ିରହିଛି।



ଉଦ୍ଧାରକାରୀ ଟିମ୍ ଜଣେ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ନିକଟକୁ ନେଉଛନ୍ତି।

## ଇଞ୍ଜିନ୍ ଅଚଳ କିମ୍ବା ପକ୍ଷୀ ମାଡ଼ ଦୁର୍ଘଟଣାର କାରଣ ହୋଇପାରେ: ବିଶେଷଜ୍ଞ

**ଅହମଦାବାଦ,୧୨।୬(ପି.ଟି.)**

ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ୨ଟି କାରଣ ଥାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଉଭୟ ଇଞ୍ଜିନ୍ ଅଚଳ ହେବା କିମ୍ବା ଉଡ଼ାଣ ଆରମ୍ଭ ବେଳେ ପକ୍ଷୀ ସହ ମାଡ଼ହେବା କାରଣରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଥିବା ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୩ ଜଣ ବରିଷ୍ଠ ପାଇଲଟ୍ ତଥା ଇନ୍‌ଷ୍ଟ୍ରକ୍ଟରଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ସମୟର ଭିଡିଓକୁ ଅନୁଧ୍ୟାନ କଲେ ଯାହା ଜଣାଯାଏ ବିମାନ ଉପରକୁ ଉଠିବା ପାଇଁ ଇଞ୍ଜିନ୍ ଆବଶ୍ୟକ ଶକ୍ତି ପାଇ ନ ଥାଇପାରେ। ଫଳରେ ଉଡ଼ାଣର ମାତ୍ର କେଇ ମିନିଟ୍ ପରେ ଏହା ଜନବସତି ଅଞ୍ଚଳରେ ଖସିପଡ଼ିଲା। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ। ଗୋଟିଏ ଇଞ୍ଜିନ ଅକାମୀ ହୋଇଥିଲେ, ଏଭଳି ସ୍ଥିତି ଉପୁଜି ନ ଥାନ୍ତା ଟେକ୍‌ଅଫ୍ ସମୟରେ ବିମାନର ଫ୍ଲାପ୍ ଅପ୍ କିମ୍ବା ଲ୍ୟାଣ୍ଡିଂ ଗିଅର ଡାଉନ୍ ଥାଇପାରେ ବୋଲି ଜଣେ କମାଣ୍ଡର ଆଶଙ୍କା କରିଛନ୍ତି। ପକ୍ଷୀ ମାଡ଼ ହେବା କାରଣରୁ ଉଭୟ ଇଞ୍ଜିନ୍‌ରେ ନିଆଁ ଲାଗିଥାଇପାରେ ବୋଲି ଅନ୍ୟ ଜଣେ କହିଛନ୍ତି। ବିମାନର ଓଜନ ଏହାର ଟେକ୍‌ଅଫ୍ ବେଗକୁ ନିର୍ଦ୍ଧାରଣ କରିଥାଏ। ଯଦି ଆବଶ୍ୟକ ବେଗରୁ କମ୍ ରହେ, ତେବେ ଇଞ୍ଜିନ ବିମାନକୁ ଉଡ଼ାଇ ରଖିବାରେ ସମସ୍ୟା ହୋଇଥାଏ।

## ବିମାନ ଦୁର୍ଘଟଣା ମୃତକଙ୍କ ଡିଏନ୍‌ଏ ପରୀକ୍ଷା ହେବ

**ଅହମଦାବାଦ,୧୨।୬**

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିଚୟ ନିଶ୍ଚିତ କରାଇବା ପାଇଁ ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରାଯିବ ବୋଲି ଗୁଜରାଟର ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଡିଏନ୍‌ଏ ନମୁନା ସଂଗ୍ରହ ପାଇଁ ଅହମଦାବାଦ ସିଭିଲ୍ ହସ୍ପିଟାଲରେ ବ୍ୟବସ୍ଥା କରାଯାଇଛି। ମୃତକଙ୍କ ମାଆବାପା କିମ୍ବା ପିଲାମାନେ ସିଭିଲ୍ ହସ୍ପିଟାଲର ବିଜେ ମେଡିକାଲ କଲେଜର କସୋଟି ଭବନରେ ଡିଏନ୍‌ଏ ନମୁନା ଦେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଧନଞ୍ଜୟ ଦ୍ୱିବେଦୀ କହିଛନ୍ତି।

# ବିମାନ ଦୁର୍ଘଟଣାରେ ବିଜୟ ରୁପାନୀଙ୍କ ପରଲୋକ

**ଅହମଦାବାଦ,୧୨।୬**

ଅହମଦାବାଦ ନିକଟରେ ଗୁରୁବାର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ପରଲୋକ ଘଟିଥିବା ସ୍ପଷ୍ଟ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ତଥା ଗୁଜରାଟ ଭାଜପା ସଭାପତି ସି.ଆର୍. ପାଟିଲ ଗୁରୁବାର ସନ୍ଧ୍ୟାରେ ଏହା ଘୋଷଣା କରିଛନ୍ତି। ଭାଜପା ନେତା ରୁପାନି ରାଜକୋଟ ପଶ୍ଚିମ ଆସନରୁ ବିଜୟୀ ହୋଇ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୨ ଥର ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ଦୁର୍ଘଟଣାଗ୍ରସ୍ତ ବିମାନରେ ରୁପାନୀ ଯାତ୍ରା କରୁଥିଲେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଯଜ୍ଞେଶ ଡାଭେ କହିଛନ୍ତି। ସେ ବିଜନେସ୍ କ୍ଲାସ୍ (ଜେଡ୍ ବର୍ଗ)ରେ ଯାତ୍ରା କରୁଥିଲେ। ଲଣ୍ଡନରେ ଥିବା ତାଙ୍କ ସ୍ତ୍ରୀ ଅଞ୍ଜଳି ରୁପାନୀଙ୍କୁ ସେ ଆଣିବା ପାଇଁ ଯାଉଥିଲେ ବୋଲି ତାଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ରାଜକୋଟ ବାସଭବନରେ ଦୁଃଖର ବାତାବରଣ ଦେଖିବାକୁ ମିଳିଛି। ପଡ଼ୋଶୀ ଓ ଶୁଭେଚ୍ଛୁମାନେ ତାଙ୍କ ବାସଭବନ ନିକଟରେ ରୁଣ୍ଡ ହୋଇଛନ୍ତି।



ବିଜୟ ରୁପାନୀ

୧୯୫୬ ଅଗଷ୍ଟ ୨ରେ ମ୍ୟାନ୍‌ମାରର ୟାଙ୍ଗୁନ୍‌ସ୍ଥିତ ଏକ ଜୈନ ବଣିଆ ପରିବାରରେ ରୁପାନୀଙ୍କ ଜନ୍ମ। ବର୍ମାରେ ରାଜନୈତିକ ଅସ୍ଥିରତା ଯୋଗୁ ତାଙ୍କ ପରିବାର ୧୯୬୦ରେ ରାଜକୋଟ ପଳାଇ ଆସିଥିଲେ। ଏଲ୍‌ଏଲ୍‌ବି ଶିକ୍ଷା ପରେ ସେ ତାଙ୍କ ବାପାଙ୍କ ଦ୍ୱାରା ସ୍ଥାପିତ ରସିକଲାଲ୍ ଆଣ୍ଡ ସନ୍ସ ଟ୍ରେଡିଂ କମ୍ପାନୀର ଅଂଶୀଦାର ଥିଲେ ଓ ଷ୍ଟକ୍ ବ୍ରୋକର ଭାବେ କାର୍ଯ୍ୟ କରୁଥିଲେ। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରେ ଜଣେ ଛାତ୍ର କର୍ମୀ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ରେ ସାମିଲ ହୋଇଥିଲେ। ପରେ ୧୯୭୧ରେ ସେ ଜନସଂଘରେ ଯୋଗଦେଇଥିଲେ ଏବଂ ଭାଜପା ପ୍ରତିଷ୍ଠା ହେବା ପରେ ଏଥିରେ ରହିଥିଲେ। ୧୯୭୮ରୁ ୧୯୮୧ଯାଏ ସେ ଆର୍‌ଏସ୍‌ଏସ୍‌ର ପ୍ରଚାରକ ରହିଥିଲେ। ୧୯୮୭ରେ ସେ ରାଜକୋଟ ପୌର ନିଗମ କର୍ପୋରେଟର ନିର୍ବାଚିତ ହୋଇଥିବାବେଳେ ୧୯୮୮ରୁ ୧୯୯୬ ଏହାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରହିଥିଲେ। ୧୯୯୬ରୁ ୧୯୯୭ ସେ ରାଜକୋଟ ମେୟର ରହିବା ପରେ ୧୯୯୮ରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ। ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ରୁପାନୀ ୨୦୧୩ରେ ରାଜ୍ୟ ମ୍ୟୁନିସିପାଲ ଫାଇନାନ୍ସ ବୋର୍ଡର ଅଧ୍ୟକ୍ଷ ରହିଥିଲେ। ୨୦୧୪ ଉପନିର୍ବାଚନରେ ସେ ରାଜକୋଟ ପଶ୍ଚିମ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଆନନ୍ଦୀବେନ୍ ପଟେଲଙ୍କ ସରକାରରେ ସେ ପରିବହନ, ଜଳଯୋଗାଣ, ଶ୍ରମ ଓ ନିଯୋଜନ ମନ୍ତ୍ରୀ ଥିଲେ। ୨୦୧୬ ଫେବୃଆରୀ ୧୯ରେ ରାଜ୍ୟ ଭାଜପା ସଭାପତି ହୋଇଥିଲେ। ସେହିବର୍ଷ ଅଗଷ୍ଟ ୭ରେ ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

## ଭାରତରେ ୧୦ ବଡ଼ ବିମାନ ଦୁର୍ଘଟଣା



୨୦୨୦ରେ କେରଳର କାଲିକଟରେ ଦୁର୍ଘଟଣାଗ୍ରସ୍ତ ବିମାନ

- **ଅଗଷ୍ଟ ୭, ୨୦୨୦:** ଦୁବାଇରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ୧୩୪୪ କେରଳର କାଲିକଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲ୍ୟାଣ୍ଡିଂ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ମେ' ୨୨, ୨୦୧୦:** ଦୁବାଇରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ ୮୧୨ ମାଙ୍ଗାଲୋରସ୍ଥିତ ରନ୍‌ୱେରେ ଲ୍ୟାଣ୍ଡିଂ କରୁଥିବା ସମୟରେ କ୍ରାଶ୍ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ୧୫୮ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁଲାଇ ୧୭, ୨୦୦୦:** ପାଟନାରେ ଲ୍ୟାଣ୍ଡିଂ କରୁଥିବାବେଳେ ବୋଇଂ ୭୩୭ ବିମାନ କ୍ରାଶ୍ ହୋଇଯାଇଥିଲା। ଏଥିରେ ୬୦ ଜଣ ପ୍ରାଣ ହରାଇଥିଲେ।
- **ନଭେମ୍ବର ୧୨, ୧୯୯୬:** ଦିଲ୍ଲୀ ନିକଟସ୍ଥ ହରିୟାଣାର ଚାରଖି ଦାଦ୍ରିଠାରେ ସାଉଦି ଆରବିଆନ ଏୟାରଲାଇନ୍ସ ବୋଇଂ ୭୪୭ ଏବଂ କାଜାକିସ୍ତାନ ଏୟାରଲାଇନ୍ସ ମଝି ଆକାଶରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ବିମାନର ୩୪୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଏପ୍ରିଲ ୨୬, ୧୯୯୩:** ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ଟ୍ରକ୍ ଏବଂ ବିଦ୍ୟୁତ୍ ତାରରେ ଧକ୍କା ହୋଇ ୫୫ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଅଗଷ୍ଟ ୧୬, ୧୯୯୧:** ଇମ୍ଫାଲ ନିକଟରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୨୫୭ କ୍ରାଶ୍ ହୋଇଯାଇଥିଲା। ବିମାନରେ ଥିବା ୬୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଫେବୃଆରୀ ୧୪, ୧୯୯୦:** ବେଙ୍ଗାଲୁରୁରେ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ଇଣ୍ଡିଆନ ଏୟାରଲାଇନ୍ସର ଫ୍ଲାଇଟ୍ ୬୦୫ କ୍ରାଶ୍ ହୋଇଯିବାରୁ ୯୨ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଅକ୍ଟୋବର ୧୯, ୧୯୮୮:** ଅହମଦାବାଦରେ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ କ୍ରାଶ୍ ହୋଇ ୧୧୩ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁନ୍ ୨୧, ୧୯୮୨:** ମୁମ୍ବାଇ ଏୟାରପୋର୍ଟ ନିକଟରେ ଏୟାର ଇଣ୍ଡିଆ ଫ୍ଲାଇଟ ୪୧୩ କ୍ରାଶ୍ ହୋଇଯିବାରୁ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଜାନୁଆରୀ ୧, ୧୯୭୮:** ଏୟାର ଇଣ୍ଡିଆ ଫ୍ଲାଇଟ ୮୫୫ ଆରବ ସାଗରରେ କ୍ରାଶ୍ ହୋଇ ୨୧୩ ଜଣଙ୍କର ମୃତ୍ୟୁ ଘଟିଥିଲା।



ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାସ୍ଥଳରେ ନିଆଁ ଲିଭାଉଛନ୍ତି।



ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ବିମାନ ଖସିବା ବେଳେ କ୍ୟାଣ୍ଟିନ୍ ଡାଇନିଂ ଟେବୁଲରୁ ଖାଦ୍ୟ ଛାଡ଼ି ପିଲାମାନେ ପଳାଇଛନ୍ତି।

## ବିଶ୍ୱର ସବୁଠାରୁ ଭୟାବହ ବିମାନ ଦୁର୍ଘଟଣା

- **ଜାନୁଆରୀ ୨୯, ୨୦୨୫:** ଆମେରିକାନ୍ ଇଗଲ ଫ୍ଲାଇଟ ୫୩୪୨ ସହ ଆମେରିକୀୟ ସେନାର ୟୁଏଚ୍-୬୦ ବ୍ଲାକ୍ ହକ୍ ହେଲିକପ୍ଟର ଧକ୍କା ହୋଇଥିଲା। ଏଥିରେ ସମୁଦାୟ ୬୪ ଜଣ ପ୍ରାଣ ହରାଇଥିଲେ।
- **ଡିସେମ୍ବର ୨୯, ୨୦୨୪:** ଦକ୍ଷିଣ କୋରିଆର ମୁଆନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଜେଜୁ ଏୟାର ଇଣ୍ଟରନ୍ୟାଶନାଲ ଫ୍ଲାଇଟ ୭ସି୨୨୧୬ କ୍ରାଶ୍ ହୋଇଥିଲା। ଏଥିରେ ୧୭୫ ଜଣ ପାସେଞ୍ଜର ଏବଂ ୪ ଜଣ କ୍ରିଉ ସଦସ୍ୟଙ୍କର ମୃତ୍ୟୁ ଘଟିଥିଲା।
- **ମାର୍ଚ୍ଚ ୨୧, ୨୦୨୨:** ଦକ୍ଷିଣ-ପଶ୍ଚିମ ଚାଇନାର ଗୁଆଙ୍ଗ୍‌ଝି ଅଞ୍ଚଳରେ ବୋଇଂ ୭୩୭-୮୦୦ ବିମାନ କ୍ରାଶ୍ ହୋଇଥିଲା। ଏଥିରେ ୧୩୨ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜାନୁଆରୀ ୮, ୨୦୨୦:** ଇରାନର ତେହେରାନ ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ୟୁକ୍ରେନ୍ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ (ୟୁଆଇଏ)ର ବୋଇଂ ୭୩୭-୮୦୦ ବିମାନକୁ ଇରାନର ରିଭୋଲ୍ୟୁଶନାରୀ ଗାର୍ଡମାନେ ଖସାଇ ଦେଇଥିଲେ। ଏଥିରେ ବିମାନରେ ଥିବା ୧୭୬ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ମାର୍ଚ୍ଚ ୧୦, ୨୦୧୯:** ଇଥୋପିଆର ଆଦିସ୍‌ଆବାବାଠାରୁ କେନିଆର ନାଇରୋବି ଅଭିମୁଖେ ଉଡ଼ାଣ ଭରିବା ପରେ ଏକ ଇଥୋପିଆନ ଏୟାରଲାଇନ୍ସ ଜେଟ୍ କ୍ରାଶ୍ ହୋଇଯାଇଥିଲା। ଏଥିରେ ୧୫୭ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଅକ୍ଟୋବର ୨୯, ୨୦୧୮:** ଇଣ୍ଡୋନେସିଆର ଜାକର୍ତ୍ତାରୁ ଉଡ଼ାଣ ଭରିବା ପରେ ବୋଇଂ ୭୩୭ ମାକ୍ସ ଲାୟନ ଏୟାର ପ୍ଲେନ୍ ଜାଭା ସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁଲାଇ ୧୪, ୨୦୧୭:** ମାଲେସିଆନ୍ ଏୟାରଲାଇନ୍ସ ଫ୍ଲାଇଟ ଏମ୍‌ଏଚ୍୧୭ ନେଦରଲାଣ୍ଡ୍ସର ଆମଷ୍ଟରଡାମରୁ କୁଆଲାଲୁମ୍ପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ୟୁକ୍ରେନ୍‌ଠାରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏବଂ ୟୁକ୍ରେନୀୟ ସୈନ୍ୟଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷରେ ଉକ୍ତ ବିମାନକୁ ଖସାଇ ଦିଆଯାଇଥିଲା। ଏଥିରେ ୨୯୮ ଜଣ ପ୍ରାଣ ହରାଇଥିଲେ।



ଦୁର୍ଘଟଣାରେ ଭାଇଙ୍କ ମୃତ୍ୟୁ ଖବର ପାଇ ଜଣେ ମହିଳା ଭାଙ୍ଗିପଡ଼ିଛନ୍ତି।



ଉଦ୍ଧାରକାରୀ ଦଳ ମୃତଦେହ ଖୋଜୁଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

" ଅହମଦାବାଦ ବିମାନ ଦୁର୍ଘଟଣା ଏକ ହୃଦୟ ବିଦାରକ ବିପର୍ଯ୍ୟୟ ଘଟଣା। ପ୍ରଭାବିତ ଲୋକଙ୍କ ସହ ପୂରା ଦେଶ ରହିଛି।

**- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

" ଏହି ଦୁର୍ଘଟଣା ଦେଶବାସୀଙ୍କୁ ସ୍ତବ୍ଧ ଏବଂ ଦୁଃଖିତ କରିଛି। ଏହା ଅତ୍ୟନ୍ତ ହୃଦୟ ବିଦାରକ। ଉଦ୍ଧାରକାର୍ଯ୍ୟକୁ ନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲଙ୍କ ସହ ସମ୍ପର୍କରେ ରହିଛି।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

" ଏହି ଦୁର୍ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି**

" ବିମାନ ଦୁର୍ଘଟଣା ମର୍ମାହତ କରିଛି। ମୃତକଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

" ଅହମଦାବାଦ ବିମାନ ଦୁର୍ଘଟଣାରେ ଗଭୀର ଭାବେ ମର୍ମାହତ। କେନ୍ଦ୍ରୀୟ ବିପର୍ଯ୍ୟୟ ମୁକାବିଲା ବଳଗୁଡ଼ିକର ଅନେକ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି।

**- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

" ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ପରିବାର ବର୍ଗଙ୍କୁ ଯେଉଁ ଯନ୍ତ୍ରଣା ମିଳିଛି, ତାହା ଅକଳ୍ପନୀୟ। ଏହି କଷ୍ଟଦାୟକ ମୁହୂର୍ତ୍ତରେ ସେମାନଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

" ବିମାନ ଦୁର୍ଘଟଣାର ଦୃଶ୍ୟ ଅତ୍ୟନ୍ତ ଭୟାବହ। ଦୁର୍ଘଟଣାରେ ଅଧିକରୁ ଅଧିକ ଲୋକ ଈଶ୍ୱରଙ୍କ କୃପାରୁ ବଞ୍ଚିଯାଆନ୍ତୁ ବୋଲି କାମନା କରୁଛି।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

" ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏହାକୁ ନେଇ ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲଙ୍କ ସହ ଯୋଗାଯୋଗରେ ରହିଛି।

**- ଜେ.ପି. ନଡ୍ଡା. କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**

" ଅହମଦାବାଦର ବିମାନ ଦୁର୍ଘଟଣାରେ ଦୁଃଖିତ ଏବଂ ମର୍ମାହତ ରହିଛି।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

" ଏହି ବିମାନ ଦୁର୍ଘଟଣା ପୂରା ଦେଶକୁ ସ୍ତବ୍ଧ କରିଛି। ଅଧିକରୁ ଅଧିକ ଯାତ୍ରୀ ମୃତ୍ୟୁକୁ ପରାଜିତ କରନ୍ତୁ ଏହା ପୂରା ଦେଶ ଆଶା ବାନ୍ଧି ରହିଛି।

**- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ଏମ୍‌ପି**

# ଟ୍ରମ୍ପଙ୍କ ଦୁର୍ବଳ ସ୍ଥିତି



ଟିମୋଥି ସ୍ନିଡର

ବିଗତ ଦୁଇ ମାସ ମଧ୍ୟରେ ବିତ୍ତୀୟ ନିବେଶକମାନେ ଏକ ନୂଆ ବାଣିଜ୍ୟିକ ରଣନୀତି ଆବିଷ୍କାର କରିଛନ୍ତି। ଏହା ଏକ ସରଳ ନିୟମ ଟାକୋ (ଟିଏସିଓ) ବା ଟ୍ରମ୍ପ୍ ଅଲ୍‌ୱେଜ ଚିକେନ୍ସ ଆଉଟ୍‌କୁ ଆଧାର କରି କରାଯାଇଛି। ଆମେରିକାର ରାଷ୍ଟ୍ରପତି ମିତ୍ର ଓ ଶତ୍ରୁଦେଶଗୁଡ଼ିକ ଉପରେ ଅତ୍ୟଧିକ ଆମଦାନୀ ଶୁଳ୍କ ଲାଗୁ କରିବା କିମ୍ବା ଫେଡେରାଲ ରିଜର୍ଭର ଚେୟାରମ୍ୟାନଙ୍କୁ ହଟାଇବା ଧମକରୁ ପଛକୁ ହଟିଥିଲେ। ପରେ ସେ ପୁଣି ଟାରିଫ୍‌କୁ ଫେରିଛନ୍ତି। ଟ୍ରମ୍ପ୍ କେବଳ 'ଚିକେନ' ନୁହନ୍ତି ; ସେ ଶକ୍ତିଶାଳୀ ହେଲେ ମଧ୍ୟ ଜଣେ ଦୁର୍ବଳ ବ୍ୟକ୍ତି। ଅଧିକାଂଶ ଆମେରିକୀୟଙ୍କ ତୁଳନାରେ ଆମେରିକାର ବିରୋଧୀମାନେ ତାହାକୁ ଭଲ ଭାବେ ବୁଝିପାରିବେ।

ଅନେକ ଆମେରିକୀୟ ଟ୍ରମ୍ପ୍‌ଙ୍କୁ ଭୟ କରନ୍ତି। ଏଣୁ ସେମାନେ ଭାବନ୍ତି ଯେ, ଅନ୍ୟମାନେ ତାଙ୍କୁ ମଧ୍ୟ ଭୟ କରିବା ଦରକାର। କିନ୍ତୁ ଆମେରିକା ବାହାରେ ତାଙ୍କୁ କେହି ସେଭଳି ଭୟ କରନ୍ତି ନାହିଁ। ଆମେରିକାର ମିତ୍ରଦେଶଗୁଡ଼ିକ ସେହି ବ୍ୟକ୍ତିଙ୍କୁ ଭୟ କରନ୍ତି, ଯିଏ ଅନ୍ୟମାନେ ଗଢ଼ିଥିବା ବ୍ୟବସ୍ଥାକୁ ନଷ୍ଟ କରିଦେଇଥାନ୍ତି ଏବଂ ଆମେରିକାର ଶତ୍ରୁଦେଶଗୁଡ଼ିକ ଟ୍ରମ୍ପ୍ ଏବଂ ଏଲନ୍ ମସ୍କଙ୍କ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ଦ୍ୱାରା କରାଯାଇଥିବା କ୍ଷତିକୁ ନେଇ ଖୁସି ହେଉଛନ୍ତି। ନିକଟରେ ମସ୍କ ଯେତେବେଳେ ପଦତ୍ୟାଗ କଲେ, ସେତେବେଳେ ରୁଷିଆର ପ୍ରମୁଖ ରାଜନୈତିକ ନୀତି ନିର୍ଦ୍ଧାରକ ଆଲେକ୍‌ଜାଣ୍ଡର ଡୁଗିନ ମସ୍କଙ୍କ ପଦତ୍ୟାଗକୁ ନେଇ କହିଥିଲେ ଯେ, ସମଗ୍ର ପୃଥିବୀରେ ଆମେରିକାର ବିଦେଶୀ ସହାୟତାକୁ ବନ୍ଦ କରିବା, ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗକୁ ଦୁର୍ବଳ କରିବା ପଛରେ ଡିଓଜିଇର ଅଧିକ ସମର୍ଥନ ଥିଲା।

ଦେଖିବାକୁ ଗଲେ ଟ୍ରମ୍ପ୍ ଜଣେ ଦୃଢ଼ ବ୍ୟକ୍ତି। ତେବେ ସଂସ୍ଥାଗୁଡ଼ିକୁ ସେ ନଷ୍ଟ କରିବା ପରେ ତାଙ୍କ ପାଖରେ ଆଉ କ'ଣ ରହିଛି। କିନ୍ତୁ ସେ ଜଣେ ଦୁର୍ବଳ ବ୍ୟକ୍ତି, କାରଣ ଅର୍ଥ, ଅସ୍ତ୍ରଶସ୍ତ୍ର ଓ ଗୋଇନ୍ଦାକୁ ନିୟନ୍ତ୍ରଣ କରୁଥିବା ସରକାରୀ ବିଭାଗଗୁଡ଼ିକୁ ନଷ୍ଟ କରିବା ଯୋଗୁ ଏବେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ କାର୍ଯ୍ୟ କରିବା ପାଇଁ ବାସ୍ତବରେ ଆମେରିକା ପାଖରେ କୌଣସି ସାଧନ ନାହିଁ। ସେ କେବଳ ଟେଲିଭିଜନ ପରଦାରେ ଦୃଢ଼ବ୍ୟକ୍ତି ଏବଂ ଜଣେ ଜ୍ଞାନୀ ଭାବେ ନିଜକୁ ଉପସ୍ଥାପନ କରୁଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ ଶକ୍ତି ସମ୍ପୂର୍ଣ୍ଣ ଭାବେ ତାଙ୍କ ଦର୍ଶକଙ୍କ ଗ୍ରହଣୀୟତା ଯୋଗୁ ଗଢ଼ିଉଠିଛି। ତାଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନରେ ଏକ ଧାରଣା ସୃଷ୍ଟି କରିଛି ଯେ, ଟ୍ରମ୍ପ୍ ସବୁ କିଛିର ସମାଧାନ କରିବେ। ଏହା ନିଶ୍ଚିତ ଯେ, ଟ୍ରମ୍ପଙ୍କ କରିସ୍ମା ବା ଆକର୍ଷଣୀୟତା ହେଉଛି ଏକ ପ୍ରକାର ଶକ୍ତି। କିନ୍ତୁ ଏହା କୌଣସି ସମସ୍ୟା କ୍ଷେତ୍ରରେ ପ୍ରୟୋଗ ହୋଇ ନ ପାରେ ଏବଂ ଆମେରିକା ବାହାରେ ଏହାର ପ୍ରାସଙ୍ଗିକତା ରହି ନ ପାରେ। ଟ୍ରମ୍ପଙ୍କ ସପକ୍ଷବାଦୀମାନେ ଭାବୁଛନ୍ତି ଯେ, ଆମେରିକାର କୌଣସି ମିତ୍ର ଆବଶ୍ୟକ ନାହିଁ, କାରଣ ବିନା କାହାର ସାହାଯ୍ୟରେ ଏହାର ଶତ୍ରୁମାନଙ୍କୁ ଭୟଭୀତ କିମ୍ବା ଧମକ ଦେଇପାରିବ। କିନ୍ତୁ ଆମେ ଜାଣିଛେ, ଟ୍ରମ୍ପ୍ କାନାଡ଼ା କିମ୍ବା ମେକ୍ସିକୋ କ୍ଷେତ୍ରରେ ସେଭଳି କରିପାରିବେ ନାହିଁ, ଯେଭଳି



ଚାଇନା, ଇରାନ କିମ୍ବା ରୁଷିଆ ଭଳି ଅନ୍ୟମାନଙ୍କ ଉପରେ ପଦକ୍ଷେପ ନେଉଛନ୍ତି। ତାହା କେବଳ ଦେଶ ଭିତରେ ହିଁ କାମ କରିବ। ଅନେକ ବର୍ଷ ହେଲା ଟ୍ରମ୍ପ୍ ଶୋଭାଯାତ୍ରା ଓ ସୋସିଆଲ ମିଡିଆରେ ତାଙ୍କ ଦେଶର ବିରୋଧୀଙ୍କ ବିରୋଧରେ ହିଂସାକୁ ଉସୁକାଇ ଆସିଛନ୍ତି। ଯେଉଁମାନେ ଟ୍ରମ୍ପ୍‌ଙ୍କୁ ମାନୁଛନ୍ତି ଓ ତାଙ୍କୁ ଜଣେ ଶକ୍ତିଶାଳୀ ବ୍ୟକ୍ତି ବୋଲି ବିଚାର କରୁଛନ୍ତି, ତାହା ସେମାନଙ୍କର ଦୁର୍ବଳତା। ସେମାନଙ୍କର ଏହି ଦୁର୍ବଳତା ସାରା ପୃଥିବୀରେ ଶକ୍ତିଶାଳୀ ଭାବେ ପ୍ରତିପାଦନ କରିପାରିବ ନାହିଁ।

ଗତ କିଛି ମାସ ହେଲା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଲକ୍ଷ୍ୟ କରି ଟ୍ରମ୍ପ୍ ସୋସିଆଲ ମିଡିଆରେ ଦୃଢ଼ ଭାବନା ଓ କ୍ରୋଧ ପ୍ରକାଶ କରିଆସିଛନ୍ତି। ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ କରିବାକୁ ଦାବି କରିଛନ୍ତି। କିନ୍ତୁ ପୁଟିନ୍‌ଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ନାହିଁ। ଦେଶରେ ବିନା କାରଣ ହିଂସା ଉସୁକାଇବା ଭଳି ପଦକ୍ଷେପ ବିଦେଶ ନେତାଙ୍କ କ୍ଷେତ୍ରରେ କାମ କରିବ ନାହିଁ। ରୁଷିଆର ଇର୍‌ଚ୍ଛୁକ ସହରରେ କେହି ବି ପୁଟିନ୍‌ଙ୍କୁ ଧମକାଇବାକୁ କିମ୍ବା କ୍ଷତି କରିବାକୁ ବାହାରୁନାହାନ୍ତି। କାରଣ ଟ୍ରମ୍ପ୍ ଆଉ କିଛି ଇଣ୍ଟରନେଟରେ ପୋଷ୍ଟ କରିଥିଲେ। ଟ୍ରମ୍ପ୍ ପୋଷ୍ଟ କରିଥିବା କଟକଣା ଧମକକୁ ଜଣେ ଠିକ୍ ଭାବେ ବ୍ୟାଖ୍ୟା କରିପାରିବେ। ତାଙ୍କ କଥାର ଗୁରୁତ୍ୱ ରହିବ, ଯେତେବେଳେ ବାସ୍ତବରେ ଏକ ନୀତି ଥିବ କିମ୍ବା ଅନ୍ତତଃପକ୍ଷେ ସେଭଳି କିଛି ଗଠନ ହେବାର ସମ୍ଭାବନ ରହିଥିବ। କୌଣସି ନୀତି ନିର୍ଦ୍ଧାରଣ ପାଇଁ ଯୋଗ୍ୟ କର୍ମଚାରୀଙ୍କ ସହ ସଂସ୍ଥାଗୁଡ଼ିକ ରହିବା ଉଚିତ। କିନ୍ତୁ ଯେଉଁମାନେ ନୀତି ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବେ, ଟ୍ରମ୍ପ୍‌ଙ୍କ ପ୍ରଥମ ନୀତି ସେମାନଙ୍କ ବିରୋଧରେ ଥିଲା। ଉଦାହରଣ ସ୍ୱରୂପ, ଯେଉଁମାନେ ୟୁକ୍ରେନ୍ ଓ ରୁଷିଆ ସମ୍ପର୍କରେ ଜାଣିଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଟ୍ରମ୍ପ୍ ପ୍ରଶାସନର ପଦବୀରୁ ହଟିଗଲେଣି। ପରେ ୟୁକ୍ରେନୀୟ ସାର୍ବଭୌମତ୍ୱକୁ ନେଇ ରୁଷିଆକୁ ସୁହାଇଲା ଭଳି ଟ୍ରମ୍ପ୍‌ଙ୍କ ଅନିୟନ୍ତ୍ରିତ ପଦକ୍ଷେପଗୁଡ଼ିକ ଆସିଗଲା। ୟୁକ୍ରେନ୍ କିମ୍ବା ଅନ୍ୟ କୌଣସି ମିତ୍ରମାନଙ୍କୁ ନ ନେଇ ନିଜେ ଏଭଳି ପଦକ୍ଷେପ ସବୁ ନେଇଥିଲେ ମଧ୍ୟ ତାହା କାମ କଲା ନାହିଁ। ଟ୍ରମ୍ପ୍‌ଙ୍କ ସ୍ଥିତି ଏତେ ଦୁର୍ବଳ ଯେ, ପୁଟିନ୍ ସ୍ୱାଭାବିକ ଭାବେ ଧରିନେଇଥିଲେ ସେ ଅଧିକ କିଛି ପାଇପାରିବେ ଏବଂ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ବଢ଼ାଇପାରିବେ।

ଗୋଟିଏ ବିଷୟ ସ୍ପଷ୍ଟ ଯେ, ଟ୍ରମ୍ପ୍ ଶକ୍ତିଶାଳୀ ବୋଲି ମସ୍କୋରେ କେହି ବି ଭାବନ୍ତି ନାହିଁ। କାର୍ଯ୍ୟ କରୁଥିବା ସଂସ୍ଥା ଓ ଦକ୍ଷ ସିଭିଲ ସର୍ଭାଣ୍ଟ ବିନା ଟ୍ରମ୍ପ୍ ଚାହିଁଲେ ମଧ୍ୟ ରୁଷିଆକୁ ଧମକାଇ ପାରିବେ ନାହିଁ। କଟକଣା ଲଗାଇବା ପାଇଁ ଅଳ୍ପ କିଛି ନୁହେଁ, ଅଧିକ ଚାକିରିଆ ଦରକାର। ତେବେ ବିଦେଶୀ ସରକାରଗୁଡ଼ିକ ବିଶ୍ୱାସ କରିବା ଦରକାର ଯେ, ଆମେରିକାର ଜଣେ ଅତି ଧନୀ ବ୍ୟକ୍ତି ବିଶେଷଙ୍କଠାରୁ ଡିପାର୍ଟମେଣ୍ଟ ଅଫ୍ ଟ୍ରେଜରି (ଅର୍ଥ ବିଭାଗ) ବଡ଼। ଦୁର୍ଭାଗ୍ୟବଶତଃ, ସେମାନଙ୍କ ଗୋଇନ୍ଦା ସଂସ୍ଥାଗୁଡ଼ିକ ସକ୍ରିୟ ନାହାନ୍ତି। ଆମେରିକା ସରକାରଙ୍କ ସଂସ୍ଥାଗୁଡ଼ିକର କ୍ଷତି ଆମେରିକାର ଶତ୍ରୁମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରୁଛି। ତେବେ ରୁଷୀୟମାନେ ଆଶା କରିଥିଲେ, ଟ୍ରମ୍ପ୍ ନିଶ୍ଚିତ ଭାବେ ହ୍ୱାଇଟ୍ ହାଉସ୍‌କୁ ଫେରିବେ, କାରଣ ସେ ଆମେରିକାକୁ ଦୁର୍ବଳ କରିଛନ୍ତି ବୋଲି ସେମାନେ ବିଶ୍ୱାସ କରିଥିଲେ। ଏବେ ଟ୍ରମ୍ପ୍ ସିଆଇଏ ଏବଂ ଏଫ୍‌ବିଆଇକୁ ଧ୍ୱସ୍ତ କରିଦେଇଛନ୍ତି। ତୁଲ୍‌ସୀ ଗବାର୍ଡ, କାଶ୍ ପଟେଲ ଏବଂ ପାମ୍ ବୋଣ୍ଡିଙ୍କ ଭଳି ବ୍ୟକ୍ତିଙ୍କୁ ଗୋଇନ୍ଦା ଓ ଆମେରିକାର ଆଇନ ପ୍ରବର୍ତ୍ତନର ଦାୟିତ୍ୱ ଦେଇ ସେମାନେ କେବଳ ଭାବି ପାରନ୍ତି ଯେ, ସମୟ ତାଙ୍କ ସପକ୍ଷରେ ରହିଛି। ସେଥିପାଇଁ ୟୁକ୍ରେନ୍‌ରେ ଯୁଦ୍ଧ ବିରତି ପାଇଁ ଟ୍ରମ୍ପ୍‌ଙ୍କ ଦାବିକୁ ପୁଟିନ ଅଣଦେଖା କରିଛନ୍ତି। ପୁଟିନ ନିଶ୍ଚିତ ଯେ, ଟ୍ରମ୍ପ୍‌ଙ୍କ ନିଷ୍କ୍ରିୟ ଆମେରିକା ପ୍ରତିକ୍ରିୟା ପ୍ରକାଶ କରିବାକୁ ଅକ୍ଷମ। ପୁଟିନ ମଧ୍ୟ ନିଶ୍ଚିତ ଯେ, ୟୁରୋପୀୟ ଦେଶଗୁଡ଼ିକ ଦୂରେଇ ଯାଇଛନ୍ତି ଏବଂ ଅନେକ ବର୍ଷ ଯୁଦ୍ଧ ପରେ ୟୁକ୍ରେନୀୟମାନେ ତାହାକୁ ଜାରି ରଖିବାକୁ ଅକ୍ଷମ ହେବେ।

ଯାହା ରୁଷିଆ ପାଇଁ ସତ, ତାହା ମଧ୍ୟ ଚାଇନା ପାଇଁ ପ୍ରଯୁଜ୍ୟ। ଶକ୍ତିଶାଳୀ ହେଲେ ବି ଦୁର୍ବଳ ବ୍ୟକ୍ତି ଭାବେ ଟ୍ରମ୍ପ୍ ପରୋକ୍ଷରେ ଚାଇନାକୁ ସାହାଯ୍ୟ କରିଛନ୍ତି। ଟ୍ରମ୍ପ୍‌ଙ୍କ ପୂର୍ବରୁ ସମୟ ଚାଇନା ସପକ୍ଷରେ ନ ଥିଲା। ଆମେରିକାର ଏକ ପିଢ଼ିର ଧାରଣା ଥିଲା ଯେ, ଚାଇନା ଅର୍ଥ ବ୍ୟବସ୍ଥାରେ ଓ ସାମରିକ କ୍ଷେତ୍ରରେ ଆମେରିକାକୁ ଟପିଯିବ। ହେଲେ ଏହା ସ୍ପଷ୍ଟ ଯେ, ତାହା ଘଟିବାକୁ ଆଉ ବେଶୀ ଡେରି ନାହିଁ। ଚାଇନା ଅତୀତରେ ଯାହା ପାଇବାକୁ ସଂଗ୍ରାମ କରିଥିଲା, ତାହା ସହଜରେ ନେଇଯିବ। ୱାଲ୍‌ଷ୍ଟ୍ରିଟ ଟିଏସିଓ (ଟାକୋ) ବାଣିଜ୍ୟରୁ ସ୍ୱଳ୍ପ ମିଆଦୀ ଲାଭ ଉଠାଇପାରେ, କିନ୍ତୁ ୱିକ୍ ଷ୍ଟଙ୍ଗମ୍ୟାନ କ୍ଷତି ପହଞ୍ଚାଇବେ। ଟ୍ରମ୍ପ୍ ଆମେରିକାକୁ ଶକ୍ତିଶାଳୀ କରିଛନ୍ତି ବୋଲି ତାଙ୍କ ସମର୍ଥକମାନେ ବିଶ୍ୱାସ କରୁଥାଇପାରନ୍ତି, କିନ୍ତୁ ତାହା ଘଟିନାହିଁ। ଜଣେ ଶକ୍ତିଶାଳୀ ବ୍ୟକ୍ତି ଭାବେ ଟ୍ରମ୍ପ୍ ନୀତି, ଆଇନ ଏବଂ ସମ୍ପର୍କକୁ ନଷ୍ଟ କରିଦେଇଛନ୍ତି। ଜଣେ ଦୁର୍ବଳମନା ବ୍ୟକ୍ତି ଭାବେ ସେ ଏହାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି।

**ପ୍ରଥମ ଚେୟାରମ୍ୟାନ, ମଡର୍ନ ୟୁରୋପିଆନ ହିଷ୍ଟ୍ରି, ମଙ୍କ୍ ସ୍କୁଲ ଅଫ୍ ଗ୍ଲୋବାଲ ଆଫେୟାର୍ସ ଆଣ୍ଡ ପବ୍ଲିକ ପଲିସି (ୟୁନିଭର୍ସିଟି ଅଫ୍ ଟରୋଣ୍ଟୋ)**

# ସଫଳତା ଓ ସୁଯୋଗ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଜଣେ କାମଟିଏ ଆରମ୍ଭ କରିବାକୁ ଇଚ୍ଛା କଲା ମାତ୍ରେ ତାକୁ ପ୍ରଥମେ ଯାହାର ଆବଶ୍ୟକତା ଥାଏ ତାହା ହେଉଛି ସୁଯୋଗ। ସେହି ସୁଯୋଗ ହିଁ ସମସ୍ତଙ୍କୁ ମିଳେ ନାହିଁ କିମ୍ବା ଏମିତି କହିପାରିବା କିଏ ମିଳିଥିବା ସୁଯୋଗକୁ ଚିହ୍ନିପାରେନି। ଆଉ କିଏ କିଏ ତ ସୁଯୋଗ ପାଇ ମଧ୍ୟ ତାକୁ ହାତଛଡା କରିଦିଅନ୍ତି। ମାତ୍ର ଯିଏ ଠିକ୍ ସମୟରେ ସୁଯୋଗକୁ ଚିହ୍ନି, ସେ ଦିଗରେ କାର୍ଯ୍ୟ କରିଯାଏ, ସିଏ ହିଁ କାର୍ଯ୍ୟ ଆରମ୍ଭର ପ୍ରଥମ ସୋପାନକୁ ଉନ୍ନୀତ ହୁଏ। ତେବେ ଖାଲି ସୁଯୋଗ ମିଳିଗଲେ ତ କାର୍ଯ୍ୟସିଦ୍ଧି ହେବ ନାହିଁ, କାର୍ଯ୍ୟଟିକୁ ଆଗକୁ ବଢେଇବା ପାଇଁ ବା ସଫଳତା ନାମକ ଶୀର୍ଷସ୍ଥାନକୁ ପହଞ୍ଚିବା ପାଇଁ ଯେଉଁ କାରକଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ସହଯୋଗ। ଉଦାହରଣ ସ୍ୱରୂପ ଆପଣ ଗୋଟିଏ ଚାକିରି ପାଇଁ ଆବେଦନ କରିଛନ୍ତି। ଆପଣଙ୍କୁ ସାକ୍ଷାତକାର ପାଇଁ ଡକାଯାଇଛି। ସାକ୍ଷାତକାର ପରେ ଆପଣଙ୍କର ଚୟନ ହୋଇଛି ବୋଲି ସୂଚନା ମିଳିଛି। ଏଠାରେ ଆପଣ ଚାକିରି ପାଇଁ ମନୋନୀତ ହେବା ହେଉଛି ସୁଯୋଗ, ଯାହା ଜଣେ ନିଜ ଦକ୍ଷତା, କ୍ଷମତା, ଯୋଗ୍ୟତା ଦ୍ୱାରା ହାସଲ କରିପାରିଛି। ପରବର୍ତ୍ତୀ ସମୟରେ ଚାକିରିରେ ଯୋଗ ଦେବା ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ, ସମୟ ଓ ପରିସ୍ଥିତି ଉପରେ ହିଁ ନିର୍ଭର କରେ ଯେ କାମଟି କେତେ ସୁରୁଖୁରୁରେ ହୋଇପାରିବ। ସୁତରାଂ ବ୍ୟକ୍ତିକୁ ପରିବାର, ସାଙ୍ଗସାଥୀଙ୍କର ସହଯୋଗ ଆବଶ୍ୟକ ହୁଏ। ଯଦି ସହଯୋଗ ନ ମିଳିଲା ତେବେ ସେ କାମ କରିବାରେ ହେଳା କରେ କିମ୍ବା ନିରାଶ ହୋଇ କାର୍ଯ୍ୟ କରିବା ଛାଡ଼ିଦିଏ। କହିବା ବାହୁଲ୍ୟ କାର୍ଯ୍ୟଟିର ସଫଳତା ପାଇଁ ସୁଯୋଗଟିଏର ଯେତେ ଆବଶ୍ୟକତା ଅଛି, ସହଯୋଗର ମଧ୍ୟ ସେତିକି ଆବଶ୍ୟକତା ରହିଛି।

ତୃତୀୟ କାରକ ହେଉଛି ସ୍ୱାଧୀନତା, ଯାହାର ଅନୁପସ୍ଥିତି କାର୍ଯ୍ୟକୁ ଅସଫଳ କରିବାର କ୍ଷମତା ରଖେ। କାର୍ଯ୍ୟଟିକୁ ସଫଳତାର ଶୀର୍ଷ ଯାଏ ପହଞ୍ଚେଇବା ପାଇଁ ଯଦି ବ୍ୟକ୍ତିକୁ ସ୍ୱାଧୀନତା ନ ଦିଆଯାଏ, ଅର୍ଥାତ୍ ନାନା ବାରଣ, କଟକଣା, ବିରୋଧ କରାଯାଏ, କାର୍ଯ୍ୟଟି ସଫଳ ହେବା ଅସମ୍ଭବ ହୋଇପଡେ। ଯେମିତିକି ଚାକିରି ପାଇଁ ନିର୍ବାଚିତ ହେବା ପରେ ସାଥୀ କିମ୍ବା ପରିବାରର ସହଯୋଗ ମିଳିବା ପରେ ମଧ୍ୟ ଯଦି ବ୍ୟକ୍ତିକୁ ଅଯଥା ନିୟମ ଭିତରେ ବାନ୍ଧି ଦିଆଗଲା, ତା' ଇଚ୍ଛା ଅନୁଯାୟୀ କାମ କରିବାର ସ୍ୱାଧୀନତା ଦିଆଗଲା ନାହିଁ, ତେବେ ସେଇ କାମ କେବେହେଲେ ସଫଳ ହେବ ନାହିଁ। ମହିଳାମାନଙ୍କ କ୍ଷେତ୍ରରେ ଦେଖିଲେ ଯଦି ତାକୁ ଘର କାମ, ପିଲାଙ୍କ କାମ, ଘରର ବୟସ୍କ ଲୋକ ସମସ୍ତଙ୍କ କାମସାରି ଘରୁ ବାହାରି ଯିବାକୁ କିମ୍ବା ନିର୍ଦ୍ଦିଷ୍ଟ ସମୟ ଭିତରେ ଘରେ ଉପସ୍ଥିତ ହେବାକୁ ବାଧ କରାଯାଏ, ସେ ସୁଯୋଗ ଓ ସହଯୋଗ ପାଇଲେ ସୁଦ୍ଧା ସ୍ୱାଧୀନତା ଅଭାବରୁ କାମ କରିବାକୁ ସଫଳ ହୁଏ ନାହିଁ।

ସ୍ୱାଧୀନତାର କଥା ଯେତେବେଳେ ଉଠିଛି, କେଉଁ ପ୍ରକାରର ସ୍ୱାଧୀନତା ବ୍ୟକ୍ତିଟିଏ ସାଧାରଣତଃ ଲୋଡିଥାଏ, ତା' ଉପରେ ବି ବିବରଣୀ ଦେବା ଜରୁରୀ ମନେହୁଏ। ମୁଖ୍ୟତଃ ଚାରିପ୍ରକାର ସ୍ୱାଧୀନତା ଯଥା ସମୟ, ଅର୍ଥ, ସମ୍ପର୍କ ଏବଂ ଅଭିପ୍ରାୟଜନିତ ସ୍ୱାଧୀନତା ହିଁ ବ୍ୟକ୍ତିର ସଫଳତାର ପଥ ଉନ୍ମୋଚନ କରେ। ଜୀବନର ସେଇ ସମୟତକ ଯଦି ନିଜକୁ ପସନ୍ଦ ଥିବା ଲୋକଙ୍କ ଗହଣରେ, ନିଜକୁ ଭଲ ଲାଗୁଥିବା କାମ କରି ଅତିବାହିତ କରାଯାଇପାରିଲା ତେବେ ସେ ସମୟ ଏକ ସୁନ୍ଦର ସ୍ମୃତି ହୋଇ ରହିଯାଏ। କାମଟି କରିବା ବେଳେ ଆବଶ୍ୟକ ହେଉଥିବା ନୂଆ ପଦ୍ଧତି, ପ୍ରକାର ପାଇଁ ଯଥେଷ୍ଟ ଅର୍ଥ ଦରକାର ହୁଏ, ଯାହାକୁ କାହାର ଚାପ, ବାରଣ କିମ୍ବା ବାଧ ବାଧକତାରେ କଲେ ତୀବ୍ର ଅସନ୍ତୋଷ ମିଳେ। ଆଉ ପୁଣି ଏଭଳି ଲୋକଙ୍କ ସାନ୍ନିଧ୍ୟ ଯାହାକୁ ଆପଣ ପ୍ରଶଂସା କରନ୍ତି ବା ଯିଏ ଆପଣଙ୍କୁ ପ୍ରେରିତ ଓ ଉତ୍ସାହିତ କରେ, ସେମାନଙ୍କ ସହ ମିଶି କାମ କଲେ ଆପଣ ଖୁସି ରହିବା ସହିତ ଲକ୍ଷ୍ୟସ୍ଥଳକୁ ସହଜ ଏବଂ ଶୀଘ୍ର ପହଞ୍ଚି ପାରିବେ। ଶେଷ ସ୍ୱାଧୀନତା ହେଉଛି ଅଭିପ୍ରାୟକୁ ନେଇ, ଯାହା ଠିକ୍ ରହିଲେ ଆଶ୍ଚର୍ଯ୍ୟଜନକ ସଫଳତା ହସ୍ତଗତ ହେବାର ନଜିର ରହିଛି। ଉପରୋକ୍ତ ଚାରୋଟି କ୍ଷେତ୍ରରେ ସ୍ୱାଧୀନତା ମିଳିଲେ ବ୍ୟକ୍ତିର କାର୍ଯ୍ୟଶୈଳୀ, ନିଷ୍ପତ୍ତି ନେବା କ୍ଷମତା, ସମ୍ପର୍କ ସ୍ଥାପନ କ୍ରମେ ସ୍ପଷ୍ଟ ଏବଂ ଉନ୍ନତ ହୁଏ, ଯାହା ସଫଳତା ହାରକୁ ବୃଦ୍ଧି କରିବାରେ ସହାୟକ ହୁଏ। ଏଣୁ ଉପରୋକ୍ତ ସମ୍ୟକ ଆଲୋଚନା ପରେ ଆମେ ଏହି ନିର୍ଯ୍ୟାସରେ ପହଞ୍ଚିବା ଯେ ଆଲୋଚିତ ତିନୋଟି କାରକ ଯଥା ସୁଯୋଗ, ସହଯୋଗ ଓ ସ୍ୱାଧୀନତା ଏହି ତିନୋଟିରୁ ଯେକୌଣସି ଗୋଟିଏକୁ ବାଦ୍ ଦେଲେ ସଫଳତା ହାସଲ କରିବା ଅସମ୍ଭବ।

**ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ଅରୁଣାଚଳପ୍ରଦେଶର ଜଣେ ମହିଳା ତାଙ୍କ ଗାଁରେ ପାରମ୍ପରିକ ଆଡ୍‌ଲେ ମିଲେଟ (ଏକ ପ୍ରକାର ମାଣ୍ଡିଆ) ଚାଷର ପୁନରୁଦ୍ଧାର କରିପାରିଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ଡିମୁମ୍ ପରଟିନ୍। ତାଙ୍କୁ ବୟସ ଏବେ ୩୨। ତାଙ୍କ ଆଇମା' ଏହି ଚାଷ କରୁଥିଲେ ଓ କାଳକ୍ରମେ ତାହା ଆଉ ହୋଇପାରିଲା ନାହିଁ। ବିହନ ମଧ୍ୟ ଧୀରେ ଧୀରେ ବୁଡ଼ିଯାଇଥିଲା। ତେବେ ଡିମୁମ୍‌ଙ୍କ ଚେଷ୍ଟା ଯୋଗୁ ଏବେ ଗାଁରେ ଲୋକେ ଏହି ମିଲେଟ ଚାଷ କରୁଛନ୍ତି। ଡିମୁମ୍ ଚାକିରି କରିଥିଲେ ଓ ତାହାକୁ ଛାଡ଼ି ୨୦୨୧ରେ ଗାଁକୁ ଫେରି ଚାଷ ଆରମ୍ଭ କରିଥିଲେ। କିନ୍ତୁ ପାରମ୍ପରିକ ମିଲେଟ ବିହନ ସଂଗ୍ରହ କରିବାକୁ ତାଙ୍କୁ ବହୁ ସମୟ ଲାଗିଯାଇଥିଲା। ପରେ ଗାଁରେ ୮୦ ମହିଳାଙ୍କୁ ଏକାଠି କରି ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ 'ଜେପୋ ଆଲି' ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଜେପୁ ଅର୍ଥ ଆରାମ ଓ ଆଲି ଅର୍ଥ ହଳଦିଆ ବିହନ। ତେବେ ତାଙ୍କ ଟିମ୍ ଏହି ଚାଷକୁ ବଣୁଆ ମାଙ୍କଡ଼ ଓ ହାତୀଙ୍କ ମହଁରୁ ବଞ୍ଚାଇ ଉତ୍ପାଦନ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏହାକୁ ଏବେ ସେ ବିଦେଶରେ ବି ପହଞ୍ଚାଇଛନ୍ତି। ମିଲେଟ ଚାଷକୁ ବ୍ୟାପକ କରିବା ପାଇଁ ସେ ଏକ ସିଡ୍‌ଥ ବ୍ୟାଙ୍କ ମଧ୍ୟ କରିଛନ୍ତି। ଏଠାରୁ ଚାଷୀମାନଙ୍କୁ ଶସ୍ତାରେ ବିହନ ଯୋଗାଇ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୩ ଜୁନ୍ ୧୯୭୬**

- ନୂତନ ସାହିତ୍ୟ ସୃଷ୍ଟି ଲାଗି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏକ ନୂତନ ଯୋଜନା ପ୍ରବର୍ତ୍ତନ କରାଯାଇଛି।
- ସିମ୍‌ଲାସ୍ଥିତ ଛମ୍ବାପଟ୍ଟନଠାରେ ଏକ ଡଙ୍ଗା ନଦୀରେ ଓଲଟି ପଡ଼ିବା ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ଭାରତୀୟ ଖାଦ୍ୟ କର୍ପୋରେସନ ମିଶରରୁ ୧୦ ହଜାର ଟନ ଚାଉଳ ଆମଦାନୀ ନେଇ ଏକ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 9 | | | |
| | | | 1 | 3 | | | | 2 |
| 9 | | | | | | | | |
| | | | | 5 | 2 | 9 | 1 | 6 |
| | | | 7 | 6 | | | | 4 |
| | | | | | | 2 | | |
| 8 | | 3 | | | | 4 | | |
| | | 1 | 8 | 7 | | | 6 | |
| | | | | | 4 | 8 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 9 | 3 | 8 | 4 | 7 | 6 |
| 8 | 4 | 3 | 7 | 6 | 1 | 9 | 2 | 5 |
| 9 | 6 | 7 | 2 | 4 | 5 | 8 | 3 | 1 |
| 3 | 9 | 5 | 4 | 2 | 7 | 6 | 1 | 8 |
| 1 | 2 | 6 | 8 | 5 | 9 | 3 | 4 | 7 |
| 4 | 7 | 8 | 6 | 1 | 3 | 5 | 9 | 2 |
| 7 | 1 | 4 | 3 | 8 | 6 | 2 | 5 | 9 |
| 6 | 3 | 9 | 5 | 7 | 2 | 1 | 8 | 4 |
| 5 | 8 | 2 | 1 | 9 | 4 | 7 | 6 | 3 |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ ସଙ୍କଟ ଓ ପ୍ରତିକାର



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଏକ ଚମତ୍କାର ସାମଗ୍ରୀ ରୂପେ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ ମାନବଜାତିର ନିର୍ଭରଶୀଳତା କ୍ରମଶଃ ଯେତିକି ବୃଦ୍ଧିପ୍ରାପ୍ତ ହେଉଛି, ବୈଜ୍ଞାନିକ ଗବେଷଣାଲବ୍ଧ ତଥ୍ୟସବୁ ଏହାର ନକାରାତ୍ମକ ଦିଗକୁ ସେତେ ସ୍ପଷ୍ଟ ଭାବରେ ଉନ୍ମୋଚିତ କରୁଛି। ଏକ ବୈପ୍ଳବିକ ପରିବର୍ତ୍ତନକାରୀ ସାମଗ୍ରୀ ରୂପେ ବିଂଶ ଶତାବ୍ଦୀରେ ଯାହାର ପ୍ରୟୋଗ କ୍ରମେ ଶିଳ୍ପ ଦୃଶ୍ୟପଟକୁ ନିର୍ଣ୍ଣାୟକ ଭାବରେ ପରିବର୍ତ୍ତିତ ଏବଂ ଦୈନନ୍ଦିନ ଜୀବନରେ ବ୍ୟାପକ ଉନ୍ନତି ସାଧନ କରିଥିଲା, ତାହା ସମ୍ପ୍ରତି ଏକବିଂଶ ଶତାବ୍ଦୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ଆହ୍ୱାନ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ରୂପେ ପରିଗଣିତ ହେଉଛି। ଏହାର ସୁଦୀର୍ଘ ଜୀବନ ଅବଧି, ଅ-ଜୈବବିଘଟନଶୀଳ ପ୍ରକୃତି ଏବଂ ଗ୍ରହ ଉପରେ ବିନାଶକାରୀ ପ୍ରଭାବ ଯୋଗୁ ଏହା ଜୀବଜଗତର ଶତ୍ରୁ ରୂପେ ଉଭା ହୋଇଛି। ପ୍ରଲମ୍ବିତ ସମୟ ବାହ୍ୟ ପରିବେଶରେ ଜମିରହି ପ୍ଲାଷ୍ଟିକ ପଦାର୍ଥ ବିଶ୍ୱର କୋଣ ଅନୁକୋଣରେ କେବଳ କୁତ୍ସିତ ଦୃଶ୍ୟ ଓ ପ୍ରଦୂଷଣ ସୃଷ୍ଟିର କାରଣ ହେଉନାହିଁ, ଏହା ବିଭିନ୍ନ ପରିବେଶୀୟ ଚାପର ବଶବର୍ତ୍ତୀ ହୋଇ ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ ପରି କ୍ଷୁଦ୍ର, ଅଦୃଶ୍ୟ କଣିକାରେ ପରିଣତ ହେଉଛି। ଏସବୁ ବିଷାକ୍ତ କଣିକା ପାନୀୟ ଜଳ, ନିଃଶ୍ୱାସର ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଜୀବଜନ୍ତୁ ତଥା ମାନବ ଶରୀରରେ ପ୍ରବେଶ କରି ଅଜ୍ଞାତରେ ବହୁ ସ୍ୱାସ୍ଥ୍ୟ ସମସ୍ୟା, ଏପରି କି କର୍କଟ ରୋଗର କାରଣ ପାଲଟୁଛି। ପ୍ଲାଷ୍ଟିକପ୍ରଦୂଷଣକୁରୋକିବା ପାଇଁପ୍ଲାଷ୍ଟିକସମସ୍ୟାର ସମାଧାନ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଏହାକୁ ଏକ ଜନ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ବିଶ୍ୱବ୍ୟାପୀ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରାଯିବା ଦରକାର। ଏହା ବ୍ୟକ୍ତି, ନାଗରିକ ସମାଜ, ବ୍ୟବସାୟ, ଶିଳ୍ପ ସଂସ୍ଥା ଏବଂ ସରକାର, ସମସ୍ତଙ୍କୁ ପ୍ଲାଷ୍ଟିକ ଅପଚୟ ହ୍ରାସ କରିବା ଏବଂ ସହନୀୟ ଅଭ୍ୟାସକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରୋତ୍ସାହିତ କରିବ। ସମ୍ପ୍ରତି 'ଗ୍ଲୋବାଲ ପ୍ଲାଷ୍ଟିକ୍ସ ହବ' ନାମରେ ଏକ ପ୍ରମୁଖ ବୈଶ୍ୱିକ ଡିଜିଟାଲ ପ୍ଲାଟଫର୍ମ ସ୍ଥାପିତ ହୋଇଛି, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ସମାପ୍ତି ନିମନ୍ତେ ଆବଶ୍ୟକ ତଥ୍ୟ, ଜ୍ଞାନ ଏବଂ ସହଯୋଗ ପ୍ରଦାନ କରି ବିଶ୍ୱ ପରିବେଶ, ମାନବ ସୁସ୍ଥତା ଏବଂ ପ୍ରାଣୀ କଲ୍ୟାଣ ସାଧନର ଲକ୍ଷ୍ୟ ରଖେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍‌ର ଲୋକପ୍ରିୟତାରେ ବ୍ୟାପକ ବୃଦ୍ଧି ଏବଂ ଉତ୍ପାଦନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସଂଘଟିତ ହେଲା। ପ୍ଲାଷ୍ଟିକ ପ୍ରସ୍ତୁତିରେ ବ୍ୟବହୃତ ଉଚ୍ଚ ସାନ୍ଦ୍ରତା ବିଶିଷ୍ଟ ପଲିମର ଆବିଷ୍କାର ନିମନ୍ତେ ୧୯୬୩ରେ କାର୍ଲ ଜିଗଲର୍ ଏବଂ ଗିଉଲିଓ ନାଟ୍ଟାଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ଏକ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କଲା। ଏକ ଚମତ୍କାର ସାମଗ୍ରୀ ଭାବରେ ପ୍ଲାଷ୍ଟିକ୍‌ର ଉପଯୋଗରେ ପ୍ରସ୍ତୁତ ବିଭିନ୍ନ ପଦାର୍ଥ ଶସ୍ତାରେ ଉପଲବ୍ଧ, ଛାଞ୍ଚରେ ସହଜରେ ତିଆରି ହେବା, ବିଦ୍ୟୁତ୍ କୁପରିବାହୀ, ଉଭୟ କଠିନ ଏବଂ ତରଳ ପଦାର୍ଥର ବହନକାରୀ ଏବଂ ଅବକ୍ଷୟ ଓ ଭାଙ୍ଗିଯିବାର ପ୍ରତିରୋଧୀ ଥିବାରୁ ଅଧିକ ଉପଯୁକ୍ତ ସାବ୍ୟସ୍ତ ହେଲା। ବିଭିନ୍ନ ପଦାର୍ଥର ପ୍ୟାକେଜିଂ ଏବଂ ବୟନଶିଳ୍ପଠାରୁ



ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ, ଯାନବାହନ ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ, ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ଲାଷ୍ଟିକ ପ୍ରବେଶରେ ବୃଦ୍ଧି ଘଟିଲା।

ରାସାୟନିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ ସବୁ ହେଉଛନ୍ତି ସଂଶ୍ଳେଷିତ ପଲିମର୍, ଯାହା ମୁଖ୍ୟତଃ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ କୋଇଲା ପରି ପ୍ରାକୃତିକ ସମ୍ପଦରୁ ଉତ୍ପନ୍ନ ହୋଇଥାଏ। ଏସବୁ ବ୍ୟବହାର ପରେ ବାହ୍ୟ ପରିବେଶକୁ ନିଷ୍କାସିତ ହୋଇ ସେଠାରେ ଜମି ରହିଲେ ସହଜରେ ବୀଜାଣୁମାନଙ୍କ ଦ୍ୱାରା ବିଘଟିତ ହୁଅନ୍ତି ନାହିଁ। ଏକ ପଲିଥିନ ବ୍ୟାଗ ନଷ୍ଟ ହେବାକୁ ହଜାରେରୁ ଅଧିକ ବର୍ଷ ପର୍ଯ୍ୟନ୍ତ ସମୟ ନେଇପାରେ ଏବଂ ତତ୍ପରେ ଏହା ମଧ୍ୟ ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ ପରି ଅତ୍ୟନ୍ତ କ୍ଷୁଦ୍ର, ବିଷାକ୍ତ କଣିକାକୁ ଭାଙ୍ଗିଥାଏ। ମହାସାଗରଗୁଡ଼ିକରେ ବିଲିଅନ ସଂଖ୍ୟାରେ ଏସବୁ କଣିକା ପ୍ରଦୂଷକ ରୂପେ ଜମିରହିଛି। ସମ୍ପ୍ରତି ବିଶ୍ୱରେ ବାର୍ଷିକ ୪୩୦ ନିୟୁତ ଟନ୍‌ରୁ ଅଧିକ ପରିମାଣର ପ୍ଲାଷ୍ଟିକ ଉତ୍ପାଦିତ ହେଉଛି, ଯେଉଁଥିରୁ ଅନ୍ୟୂନ ୧୪-୧୭ ନିୟୁତ ଟନ ସ୍ଥଳଭାଗରୁ ସାମୁଦ୍ରିକ ପରିସଂସ୍ଥାକୁ ପ୍ରବେଶ କରୁଛି। ପୂର୍ବାନୁମାନ ଅନୁଯାୟୀ ୨୦୫୦ ସୁଦ୍ଧା ସମୁଦ୍ରରେ ଓଜନ ତୁଳନାରେ ମାଛଙ୍କ ଅପେକ୍ଷା ପ୍ଲାଷ୍ଟିକର ପରିମାଣ ଅଧିକ ହୋଇପାରେ। ସ୍ଥଳଭାଗରେ, ବିଭିନ୍ନ ପ୍ଲାଷ୍ଟିକ ବର୍ଜ୍ୟ ସାଧାରଣ ପରିବେଶ, ମୃତ୍ତିକା ଏବଂ ଜଳକୁ ପ୍ରଦୂଷିତ କରେ, ଯାହା ଦ୍ୱାରା କୃଷି ଏବଂ ମଧୁରଜଳ ବ୍ୟବସ୍ଥା ପ୍ରଭାବିତ ହୁଏ। ପ୍ଲାଷ୍ଟିକ୍‌ର ବ୍ୟାପକ ବ୍ୟବହାର ଅଧୁନା ଏକ ସୁବିଧାଜନକ, ଉପଭୋକ୍ତାବାଦ ଏବଂ 'ଫୋପାଡ଼ିବା' ସଂସ୍କୃତି ସୃଷ୍ଟି କରିଛି। ଯେଉଁ ଉପଯୋଗିତା ନିମନ୍ତେ ଏକଦା ଏହା ପ୍ରଶଂସିତ ହେଉଥିଲା, ତାହା ଆଜି ଏକ ବିଶ୍ୱ ସଙ୍କଟର କାରଣ ପାଲଟିଛି। ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା ନିମନ୍ତେ ବୈଶ୍ୱିକ ପ୍ରୟାସ ଜାରି ରହିଛି ଏବଂ ଜୈବଅବକ୍ଷୟଯୋଗ୍ୟ ପ୍ଲାଷ୍ଟିକ ପ୍ରସ୍ତୁତି କ୍ରମେ ବାସ୍ତବତାର ରୂପ ଧାରଣ କରୁଛି। ଆଜିର ଆବଶ୍ୟକତା ହେଉଛି ପ୍ଲାଷ୍ଟିକ ଉତ୍ପାଦନ, ବ୍ୟବହାର ଏବଂ ପରିଚାଳନାରେ ଏକ ପଦ୍ଧତିଗତ ପରିବର୍ତ୍ତନ ଘଟାଇବା। ପୁନଃବ୍ୟବହାରଯୋଗ୍ୟ ଉତ୍ପାଦଗୁଡ଼ିକୁ ପ୍ରାଧାନ୍ୟ ଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ ଆମର ନିର୍ଭରଶୀଳତାରେ ହ୍ରାସ ଘଟାଇବା ହିଁ ଆଜିର ଆହ୍ୱାନ। ପ୍ଲାଷ୍ଟିର ବିନାଶକାରୀ ପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକକ ବ୍ୟବହୃତ ସାମଗ୍ରୀ ଉପରେ ନିଷେଧାଦେଶ ଜାରି କରିଥିଲେ ସୁଦ୍ଧା ଏସବୁର ଉତ୍ପାଦନ, ବ୍ୟବସାୟ ଏବଂ ବ୍ୟବହାର ପୂର୍ବବତ୍ ଚାଲୁରହିଛି। ପ୍ଲାଷ୍ଟିକ ସମସ୍ୟାର ସମାଧାନ ନିମନ୍ତେ ଜାତିସଂଘ ସମ୍ପ୍ରତି ଏକ 'ଆନ୍ତଃସରକାରୀ ଚୁକ୍ତିକାରୀ କମିଟି' ମାଧ୍ୟମରେ ଏକ ଆଇନଗତ, ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା ବିକଶିତ କରୁଛି, ଯାହା ସମ୍ଭବତଃ ୨୦୨୫ରୁ କାର୍ଯ୍ୟକାରୀ ହୋଇପାରେ। ଏପରି ପୃଷ୍ଠଭୂମିରେ ପ୍ଲାଷ୍ଟିକ-ସମ୍ପର୍କିତ ବୈଶ୍ୱିକ ଆହ୍ୱାନର ସ୍ଥାୟୀ ସମାଧାନ ନିମନ୍ତେ ମାନବସମାଜର ପ୍ରତିଶ୍ରୁତିବଦ୍ଧତା ଓ ବିଜ୍ଞତାର ପ୍ରଦର୍ଶନ ଏକାନ୍ତ ଅପରିହାର୍ଯ୍ୟ, ଯାହା ଆମ ଗ୍ରହକୁ ପ୍ରଦୂଷଣ-ମୁକ୍ତ, ସବୁଜିମା ପରିପୂର୍ଣ୍ଣ ଏବଂ ନିରନ୍ତର ବିକାଶ ମାର୍ଗରେ ଅଗ୍ରସର ହେବାର ପଥ ଉନ୍ମୁକ୍ତ କରିବ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ସଭିଏ ଚିନ୍ତା କରନ୍ତୁ

ମହାଶୟ,

ଏଇ କିଛିଦିନ ତଳେ କଟକ ନୂଆ ବସ୍‌ଷ୍ଟାଣ୍ଡ ଶୌଚାଳୟକୁ ଯାଇଥିବା ସମୟରେ ହଠାତ୍ ଏକ ପୂତି ଗନ୍ଧମୟ ଗଦା ମଧ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ଏକ ରଙ୍ଗିନ ଫଟୋ ଥାଇ ଏକ ଖାଲି ଖାଦ୍ୟ ପୁଡ଼ିଆ(ହାତ ତିଆରି ବାଦାମ ଚକି ପୁଡିଆ) ପଡ଼ିଥିବା ଦେଖି ତଟସ୍ଥ ହେଲି। ଉକ୍ତ ଖାଦ୍ୟ ପୁଡିଆଟି ଓଡ଼ିଶାର ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ବାଦାମ ଚକିର ପ୍ୟାକେଟ ଥିଲା। ଭଗବାନଙ୍କ ଏପରି ଅବସ୍ଥା ଦେଖି ତାଙ୍କୁ ଉଦ୍ଧାର କରିବାର ଚାରା ମୋର ନ ଥିଲା। ମୁଁ ନାଚାର ଥାଇ ସେଠାରେ ମୁଁ ତାଙ୍କୁ କ୍ଷମା ମାଗିଥିଲି। ଏଇଟି ଗୋଟିଏ ଆଖିଦେଖା ଉଦାହରଣ। ଦୈନିକ ଏମିତି ବିଭିନ୍ନ ଦେବଦେବୀଙ୍କ ଚିତ୍ରକୁ ନିଶ୍ଚୟ ଅବମାନନା କରାଯାଉଥିବ। ଏପରି କି ଆମେ ଅଜାଣତରେ ରାସ୍ତାରେ ପଡିଥିବା ବିଭିନ୍ନ ଦେବଦେବୀଙ୍କ ଚିତ୍ରକୁ ପାଦରେ ମାଡ଼ିଦେଉଥିବା। ଆମ ମତରେ କୌଣସି ସାମଗ୍ରୀ ପୁଡ଼ିଆରେ କୌଣସି ଧର୍ମର ଦେବଦେବୀ ବା ଧାର୍ମିକ ଚିହ୍ନର ପ୍ରତୀକ ରଖା ନ ଯିବାକୁ ଭାରତ ସରକାର ଏକ କଡ଼ା ଆଇନ ପ୍ରଣୟନ କରନ୍ତୁ। ଏହା କରିବା ଉଚିତ ନୁହେଁ କି ? ଏଥିପାଇଁ ସଭିଏ ଚିନ୍ତା କରିବା ଉଚିତ।

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହିଛକ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କବୀର, ନାନକ, ବୁଦ୍ଧ,
ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ
ସକଳ ଧର୍ମର।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରଗ୍‌ବୀ ପ୍ରିମିୟର ଲିଗ୍

**ଆଉ ମାତ୍ର ଦୁଇଦିନ ବ୍ୟବଧାନରେ ମୁମ୍ବାଇରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସର୍ବ ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ରଗ୍‌ବୀ ପ୍ରିମିୟର ଲିଗ୍। ଭାରତରେ ପ୍ରଥମ ଥରପାଇଁ ହେବାକୁ ଯାଉଥିବା ଏହି ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଇତିମଧ୍ୟରେ ସମସ୍ତ ଦଳର ଖେଳାଳି ତାଲିକା ପ୍ରକାଶ ପାଇ ସାରିଥିବାବେଳେ ଲିଗ୍ ପ୍ରତି ଉତ୍ସାହ ପରିଲକ୍ଷିତ ହୋଇଛି।**

–ତପନ ସ୍ୱାଇଁ

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ଚଳିତ ମାସ ୧୫ରୁ ୨୯ ପର୍ଯ୍ୟନ୍ତ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱର ଏହି ସର୍ବପ୍ରଥମ ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ବିଶ୍ୱରେ ରଗ୍‌ବୀ ଟୁର୍ନାମେଣ୍ଟ ଗୁଡ଼ିକର କାର୍ଯ୍ୟସୂଚୀକୁ ଦେଖି ଏପରି ଏକ ୱିନ୍‌ଡୋ ବାହାର କରାଯାଇଛି। ଫଳ ସ୍ୱରୂପ ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତି ଦଳରେ ୧୩ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ଖେଳାଳି ନିଲାମ ମାଧ୍ୟମରେ ରଗ୍‌ବୀର ପାୱାର ହାଉସ କୁହା ଯାଉଥିବା ଦେଶ ଗୁଡ଼ିକରୁ ୩୦ ମାର୍କି ଅନ୍ତର୍ଜାତୀୟ ଖେଳାଳି ଚୟନ ହୋଇଛନ୍ତି। ବିଶ୍ୱର ପ୍ରତିଷ୍ଠିତ ରଗ୍‌ବୀ କୋଚ୍ ମାଇକ୍ ଫ୍ରାଇଡେ, ବେନ୍ ଗୋଲିଙ୍ଗ୍ସ, ଡି.ଜେ. ଫୋର୍ବେସ, ଟୋମାସି କାମା, ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ ଓ ଟିମ୍ ୱାଲ୍ସ ୬ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ୭୧ ଖେଳାଳିଙ୍କ ମଧ୍ୟରୁ ୩୦ ଘରୋଇ ଖେଳାଳି ବିଭିନ୍ନ ଦଳରେ ସାମିଲ ହୋଇଛନ୍ତି।

ପ୍ରତିଯୋଗିତାରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ। ପ୍ରତି କ୍ୱାର୍ଟର ୪ ମିନିଟ ବିଶିଷ୍ଟ ହେବ। କ୍ୱାର୍ଟ ମଝିରେ ୨ ମିନିଟର ବ୍ରେକ୍ ରହିବ। ପ୍ରତି ମ୍ୟାଚ ୨୨ ମିନିଟ ଖେଳାଯିବ, ଯାହାକି ବିଶ୍ୱ ରଗ୍‌ବୀ ସେଭେନ୍ସ ଫର୍ମାଟଠାରୁ ଭିନ୍ନ ରହିବ। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ୨ଟି ସେମିଫାଇନାଲ, ଗୋଟିଏ ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ପ୍ରତି ଆରପିଏଲ୍ ଫ୍ରାଞ୍ଚାଇଜ୍ ଦଳରେ ୧୩ ଜଣ ଲେଖାଏ ଖେଳାଳି ସାମିଲ କରିଛନ୍ତି। ଏହା ମଧ୍ୟରେ ଟିୟର-୧ ଦେଶରୁ ୫ ଜଣ ସକ୍ରିୟ ଏବଂ ପୂର୍ବତନ ଅନ୍ତର୍ଜାତୀୟ ମାର୍କି ଖେଳାଳି, ୩ ବ୍ରିଜ୍ ଖେଳାଳି ଏବଂ ୫ ଭାରତୀୟ ଖେଳାଳି ରହିବା ବାଧ୍ୟତା ମୂଳକ। ୫ ଅନ୍ତର୍ଜାତୀୟ ମାର୍କି ରଗ୍‌ବୀ ସେଭେନ୍ସ ଖେଳାଳି ରହିବା ଅର୍ଥ ୱାର୍ଲ୍ଡ ରଗ୍‌ବୀ ସେଭେନ୍ସ ଇକୋସିଷ୍ଟମରେ ଏହି ଖେଳାଳି ସକ୍ରିୟ ଅଛନ୍ତି। ହଂକଂ, ଜର୍ମାନୀ ଓ କାନାଡ଼ାରୁ ୩ ଅନ୍ତର୍ଜାତୀୟ ବ୍ରିଜ୍ ଖେଳାଳି ସାମିଲ ହୋଇଛନ୍ତି। ଭାରତୀୟ ରଗ୍‌ବୀ ସେଭେନ୍ସର ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳି ପ୍ରତି ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍, ଭାରତୀୟ ସହକାରୀ କୋଚ୍, ଫିଜିଓ, ମାଲିସବାଲା ଓ ମ୍ୟାନେଜରଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ରହିଛି।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ଇଂଲଣ୍ଡର ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ଆୟର୍ଲାଣ୍ଡର ହ୍ୟାରୀ ମ୍ୟାକକେଞ୍ଜି ଅଧିନାୟକ ମନୋନୀତ ହୋଇଛନ୍ତି।

ଗତ ୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ରଗ୍‌ବୀ ଇଣ୍ଡିଆ ସଭାପତି ତଥା ରଗ୍‌ବୀ ପ୍ରିମିୟର ଲିଗ୍ କମିଶନର ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, ହଞ୍ଚ୍ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହ ମାଲିକ କରନପାଲ ସିଂ ଏବଂ ଓଡ଼ିଶା ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅର୍ଥାତ୍ ଆସନ୍ତା ୧୫ ତାରିଖରେ ୩ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଦିଲ୍ଲୀ ରେଜ୍, ଦ୍ୱିତୀୟ ମ୍ୟାଚ ଚେନ୍ନାଇ ବୁଲ୍ସ-ମୁମ୍ବାଇ ଡ୍ରମର୍ସ ଏବଂ ତୃତୀୟ ମ୍ୟାଚ କଳିଙ୍ଗ ବ୍ଲାକ୍ ଟାଇସର୍ଗ-ହାଇଦ୍ରାବାଦ ହିରୋଜ୍ ମଧ୍ୟରେ ଅନୁଷ୍ଠିତ ହେବ।




### କଳିଙ୍ଗ ବ୍ଲାକ୍ ଟାଇଗର୍ସ

| ଖେଳାଳି | ଦେଶ |
|---|---|
| **ଫରୱାର୍ଡ** | |
| କାଏଲ ଟ୍ରେମ୍ବଲି | କାନାଡ଼ା |
| ହ୍ୟାରି ମ୍ୟାକନଲ୍ଟି | ଆୟର୍ଲାଣ୍ଡ |
| ପପୁ ତୋଡକର | ଭାରତ |
| **ପ୍ଲେମେକର** | |
| ଇଥାନ ଟର୍ନର | କାନାଡ଼ା |
| ରୋସ୍କୋ ସ୍ପେଶମ୍ୟାନ | ଦକ୍ଷିଣ ଆଫ୍ରିକା |
| **ହାଇବ୍ରିଡ୍** | |
| ଜେମ୍ସ ଥିଏଲ | କାନାଡ଼ା |
| **ବ୍ୟାକ୍** | |
| ମୌରିସ ଲଙ୍ଗବଟମ | ଅଷ୍ଟ୍ରେଲିଆ |
| ଆଶିଷ ଶବର | ଭାରତ |
| ଅର୍ଜୁନ ମାହାତୋ | ଭାରତ |
| **ୟୁଟିଲିଟି** | |
| ଅଜୟ ଦେଶୱାଲ | ଭାରତ |
| ପ୍ରଦୀପ ସିଂ ଭାରତ | |
| **ଫିନିଶର** | |
| ଲୁକାସ ଲାକାମ୍ପ | ଆମେରିକା |
| ପେରୀ ବାକର | ଆମେରିକା |

### ଅଂଶଗ୍ରହଣକାରୀ ଦଳ

| ଦଳ | ସହର | କୋଚ୍ | ମାଲିକ |
|---|---|---|---|
| ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ | ବେଙ୍ଗାଲୁରୁ | ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ | ଏମ୍ଇଏମ୍ଜି, ଇନ୍‌କ୍ରେଡ, ସୋହମ ଇନ୍‌ଫ୍ରାଷ୍ଟ୍ରକ୍ଚର |
| ଚେନ୍ନାଇ ବୁଲ୍ସ | ଚେନ୍ନାଇ | ବେନ୍ ଗୋଲିଙ୍ଗ୍ସ | ଏଭିଆଇଡି ସ୍ପୋର୍ଟ୍ସ |
| ଦିଲ୍ଲୀ ରେଜ୍ | ଦିଲ୍ଲୀ | ଟୋମାସି କାମା | ଆରଏମ୍‌ଜେଡ୍ କର୍ପ |
| ହାଇଦ୍ରାବାଦ ହିରୋଜ | ହାଇଦ୍ରାବାଦ | ଡି.ଜେ. ଫୋର୍ବେସ | କେଏଲ୍‌ଓ ସ୍ପୋର୍ଟ୍ସ |
| କଳିଙ୍ଗ ବ୍ଲାକ୍ ଟାଇଗର୍ସ | ଭୁବନେଶ୍ୱର | ମାଇକ୍ ଫ୍ରାଇଡେ | ହଞ୍ଚ୍ ଭେଞ୍ଚର୍ସ |
| ମୁମ୍ବାଇ ଡ୍ରିମର୍ସ | ମୁମ୍ବାଇ | ଟିମ୍ ୱାଲ୍ସ | ଡ୍ରିମ୍ ସ୍ପୋର୍ଟ୍ସ |



ଅତିଥିଙ୍କ ଗହଣରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ

## ଅଭିଳାଷ

ଏସିଆନ ଆଥଲେଟିକ୍ସ
ଚାମ୍ପିୟନଶିପ୍‌ରେ
ଓଡ଼ିଶାର ରଖି ଖ୍ୟାତି
ଚାରିଶ' ମିଟର ରିଲେ ରେସ୍‌ରେ
ସିଲ୍‌ଭର ପଦକ ଜିତି
ରଚିଛି ନୂତନ ସ୍ମୃତି
ରାଇଜର ଝିଅ ଶ୍ରାବଣୀ ଆମର
ଉଚ୍ଚା କରିଅଛି ଛାତି।

ମସ୍କୋ ଉଷୁ ଷ୍ଟାର ପ୍ରତିଯୋଗିତାରେ
ଓଡ଼ିଶାର ପ୍ରେମ ମୁଣ୍ଡା
ଅଠଚାଳିଶ କେଜି ପୁରୁଷ ବର୍ଗରେ
ବିପକ୍ଷଙ୍କୁ କରି ଲଣ୍ଡା
ଜିତିଛନ୍ତି ସୁନା ପେଣ୍ଡା
ରାଜକୁମାର ବି ବାଉନ କେଜିରେ
ଉଡ଼ାଇଲେ ଆମ ଝଣ୍ଡା।




ବୟସ ଏକୋଇଶ ବର୍ଷ ଘର ତା'ର
ଅନୁଗୋଳ ବେନ୍ତପୁର
ସେ ଗାଁର ଝିଅ ସମୀକ୍ଷା ସ୍ରୋତକୀର୍ତ୍ତି
ପାଇଲଟ ଚିନ୍ତାକର
ସେ ପ୍ରେରଣା ୟୁଥ୍‌ଙ୍କର
ଉଚ୍ଚ ଅଭିଳାଷ ହାର୍ଡ ୱର୍କ ବଳେ
ବ୍ୟକ୍ତି ବଢ଼େ ନିରନ୍ତର।

–ସୁବାସ ଚନ୍ଦ୍ର ପ୍ରଧାନ

# ଆହ୍ୱାନଭରା ସିରିଜ



ନିର୍ମଳ କୁମାର ମିଶ୍ର

**ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଗସ୍ତ କରିଛି। ସେଠାରେ ଘରୋଇ ଦଳ ବିପକ୍ଷରେ ଟିମ୍ ଇଣ୍ଡିଆ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତର ଏହା ପ୍ରଥମ ଟେଷ୍ଟ ସିରିଜ। ତେଣୁ ପ୍ରଥମ ଥର ପାଇଁ ଟେଷ୍ଟ ଦଳର ନେତୃତ୍ୱ ନେଉଥିବା ଗିଲ୍‌ଙ୍କ ପାଇଁ ଏହି ସିରିଜ ବେଶ୍ ଆହ୍ୱାନଭରା ରହିବ।**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବା ପାଇଁ ଯୁବ ବ୍ୟାଟର ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଟେଷ୍ଟ ଦଳ ଇଂଲଣ୍ଡ ଗସ୍ତ କରିଛି। ପ୍ରଥମ ଥର ପାଇଁ ଟେଷ୍ଟ ଦଳର ନେତୃତ୍ୱ ନେଉଥିବାରୁ ଗିଲ୍‌ଙ୍କ ପାଇଁ ଏହି ସିରିଜ ବେଶ୍ ଆହ୍ୱାନଭରା ରହିବ। ରୋହିତ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଏବେ ଭଲ ଫର୍ମରେ ଥିବା ଶ୍ରେୟସ ଆୟରଙ୍କୁ ସୁଯୋଗ ମିଳି ନ ଥିବାବେଳେ ଭେଟେରାନ ପେସ୍ ବୋଲର ମହମ୍ମଦ ସାମି ମଧ୍ୟ ଦଳରେ ନାହାନ୍ତି। ସିନିୟର ଖେଳାଳିଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା, ଲୋକେଶ ରାହୁଲ, ରିଷଭ ପନ୍ତ, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳରେ ରହିଛନ୍ତି। ନିଜର ଅଭିଜ୍ଞତାକୁ ନେଇ ଭାରତ ତା'ର ଚତୁର୍ଥ ବିଶ୍ୱଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବ। ୮ ବ୍ୟାଟର୍ସ, ୪ ଅଲରାଉଣ୍ଡର, ୫ ପେସ ବୋଲରଙ୍କ ସହ ଏକମାତ୍ର ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିଛି। ୧୮ ଜଣିଆ ଦଳରେ ସାମିଲ ହୋଇ ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଅର୍ଶଦୀପ ସିଂ ଓ ଧ୍ରୁବ ଜୁରେଲ ପ୍ରଥମ ଥର ପାଇଁ ରେଡ୍‌ବଲ ଫର୍ମାଟ ଖେଳିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୦୭ଠାରୁ ଇଂଲଣ୍ଡରେ ଖେଳାଯାଇଥିବା କୌଣସି ଟେଷ୍ଟ ସିରିଜ ଭାରତ ଜିତିପାରିନି। ୨୦୨୨ରେ ଇଂଲଣ୍ଡ ଗସ୍ତରେ ଭାରତ ଯାଇଥିବା ବେଳେ ସିରିଜ ୨-୨ରେ ବରାବର ରହିଥିଲା। ସାଇ ସୁଦର୍ଶନ ଘରୋଇ ସିରିଜ ଏବଂ ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅରେଞ୍ଜ କ୍ୟାପ ପାଇଥିଲେ। ଏହା ସତ୍ତ୍ୱେ ଦଳରେ ତାଙ୍କର ସାମିଲକୁ ନେଇ ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ଗିଲ୍‌ଙ୍କ ମଧ୍ୟରେ ହୋଇଥିବା କଥା କଟାକଟି ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥିଲା। ଚମତ୍କାର ଫର୍ମରେ ଅଛନ୍ତି ଏହି ଯୁବ ବ୍ୟାଟର। ତେବେ ଇଂଲଣ୍ଡର ସୁଇଂ କଣ୍ଡିଶନରେ ଏବଂ ସବୁଜ ଉଇକେଟରେ ଭାରତୀୟ ବ୍ୟାଟରମାନେ କିପରି ଇଂଲଣ୍ଡ ପେସ୍ ବୋଲରଙ୍କୁ ଖେଳିବେ ତାହା ଦେଖିବାର କଥା।

ଅନ୍ୟପକ୍ଷରେ ଦୀର୍ଘ ବର୍ଷ ପରେ ଘରୋଇ ରଣଜୀ ଫର୍ମାଟରେ ସର୍ବାଧିକ ରନ କରିଥିବା କରୁଣ ନାୟାର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରଣଜୀ ଟ୍ରଫିର ୯ଟି ଇନିଂସରେ ସେ ୪ ଶତକ ସହିତ ୮୬୨ ଏବଂ ବିଜୟ ହଜାର ଟ୍ରଫିର ୮ ଇନିଂସରେ ୫ ଶତକ ସହ ୭୭୯ ରନ୍ କରି ସେ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ୯ବର୍ଷ ପରେ ତାଙ୍କର ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିଛି। ଅଭିଜ୍ଞ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କର ଇଂଲଣ୍ଡ କଣ୍ଡିଶନରେ ଭଲ ଅଭିଜ୍ଞତା ରହିଛି। ତେଣୁ ତାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବା ସ୍ୱାଭାବିକ। ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଚାରି ନମ୍ବର ସ୍ଥାନକୁ ନେଇ ସମସ୍ୟା ରହିବ। ଏହି ସ୍ଥାନରେ ନିଜେ ଅଧିନାୟକ ଗିଲ୍ କିମ୍ବା ରାହୁଲ ବ୍ୟାଟିଂ କରିବେ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ। ଦଳରେ ପେସ୍ ବୋଲରମାନଙ୍କ ଭଲ ଅଭିଜ୍ଞତା ରହିଥିଲେ ମଧ୍ୟ ବୁମରା ସମ୍ପୂର୍ଣ୍ଣ ସିରିଜ ଖେଳିପାରିବେ କି ନାହିଁ ତାହା ସନ୍ଦେହ ମଧ୍ୟରେ ରହିଛି। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ମହମ୍ମଦ ସିରାଜଙ୍କ ଗୁରୁଦାୟିତ୍ୱ ରହିବ। ଆଇପିଏଲ୍‌ରେ ଚମତ୍କାର ବୋଲିଂ କରିଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂଙ୍କୁ ଭଲ ସହାୟତା ଦେବା ଆବଶ୍ୟକ।

ଉଭୟ ଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ସିରିଜ ୧୯୩୨ରୁ ଆରମ୍ଭ ହୋଇଥିବା ବେଳେ ଭାରତ ଇତିମଧ୍ୟରେ ୧୪ଥର ପାଇଁ ବିଭିନ୍ନ ସମୟରେ ଇଂଲଣ୍ଡ ଗସ୍ତ କରିଛି। ଏଥିମଧ୍ୟରୁ ଇଂଲଣ୍ଡ ୧୧ଥର ସିରିଜ ଜିତିଥିବା ବେଳେ ଭାରତ ମାତ୍ର ୨ଥର ସିରିଜ ଜିତି ବ୍ୟାକ୍‌ଫୁଟରେ ରହିଛି। ଗୋଟିଏ ସିରିଜରୁ କୌଣସି ଫଳାଫଳ ମିଳିନାହିଁ। ପୂର୍ବରୁ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ସିରିଜକୁ ପଟୌଦୀ କପ୍ କୁହାଯାଉଥିଲା। ବର୍ତ୍ତମାନ ଏହି ସିରିଜର ନାମ ପରିବର୍ତ୍ତନ ହୋଇ ଭାରତର ଷ୍ଟାର ବ୍ୟାଟର ତେନ୍ଦୁଲକର ଏବଂ ଇଂଲଣ୍ଡର ଶ୍ରେଷ୍ଠ ପେସ ବୋଲର ଆଣ୍ଡରସନଙ୍କ ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ୍ ଖେଳାଳିଙ୍କର କ୍ରିକେଟକୁ ବହୁତ ଅବଦାନ ରହିଛି। ତେଣୁ ଏପରି ନାମକରଣ ବେଶ୍ ଯଥାର୍ଥ ବୋଲି ଅନେକ କ୍ରିକେଟ ବିଶେଷଜ୍ଞ ମତ ଦେଇଛନ୍ତି।

ଭାରତ- ଇଂଲଣ୍ଡ ମଧ୍ୟରେ ଏ ପର୍ଯ୍ୟନ୍ତ ୧୩୬ଟି ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ଭାରତ ୩୫ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଇଂଲଣ୍ଡ ୫୧ଟି ଜିତି ଆଗରେ ରହିଛି। ୫୦ଟି ଟେଷ୍ଟ ଡ୍ର'ରେ ସମାପ୍ତ ହୋଇଛି। ଦ୍ୱିପାକ୍ଷିକ ସିରିଜରେ ଘରୋଇ ମାଟିରେ ଇଂଲଣ୍ଡ ୩୬ଟି ଏବଂ ଭାରତ ୨୬ଟି ଟେଷ୍ଟ ଜିତିଛି। ୨୦୧୮ରୁ ଆରମ୍ଭ ହୋଇଥିବା ପଟୌଦୀ ଟ୍ରଫିରେ ଇଂଲଣ୍ଡ ୪-୧ରେ ସିରିଜ ବିଜୟୀ ହୋଇଥିଲା। ମାତ୍ର ୨୦୨୦-୨୧ରେ ଭାରତ ଘରୋଇ ମାଟିରେ ୩-୧ରେ ବିଜୟୀ ହୋଇ ମଧୁର ପ୍ରତିଶୋଧ ଦେଇଥିଲା। ଏପରି କି ୨୦୨୨ରେ ଭାରତ ଇଂଲଣ୍ଡ ଗସ୍ତ କରି ୨-୨ରେ ସିରିଜ ଡ୍ର କରିଥିଲା। ୨୦୨୩-୨୪ରେ ଭାରତରେ ୫ଟି ଟେଷ୍ଟ ଖେଳାଯାଇଥିଲା। ଏଥିରେ ଭାରତ ପ୍ରାଧାନ୍ୟ ବଜାୟ ରଖି ୪-୧ରେ ବିଜୟୀ ହୋଇଥିଲା। ଦୁଇ ଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ହ୍ୱାଇଟ ୱାଶ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୧-୩ରେ ପରାସ୍ତ ହେବା ଯୋଗୁ ଭାରତ ଟେଷ୍ଟ ର୍‌ୟାକିଙ୍ଗରେ ଏକ ନମ୍ବର ସ୍ଥାନ ହରାଇଛି।

ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ୧୪ ଜଣିଆ ଦଳ ଘୋଷଣା କରିଛି। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଦଳ ଜୋ ରୁଟ୍, ହ୍ୟାରି ବ୍ରୁକସ୍, ବେନ ଡକେଟ, ଓଲି ପୋପ, ଜେମି ସ୍ମିଥ, ଜାକବ ବେଥେଲଙ୍କୁ ନେଇ ବେଶ୍ ସନ୍ତୁଳିତ ଜଣାପଡୁଛି। ଆଘାତଜନିତ ସମସ୍ୟା ପାଇଁ ଜୋଫ୍ରା ଆର୍ଚର, ମାର୍କ ଉଡ୍, ଗସ ଆଟକିନ୍‌ସନ ପ୍ରଥମ ଟେଷ୍ଟ ପାଇଁ ଦଳରୁ ବାଦ୍ ପଡିଛନ୍ତି। ଏହା ସତ୍ତ୍ୱେ ଘରୋଇ ମାଟିରେ ଇଂଲଣ୍ଡ ଟେଷ୍ଟ ଦଳ ବେଶ୍ ଶକ୍ତିଶାଳୀ ମନେହେଉଛି। ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହେବା ପୂର୍ବରୁ ଭାରତ ଦୁଇଟି ନନ୍ ଅଫିସିଆଲ ଅଭ୍ୟାସ ମ୍ୟାଚ ଖେଳୁଛି। ଫଳରେ ଭାରତୀୟ ଖେଳାଳିମାନେ ଇଂଲଣ୍ଡ କଣ୍ଡିଶନ ଓ ପିଚ୍ ସହ ଅଭ୍ୟସ୍ତ ହୋଇପାରିବେ। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଦଳ ଆଦୌ ଚାପରେ ନାହିଁ ବୋଲି ଅଧିନାୟକ ସ୍ପଷ୍ଟ କରିଛନ୍ତି। ୨୦୨୫-୨୭ ଟେଷ୍ଟ ଚକ୍ରରେ ଭାରତ ୧୮ଟି ମ୍ୟାଚ ଖେଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସହିତ ୨ଟି ପାଞ୍ଚଟିକିଆ ଟେଷ୍ଟ ସିରିଜ ଖେଳିବାକୁ ଥିବା ବେଳେ ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଲେଖାଏ ଟେଷ୍ଟ ମ୍ୟାଚ ଖେଳିବ। ଇଂଲଣ୍ଡ ବିପକ୍ଷ ସିରିଜ ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସଦୃଶ ହେବ। ମାତ୍ର ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ହେବ। ଅଧିନାୟକ ଭାବରେ ଶୁଭମନ ଗିଲ୍‌ଙ୍କ ରଣକୌଶଳ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଏପର୍ଯ୍ୟନ୍ତ ୩୨ଟି ଟେଷ୍ଟ ଖେଳିଥିବା ଏହି ଯୁବ ବ୍ୟାଟର ଟେଷ୍ଟ ଫର୍ମାଟରେ ମୋଟ ୧୮୯୩ ରନ୍ କରିଥିବା ବେଳେ ଏଥିରେ ୫ ଶତକ ଓ ୭ଟି ଅର୍ଦ୍ଧଶତକ ରହିଛି। ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ୨୪ତମ ସ୍ଥାନରେ ରହିଥିବା ବେଳେ ବିସିସିଆଇ ତାଙ୍କ ପରି ଏକ ଯୁବ ପ୍ରତିଭାବାନ ବ୍ୟାଟରଙ୍କୁ ଦୀର୍ଘ ମିଆଦୀ ଅଧିନାୟକ ରୂପେ ଦେଖିବାକୁ ଚାହୁଁଛି। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି। ସର୍ବାଧିକ ସ୍କୋର ତାଙ୍କର ୨୮ ରହିଥିବା ବେଳେ ମୋଟ ୮୮ ରନ କରିଛନ୍ତି। ଅନ୍ୟପକ୍ଷରେ ରିଷଭ ପନ୍ତ ଇଂଲଣ୍ଡରେ ମୋଟ ୧୨ଟି ଟେଷ୍ଟ ଖେଳି ୭୮୧ରନ କରିଥିବା ବେଳେ ସେଥିରେ ୩ଟି ଶତକ ରହିଛି। ଇଂଲଣ୍ଡ ପିଚ୍‌ରେ ରନ୍ ସ୍କୋର କରିବାରେ ତାଙ୍କର ଦକ୍ଷତା ରହିଛି। ସେହିପରି ଷ୍ଟାର ବ୍ୟାଟର ଓ ଉଇକେଟକିପର ଲୋକେଶ ରାହୁଲ ଇଂଲଣ୍ଡରେ ୯ଟି ଟେଷ୍ଟ ଖେଳିଛନ୍ତି। ଆଶା କରାଯାଉଛି ସମସ୍ତ ୫ଟି ଟେଷ୍ଟ ମ୍ୟାଚରୁ ଫଳାଫଳ ମିଳିବ। ତେଣୁ ଯେଉଁ ଦଳ ଭଲ ପ୍ରଦର୍ଶନ କରିବ ସିରିଜ ଜିତିବ।




ଶୁବମନ ଗିଲ୍

ଯଶପ୍ରୀତ୍ ବୁମ୍ରା

# ୨ ବ୍ୟାଙ୍କରୁ ଲୁଟିନେଲେ ୧୮.୫ଲକ୍ଷ ଟଙ୍କା

**ଲୁଟେରାମାନେ ବ୍ୟାଙ୍କକୁ ଟାର୍ଗେଟ କରିଛନ୍ତି। କିଛି ଘଣ୍ଟାର ବ୍ୟବଧାନରେ ୨ଟି ବ୍ୟାଙ୍କରେ ସଶସ୍ତ୍ର ଡକାୟତି କରି ବହୁ ଲକ୍ଷ ଟଙ୍କା ଏବଂ ସୁନା ଲୁଟି ନେଇଛନ୍ତି। ଗୁରୁବାର କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ୫ଜଣ ଦୁର୍ବୃତ୍ତ ସଶସ୍ତ୍ର ଲୁଟ କରିଥିବାବେଳେ ବୁଧବାର ରାତିରେ ଭଦ୍ରକ ଜିଲା ତିହିଡିସ୍ଥିତ ଏକ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ମଧ୍ୟ ଲୁଟ ହୋଇଛି। ଉଭୟ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଦୁର୍ବଳ ପାଟ୍ରୋଲିଂ ବ୍ୟବସ୍ଥା କାରଣରୁ ଲୁଟେରାମାନେ ସେମାନଙ୍କ ଆପରାଧିକ କାର୍ଯ୍ୟରେ ସଫଳ ହୋଇପାରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।**



ଯୋଡ଼ାସ୍ଥିତ ଲୁଟ୍ ହୋଇଥିବା ବ୍ୟାଙ୍କରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନୀତେଶ ବନ୍ଧାନୀ ତଦନ୍ତ କରୁଛନ୍ତି।

## ଯୋଡ଼ା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୧୧ଲକ୍ଷ, ୨ କିଲୋ ସୁନା ଲୁଟ୍

ଯୋଡ଼ା,୧୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ବଜାର ତଥା ରାସ୍ତା କଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଗୁରୁବାର ପୂର୍ବାହ୍ନରେ ସଶସ୍ତ୍ର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ୧୧ଲକ୍ଷ ଟଙ୍କା ଓ ୨.୦୦୭ କିଲୋ ଓଜନର ସୁନା ପ୍ୟାକେଟ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ କହିଛନ୍ତି।

ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ବ୍ୟାଙ୍କ ଖୋଲା ଯିବା ସମୟରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଧରି ବ୍ୟାଙ୍କ ଭିତରକୁ ପଶିଥିଲେ। ପ୍ରଥମେ ବ୍ୟାଙ୍କର ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ନଗଦ ଟଙ୍କା ଥିବା ବାକ୍ସରୁ ୧୧ ଲକ୍ଷ ଟଙ୍କା ଓ ୨କିଲୋ ୭ଗ୍ରାମ ସୁନା ପ୍ୟାକେଟ୍ ନେଇଯାଇଥିଲେ। ଘଟଣା ସମ୍ପର୍କରେ ମ୍ୟାନେଜର ରାଜେଶ ଲେଙ୍କା ଥାନାରେ ଅଭିଯୋଗ କରିଥିଲେ। କେନ୍ଦୁଝର ଆସିଥିବା ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ସତ୍ୟବ୍ରତ ନନ୍ଦ କହିଛନ୍ତି, ଡକାୟତମାନେ ହିନ୍ଦୀରେ କଥା ହେଉଥିବାବେଳେ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିବାରୁ ସାଇରନ ବାଜିପାରି ନ ଥିଲା। ଘଟଣାସ୍ଥଳରେ ଯୋଡ଼ା ଆଇଆଇସି ସୁଶାନ୍ତ ପ୍ରଧାନ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନରେ ରାଉରକେଲା ଏସ୍‌ପି ନୀତେଶ ବନ୍ଧାନୀ ଓ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସାଇଣ୍ଟିଫିକ୍ ଟମ୍ ସହ ପହଞ୍ଚି ଯାଞ୍ଚ କରିଛନ୍ତି। ଅନ୍ୟପକ୍ଷେ ଯୋଡ଼ା ସହରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଚୋରି, ଡକାୟତି, ଲୁଟ୍, ରାହାଜାନି, ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ବ୍ୟାଙ୍କ ଲୁଟ୍ ଘଟଣା ପରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି।

## ତିହିଡ଼ିରେ ସ୍ମଲ ଫାଇନାନ୍ସ ବ୍ୟାଙ୍କରୁ ୭.୫୫ଲକ୍ଷ ଟଙ୍କା ଲୁଟ୍

ଭଦ୍ରକ, ୧୨।୬(ସନାତନ ରାଉତ)

ଭଦ୍ରକ ଜିଲା ତିହିଡ଼ି ବଜାରସ୍ଥିତ ଏକ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ବୁଧବାର ୪ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ୭.୫୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ରାତିରେ ବ୍ୟାଙ୍କର ଏଜେଣ୍ଟମାନେ ବିଭିନ୍ନ ସ୍ଥାନରୁ ଟଙ୍କା ସଂଗ୍ରହ କରି ଅଫିସ୍‌ରେ ଜମା କରିଥିଲେ। ରାତି ପ୍ରାୟ ୧୦ଟା ସମୟରେ କ୍ୟାଶିୟର ଟଙ୍କା ଗଣି ହିସାବ କରୁଥିବାବେଳେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହାତରେ ବନ୍ଧୁକ ଏବଂ ମାରଣାସ୍ତ୍ର ଧରି ବ୍ୟାଙ୍କ ଭିତରେ ପ୍ରବେଶ କରିବା ସହିତ କ୍ୟାଶିୟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯିବାବେଳେ ବାହାର ପଟୁ ଶଟର ପକାଇ ଦେଇ ଚାଲିଯାଇଥିଲେ। ବ୍ୟାଙ୍କ କର୍ମଚାରୀମାନେ ଭିତରପଟୁ ଶଟର ବାଡ଼େଇବା ସହ ଘର ମାଲିକଙ୍କୁ କଲ୍ କରିଥିଲେ। ପରେ ଘର ମାଲିକ ଶଟର ଖୋଲିବାରୁ ସେମାନେ ବାହାରକୁ ବାହାରିଥିଲେ। ଏନେଇ ବ୍ୟାଙ୍କର ଶାଖା ପରିଚାଳକ ମଳୟ କୁମାର ସାହୁଙ୍କ ଅଭିଯୋଗ କ୍ରମେ ତିହିଡ଼ି ପୋଲିସ ଏକ ମାମଲା(ନଂ. ୨୦୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ ଏବଂ ଏହାର ଆଖପାଖରେ ଥିବା ସିସିଟିଭି ଯାଞ୍ଚ କରି ପୋଲିସ ଲୁଟେରାମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଛାନ୍‌ଭିନ୍ ଆରମ୍ଭ କରିଛି।

## ଲୁଟେରାଙ୍କୁ କାବୁ ବେଳେ ଗୃହକର୍ତ୍ତାଙ୍କୁ ଭୁଜାଲିରେ ଆକ୍ରମଣ

ସୋର, ୧୨।୬(ଜନ୍ମେଜୟ ମିଶ୍ର)



ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମ୍ୟୁନିସିପାଲିଟି ଅନ୍ନପୂର୍ଣ୍ଣା ରାଇସ ମିଲ୍ ଅଞ୍ଚଳର ହିମାଂଶୁ ଶେଖର ଦାସ ନାମକ ବ୍ୟକ୍ତିଙ୍କ ଘରେ କେହି ନ ଥିବା ବେଳେ ବୁଧବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି। ଲୁଟେରାଙ୍କୁ କାବୁକରିବାକୁ ଯାଇ ଗୃହକର୍ତ୍ତା ହିମାଂଶୁ ଭୁଜାଲି ଆକ୍ରମଣର ଶିକାର ହୋଇଛନ୍ତି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ହିମାଂଶୁ ତାଙ୍କ ଘର ପରିବାର ସହିତ ଏକ ଉତ୍ସବରେ ଯୋଗଦେବା ପାଇଁ ଭଦ୍ରକ ଯାଇଥିଲେ। ସେଠାରୁ ୧୧ଟା ୪୫ରେ କାର୍‌ରେ ଘରକୁ ଫେରିଥିଲେ। କାର୍ ଘର ସାମ୍ନାରେ ରଖିବା ପରେ ଗେଟ୍ ଓ କବାଟ ଖୋଲା ଥିବା ଓ ଘର ଅନ୍ଧାର ଥିବା ଦେଖିଥିଲେ। ଘର ଭିତରକୁ ପଶିବା କ୍ଷଣି ୪ରୁ ୫ଜଣ ଦୁର୍ବୃତ୍ତ ପାଚେରି ଡେଇଁ ପଳାଇଯାଇଥିଲେ। ଜଣେ ଲୁଟେରା କବାଟ କୋଣରେ ରହିଯାଇଥିଲେ। ସମ୍ପୃକ୍ତ ଲୁଟେରାଙ୍କୁ କାବୁକଲା ବେଳେ ହିମାଂଶୁଙ୍କ ସହ ଅଧଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା। ଏଥିରେ ଲୁଟେରା ଜଣକ ଏକ ଭୁଜାଲିରେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏହି ସମୟରେ ସେ ରକ୍ତ ଜୁଡୁବୁଡୁ ହୋଇଥିଲେ ମଧ୍ୟ ସେ ଛାଡ଼ି ନ ଥିଲେ। ପରେ ଜଣେ ପଡୋଶୀ ପହଞ୍ଚିଯିବାରୁ ଉଭୟେ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଲୁଟେରାଙ୍କୁ କାବୁ କରି ନେଇଯାଇଥିଲେ। ଲୁଟେରାମାନେ ଘରେ ପଶି ଆଲମିରା ଭାଙ୍ଗି ଏକ ସୁନାଚେନ, ମୁଦି, କାନଫୁଲ ଓ ୨୨ହଜାର ଟଙ୍କା ନେଇଯାଇଥିବା ଜଣାପଡିଛି। ଲୁଟେରା ଜଣଙ୍କ ଜଗତ୍‌ସିଂହପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟଜଣଙ୍କୁ ସୋର ଓଭରବ୍ରିଜରୁ କାବୁ କରାଯାଇଛି। ଗୃହକର୍ତ୍ତା ଆୟୁର୍ବେଦିକ୍ ମେଡିଶିନ ଦୋକାନ ମାଲିକ ଅଟନ୍ତି। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବେଙ୍ଗାଲୁରୁରୁ ଗଞ୍ଜାମ ଯୁବକ ଗିରଫ

ଭୁବନେଶ୍ୱର,୧୨।୬ (ସତ୍ୟଜିତ୍ ରାଉତ)

**ଫୁଟ୍‌ବଲ ବେଟିଂ ଆପ୍‌ରେ ୧ ହଜାର କୋଟି ଠକେଇ ମାମଲା**

ଫୁଟ୍‌ବଲ ବେଟିଂ/ଗେମିଙ୍ଗ୍ ଆପ୍(-18football.com)ରେ ଦେଶବ୍ୟାପୀ ୧ହଜାର କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଫେରାର ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଜିତେନ୍ଦ୍ର ମଲ୍ଲିକ(୨୭)। ଗତ ୪ତାରିଖରେ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇ ସ୍ଥାନୀୟ କୋର୍ଟରେ ହାଜର ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ସୋମବାର ବ୍ରହ୍ମପୁର ଓପିଆଇଡି କୋର୍ଟରେ ହାଜର କରାଯିବା ପରେ ଇଓଡବ୍ଲ୍ୟୁ ଜିତେନ୍ଦ୍ରଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି। ଶୁକ୍ରବାର ଜିତେନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇ ଜେଲ ଫେରାଇ ନିଆଯିବ। ଏହି ମାମଲାରେ ପୂର୍ବରୁ ପଶ୍ଚିମବଙ୍ଗରୁ ୨, ରାଜସ୍ଥାନ ଓ କେରଳରୁ ଜଣେ ଲେଖାଏ ମୋଟ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି।

ର୍‍ୟାକେଟ୍‌ର ଏଜେଣ୍ଟମାନେ ଭାରତ, ଚାଇନା, ଦୁବାଇ ଆଦି ଦେଶରେ ରହି ଠକେଇ କରୁଥିଲେ। ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ପଠାଇବା ପରେ ଆକାଉଣ୍ଟ ଖୋଲି ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଜମା କରିବାକୁ କହୁଥିଲେ। ଆପ୍‌ରେ ଟଙ୍କା ଲଗାଇଲେ ରିଟର୍ନ ସହ ବୋନସ୍ ଆଦି ମିଳିବାର ଲୋଭ ଦେଖାଉଥିଲେ। ଏପରି କି ଅନ୍ୟ ଲୋକଙ୍କୁ ଏଥିରେ ଯୋଡ଼ିଲେ କମିଶନ ମିଳିବାର ଆଉ ଏକ ଲୋଭ ଦେଖାଯାଉଥିଲା। ବହୁ ସେଲ୍ କମ୍ପାନୀ ଖୋଲି ଟଙ୍କା ନେଣଦେଣ କରୁଥିଲେ। ୨୦୨୧ରେ ଗଞ୍ଜାମର ୮୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଠକେଇରେ ପଡ଼ି ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ୨୦୨୩ ଫେବୃଆରୀ ୧୭ରେ ମାମଲା (ନଂ.୬/୨୩) ରୁଜୁକରି ତଦନ୍ତ କରିଥିଲା। ଏଥିରେ ପ୍ରାୟ ୧ହଜାର କୋଟିରୁ ଉର୍ଦ୍ଧ୍ୱ ଠକେଇ ହୋଇଥିବାବେଳେ ଏଯାଏ ୪୪୬ କୋଟି କାରବାରର ତଥ୍ୟ ମିଳିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ଗିରଫ ଜିତେନ୍ଦ୍ର ଏହି ଆପ୍‌କୁ ଗଞ୍ଜାମ ସମେତ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବା ସହ ହୋଟେଲରେ ବୈଠକ କରିଥିଲେ। ସେ ଡାଉନଲାଇନ୍ ମେମ୍ବରଙ୍କୁ ରେଫରାଲ୍ ଲିଙ୍କ୍ ପଠାଇବା ସହ ଠକଙ୍କ ଯୋଗାଯୋଗରେ ରହୁଥିଲେ।

## କନ୍ଧମାଳରେ ମାଓବାଦୀ ଡମ୍ପ ଠାବକଲା ବିଏସ୍‌ଏଫ୍



ଜବତ ମାଓସାମଗ୍ରୀ।

ଭୁବନେଶ୍ୱର,୧୨।୬ (ସତ୍ୟଜିତ୍ ରାଉତ)

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଗୁରୁବାର କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଖାମନଖୋଲ ପଞ୍ଚାୟତ କାନିବାଲି ଗାଁ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେଶନ୍ କରି ଏକ ମାଓବାଦୀ ଡମ୍ପ୍ ଠାବକରିଛି। ଏହି ଡମ୍ପ୍‌ରେ ବିସ୍ଫୋରକ ସାମଗ୍ରୀ ସମେତ ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାରୀ ସାମଗ୍ରୀ ରହିଥିଲା। ବିସ୍ଫୋରକ ସାମଗ୍ରୀ ମଧ୍ୟରେ ୮ଟି ଡେଟୋନେଟର ଓ ବ୍ୟବହାର ପାଇଁ ଆଲୁମିନିୟମ ଫଏଲରେ ଥିବା ୯ଟି ବିସ୍ଫୋରକ ସାମଗ୍ରୀ ରହିଛି। ଏଥିସହ ପାୱାର ବ୍ୟାଙ୍କ, ତାର, ୨ଟି ବ୍ୟାଟେରି, ଷ୍ଟିଲ୍ ଟିଫିନ୍ ଆଦି ମଧ୍ୟ ଜବତ କରାଯାଇଛି। ଠାବ ହୋଇଥିବା ସାମଗ୍ରୀକୁ ବିଏସ୍‌ଏଫ୍ ପକ୍ଷରୁ ବାଲିଗୁଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଛି। ବିଏସ୍‌ଏଫ୍‌ର ପଦକ୍ଷେପ ଫଳରେ ସ୍ଥାନୀୟ ଅଞ୍ଚଳରେ ମାଓବାଦୀମାନେ ଘଟାଇବାକୁ ଥିବା ସମ୍ଭାବ୍ୟ ବଡ଼ ଅଘଟଣକୁ ଏଡାଇ ଦିଆଯାଇଛି। ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଅଧିକ ସର୍ଚ୍ଚ ଅଭିଯାନ ଚାଲୁ ରହିବ ବୋଲି ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବିଏସ୍‌ଏଫ୍ କନ୍ଧମାଳ ଏବଂ ମାଲକାନଗିରି ଜିଲାରେ ମଧ୍ୟ ଦୃଢ଼ ଉପସ୍ଥିତି ବଜାୟ ରଖି ସର୍ଚ୍ଚ ଅପରେଶନ ଜାରି ରଖିଛି। ବାକି ଥିବା ମାଓବାଦୀ ଭିତ୍ତିଭୂମିକୁ ନଷ୍ଟ ଏବଂ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ବିଏସ୍‌ଏଫ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## କୋରାପୁଟରୁ ଦିଲ୍ଲୀ ଗଞ୍ଜେଇ ଚାଲାଣ, ୩ ମହିଳା ଗିରଫ

କୋରାପୁଟ,୧୨।୬ (ଅମିତାଭ ବେହେରା)

କୋରାପୁଟ ରେଳ ଷ୍ଟେଶନରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୩ ମହିଳାଙ୍କୁ ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦିଲ୍ଲୀର ମୋନିକା, ରାଧିକା ଓ ଶର୍ମିଳା। ସୂଚନା ଅନୁଯାୟୀ, ୩ ଜଣ ମହିଳା ବ୍ୟାଗ୍‌ରେ ଗଞ୍ଜେଇ ନେଇ ଜୟପୁରରୁ କିରାଣ୍ଡୁଲ-ବିଶାଖାପାଟଣା ଟ୍ରେନ୍‌ର ସାଧାରଣ ବଗିରେ ବିଶାଖାପାଟଣା ଓ ସେଠାରୁ ଦିଲ୍ଲୀ ଯିବାକୁ ବାହାରିଥିଲେ। ଷ୍ଟେଶନରେ କାର୍ଯ୍ୟରତ ଆର୍‌ପିଏଫ୍ ଓ ଜିଆର୍‌ପି ପୋଲିସ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ଯାଞ୍ଚ କରିଥିଲେ। ୩ ମହିଳାଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ବ୍ୟାଗ୍‌ରେ ଛୋଟ ଛୋଟ ପ୍ୟାକେଟରେ ଥିବା ୩୦ କେଜି ଗଞ୍ଜେଇ ଜବତ କରିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରିଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ଥାନା ଓଆଇସି ସନ୍ତୋଷିନୀ ମହନ୍ତ ପ୍ରକାଶ କରିଛନ୍ତି।

## ମାଲକାନଗିରି କୋର୍ଟରେ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଜାମିନ

ମାଲକାନଗିରି,୧୨।୬(ଗୌରୀଶଙ୍କର ପଣ୍ଡା)

**ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ମୃତ୍ୟୁ ମାମଲା**

ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ ଶେଷରେ ଗୁରୁବାର ମାଲକାନଗିରି ଏସଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆତ୍ମସମର୍ପଣ କରିଥିଲେ। ପରେ ତାଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ। ୫୦ ହଜାର ଲେଖାଏ ଦୁଇଟି ମୁଚାଲିକାରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଅଗ୍ରୱାଲ ଜିଲାପାଳ ଥିବା ସମୟରେ ତାଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମାଲକାନଗିରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ପରେ ପଣ୍ଡା ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଏହାକୁ ଚ୍ୟାଲେଞ୍ଜକରି ତାଙ୍କ ସ୍ତ୍ରୀ ବନଜା ପଣ୍ଡା ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ଏହାକୁ ଆଧାରକରି ପୋଲିସ ୩୦୨ ଦଫାରେ ମାମଲା ରୁଜୁ କରିଥିଲା। ଏହାପରେ ଏସ୍‌ଡିଜେଏମ୍ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ ଓ ଅନ୍ୟ ୩ ଜଣଙ୍କୁ କୋର୍ଟରେ ହାଜରହେବା ଲାଗି ସମନ ଜାରି କରିଥିଲେ। ଏହାକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ହାଇକୋର୍ଟ ଦଫା ୩୦୨ ପରିବର୍ତ୍ତେ ୩୦୬ ରେ ଟ୍ରାଏଲ ଲାଗି ତଳ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ଅଗ୍ରୱାଲ ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଅର୍ଡରକୁ କାଏମ ରଖିଥିଲେ। ଏହାପରେ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ପାଇଁ ଅଭିଯୁକ୍ତମାନଙ୍କୁ ନୋଟିସ ହୋଇଥିଲା । ନୋଟିସ ପରେ ଏମାନେ ଆଗୁଆ ଜାମିନ ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ । ଏହାପରେ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ କୋର୍ଟ କେବଳ ଅଗ୍ରୱାଲଙ୍କୁ ଅନ୍ତରୀଣ ଜାମିନ ସହ ତଳ କୋର୍ଟରେ ଆତ୍ମସମର୍ପଣ କରି ବେଲ୍ ବଣ୍ଡରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଅଗ୍ରୱାଲ ଆତ୍ମସମର୍ପଣ କରି ଗୁରୁବାର ୨ଜଣ ଜାମିନଦାରଙ୍କ ମୁଚାଲିକାରେ ବେଲ୍ ବଣ୍ଡ ଦେଇ ଜାମିନ ପାଇଛନ୍ତି । ଅନ୍ୟ ୨ଜଣ ଭି.ବେଣୁ ଓ ପ୍ରକାଶ କୁମାର ସ୍ୱାଇଁଙ୍କର ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ମାମଲାକୁ ଆଇନଜୀବୀ ନୃସିଂହ ଚରଣ ମହାନ୍ତି ପରିଚାଳନା କରୁଛନ୍ତି ।

ସୂଚନାଯୋଗ୍ୟ, ମନୀଷ ଅଗ୍ରୱାଲଙ୍କର ଏହି ମାମଲା ଜୁଲାଇ ୨୨, ୨୦୨୫ରେ ପୁନର୍ବାର ଶୁଣାଣି ରହିଛି । ପ୍ରକାଶ ଯେ, ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ହାଇକୋର୍ଟ ପୂର୍ବରୁ ଜାମିନ ଦେଇଛନ୍ତି।



ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଏସ୍‌ଡିଜେଏମ୍ କୋର୍ଟକୁ ନିଆଯାଉଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା-୮+୮

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୩/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, June 13/2025 Page 16 ₹ 7.00 | BALASORE

୫୧ଶ ଭାଗ ୧୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 198 ମୂଲ୍ୟ ₹୭/-



DSPL-113

ବର୍ଷ ଏକ ଉପଲବ୍ଧି ଅନେକ

ସୁଭଦ୍ରା



# ବିକାଶର ପଥେ ଓଡ଼ିଶା
## ପ୍ରତିଟି ମହିଳାଙ୍କ ମୁହଁରେ ପ୍ରଗତିର ଗାଥା

# କଥାଦେଇ କଥା ରଖିଲେ ଲୋକଙ୍କ ସରକାର

## ନାରୀଶକ୍ତି ସମ୍ମିଳନୀ

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ**
ଉପମୁଖ୍ୟମନ୍ତ୍ରୀ

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପମୁଖ୍ୟମନ୍ତ୍ରୀ

**ସାଂସଦ ଓ ବିଧାୟକଗଣ, କଟକ ଜିଲ୍ଲା**

୧୩ ଜୁନ୍ ୨୦୨୫ । କଟକ

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-33001/13/0095/2526





ଅନନ୍ତ ବାସୁଦେବ ରୂପରେ ଶ୍ରୀବଳଭଦ୍ର, ମା' ଭୁବନେଶ୍ୱରୀ ରୂପରେ ଦେବୀ ସୁଭଦ୍ରା ଏବଂ ଅନନ୍ତ ନାରାୟଣ ରୂପରେ ପୂଜିତ ଶ୍ରୀଜଗନ୍ନାଥଙ୍କ ପଟିଦିଅଁ।

# ରହସ୍ୟମୟ ପଟିଦିଅଁ

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ବର୍ତ୍ତମାନ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି। ଅଣସର ସମୟରେ ପଟିଦିଅଁ ପୂଜା ପରମ୍ପରା ରହିଛି। ଏହି ପଟଚିତ୍ରକୁ ଶ୍ରୀମନ୍ଦିର ଚିତ୍ରକର ସେବକମାନେ ପ୍ରସ୍ତୁତ କରିଥା'ନ୍ତି। ଶ୍ରୀମନ୍ଦିରରେ ପ୍ରଚଳିତ ପଟିଦିଅଁ ନିର୍ମାଣ ପରମ୍ପରାରୁ ପଟଚିତ୍ର ବିକଶିତ ହୋଇ ଆଜି ବିଶ୍ୱକୁ ବିମୋହିତ କରୁଛି। ମହାପ୍ରଭୁଙ୍କ ମାହାରୀ ପରମ୍ପରାରୁ ଗୋଟିପୁଅ ନୃତ୍ୟ, ଗୋଟିପୁଅ ନୃତ୍ୟରୁ ଓଡ଼ିଶୀ ନୃତ୍ୟ ବିକାଶଲାଭ କରି ଆଜି ଯେପରି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି, ଠିକ୍ ସେହିପରି ଚିତ୍ରଶିଳ୍ପୀ ପ୍ରାକୃତିକ ରଙ୍ଗରେ ଉପାସନା ପାଇଁ ଯେଉଁ ପଟିଦିଅଁ ଆଙ୍କି ଦେଇଥିଲା, ତାହା କାଳକ୍ରମେ ପଟଚିତ୍ରରେ ପରିଣତ ହୋଇ ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ପ୍ରକାଶ କରିଛନ୍ତି। ଡ. ମିଶ୍ର ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ଗୋବରଲିପା କାନ୍ଥରୁ ଚିତ୍ରକଳା ବିକାଶ ଲାଭ କରିଥିଲା। ଅରୁଆ ଚାଉଳକୁ ବାଟି ତାକୁ ପାଣିଆ କରି କାନ୍ଥରେ ଓ ମାଟିରେ ପ୍ରଥମେ ଚିତ୍ର ଅଙ୍କାଯାଉଥିଲା। ଏହା ଉପାସନାରେ ସାମିଲ ହୋଇ ଆଜି ବି ଓଡ଼ିଶାରେ ଚିତାଲାଗି ଅମାବାସ୍ୟା ଏବଂ ଗୁରୁବାର ମାଣବସା ସମୟରେ ଏହି ଚିତ୍ର ପରମ୍ପରା ଦେଖିବାକୁ ମିଳେ। ମାଟିଚିତ୍ରରୁ ଶିଳ୍ପୀ ପହଞ୍ଚିଥିଲା କାଠ ଚିତ୍ରରେ। ସେହିପରି କାଠଚିତ୍ରରୁ ଏହା ଯାଇ ପହଞ୍ଚିଥିଲା ପଥର ଚିତ୍ରରେ। ପଥର ଚିତ୍ର ଦିନେ ତାଳବରଡ଼ା ପୋଥିରେ ପହଞ୍ଚିଥିଲା। ହଜାରେ ବର୍ଷ ତଳର ତାଳବରଡ଼ାର ଚିତ୍ରପୋଥି ଆଜି ବି ଓଡ଼ିଆ ଶିଳ୍ପୀର ଗରିମାର କଥା କୁହେ। କବି ଶବ୍ଦରେ ସୃଷ୍ଟି କରେ କାବ୍ୟ ଓ ପୁରାଣ। ଚିତ୍ରଶିଳ୍ପୀ ସମ୍ପୂର୍ଣ୍ଣ କାବ୍ୟ ବା ପୁରାଣର କଥା କହେ ଚିତ୍ରରେ। ଚିତ୍ରର ପୋଥିଟିଏ ଦେଖିଦେବା ବା ପୁରାଣର ବିଷୟବସ୍ତୁ ଜାଣିପାରେ ପାଠକ। ସେଇ ଚିତ୍ରପୋଥି ଆସ୍ତେ ଆସ୍ତେ ରଙ୍ଗରେ ସଜେଇ ହେଲା। ଓଡ଼ିଶାର ଚିତ୍ରଶିଳ୍ପୀ ନମସ୍ୟ। ଆଜି ବି ରଙ୍ଗର ଚିତ୍ର ପୋଥି ବିଭୋର କରିଦିଏ ମଣିଷକୁ, ଯାହା ବିକାଶ ହୋଇ ପଟଚିତ୍ରରେ ପହଞ୍ଚିଛି। ତାଳବରଡ଼ାରେ ଓଡ଼ିଆ ଶିଳ୍ପୀ ସୃଷ୍ଟି କରିଥିବା ପଟଚିତ୍ର ଓଡ଼ିଶାର ଐତିହ୍ୟର କଥା କୁହେ। ତେବେ ଯେଉଁ ପଟିଦିଅଁ ଚିତ୍ରରୁ ପଟଚିତ୍ରରେ ଆମେ ପହଞ୍ଚିଛନ୍ତି, ସେ ଚିତ୍ରରେ କ'ଣ ରହସ୍ୟ ଅଛି! କି କଥା କୁହେ ସେ ଚିତ୍ର! ଯା'ର ରହସ୍ୟ କି ସାମାଜିକ ବାର୍ତ୍ତା ଦେଉଛି! ଯାକୁ ହିଁ ଆମେ ବିଚାର କରିବା। ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାରେ ପ୍ରତ୍ୟେକ ନୀତି, ଯାନିଯାତ୍ରା, ବେଶ ଓ ଉତ୍ସବ ତଥା ମହୋତ୍ସବ ସାମାଜିକ ଦୃଷ୍ଟିରୁ ରହସ୍ୟମୟ। ଏହି ରହସ୍ୟଗୁଡ଼ିକ ମାନବୀୟ ମୂଲ୍ୟବୋଧର ପ୍ରତୀକ। ମାନବୀୟ ମୂଲ୍ୟବୋଧ କହିବାର ତାତ୍ପର୍ଯ୍ୟ ଖୁବ୍ ସରଳ। ମଣିଷର ବ୍ୟକ୍ତିଗତ କଲ୍ୟାଣରେ ଏହା କେବଳ ସୀମିତ ନୁହେଁ, ଜଗତକଲ୍ୟାଣ ଭାବନା ଏହାର ମୂଳଭିତ୍ତି। ଉପାସନାର ଆଭିମୁଖ୍ୟରେ ରହିଥିବା ଜଗତ କଲ୍ୟାଣ ଚିନ୍ତାଧାରା ଯୋଗୁ ମହାପ୍ରଭୁଙ୍କ ପ୍ରତ୍ୟେକ ନୀତି-କାନ୍ତି, ପୂଜା-ପାର୍ବଣ ଓ ମହୋତ୍ସବ ସାମାଜିକ ଅଙ୍ଗୀକାର ଲାଭ କରିଛି। ସମାଜର ସବୁ ବର୍ଗର ସାଧାରଣ ଲୋକଟିଏ ଏଥିରେ ଜଡ଼ିତ ହୋଇଯିବା ହେଉଛି ଏହାର ମୁଖ୍ୟ କାରଣ। ଶ୍ରୀଜଗନ୍ନାଥଙ୍କ ଉପାସନା ଧାରା ଶାନ୍ତିର ଧାରା। ସେଥିପାଇଁ ପଞ୍ଚରାତ୍ରଧାରାରେ ଶ୍ରୀଜଗନ୍ନାଥଙ୍କୁ ପରମାତ୍ମା, ଶ୍ରୀବଳଭଦ୍ରଙ୍କୁ ଜୀବ, ଦେବୀ ସୁଭଦ୍ରାଙ୍କୁ ମନ ଓ ଶ୍ରୀସୁଦର୍ଶନଙ୍କୁ ଅହଙ୍କାରର ପ୍ରତୀକ ରୂପେ ଗ୍ରହଣ କରାଯାଇ ଉପାସନା କରାଯାଏ। ଜୀବ ଯେତେବେଳେ ପରମାତ୍ମା ସଂଯୁକ୍ତ ହୋଇ ଅହଙ୍କାରରୁ ମୁକ୍ତ ହୋଇଯାଏ, ସେତେବେଳେ ତା' ମନରେ ଏକ ଶାନ୍ତିର ଭାବ ତାକୁ ପରମ ସୁଖ ଦିଏ। ଭାବର ବଗିଚାରେ ମୁଗ୍ଧ ମଧୁର ଗନ୍ଧ ତାକୁ ପରିପୂର୍ଣ୍ଣ କରିଦିଏ। ମହାପ୍ରଭୁଙ୍କୁ ପ୍ରଥମେ ଅଲୱାରମାନେ ଶ୍ରୀବାସୁଦେବ-ବିଷ୍ଣୁ ରୂପେ ଗ୍ରହଣ କରିଥିଲେ। ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀବାସୁଦେବଙ୍କ ସହିତ ଶ୍ରୀନାରାୟଣଙ୍କ ସମୀକରଣ କରିବା ପରେ ସେ 'ନାରାୟଣ ସର୍ବମିତି' ବୋଲି ଉପାସିତ ହେଲେ। ପୂର୍ବରୁ ସେ 'ବାସୁଦେବ ସର୍ବମିତି' ବିଶ୍ୱାସ ଓ ଆସ୍ଥାରେ ଉପାସିତ ହେଉଥିଲେ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ପରମବ୍ରହ୍ମ ଚେତନା 'ଦାରୁବ୍ରହ୍ମ'ରେ ରୂପାନ୍ତରିତ ହେଲା ପରି ଜଗତପିତା ଚେତନା 'ଜଗତନାଥ' ଚେତନାରେ ରୂପାନ୍ତରିତ ହୋଇଛି।



ଶ୍ରୀମନ୍ଦିର ଚିତ୍ରକର ସେବକମାନେ ପଟିଦିଅଁ ପ୍ରସ୍ତୁତ କରୁଛନ୍ତି।

-ପ୍ରସ୍ତୁତି: ଅଜିତ୍ କୁମାର ମହାନ୍ତି, ପୁରୀ

# ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁରୁବାରଠାରୁ ମହାପ୍ରଭୁଙ୍କ ୧୪ ଦିନିଆ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରି କୋଠରି ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତସେବା ଆରମ୍ଭ କରିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିରରେ ଦଶାବତାର ଠାକୁରଙ୍କ ସହ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

ଶ୍ରୀବିଗ୍ରହମାନେ ବୁଧବାର ୧୦୮ ଗରା ଜଳରେ ସ୍ନାନ କରି ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଇଥିଲେ। ଏହା ପରେ ରାତି ୧୧ଟାରେ ହାତୀବେଶ ମଇଲମ ହୋଇ ୧୧ଟା ୪୦ରେ ପୁଷ୍ପାଞ୍ଜଳି ଓ ଡୋରଲାଗି ହୋଇଥିଲା। ୧୧ଟା ୫୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ପ୍ରଥମେ ମଦନମୋହନ ଓ ରାମକୃଷ୍ଣଙ୍କ ପହଣ୍ଡି ହୋଇଥିଲା। ପରେ କ୍ରମ ଅନୁସାରେ ଶ୍ରୀସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ବିଜେ କରିଥିଲେ। ରାତି ପ୍ରାୟ ୪ଟା ୩୫ରେ ପହଣ୍ଡି ସରିବା ପରେ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ଗୁରୁବାର ଭୋର ୫ଟା ୧୦ରେ ରାହୁରେଖା ମଇଲମ ପରେ କୋଠସୁଆଁସିଆମାନେ ଦଶ ଅବତାର ତାଟି ବାନ୍ଧିବା ପାଇଁ ପ୍ରବେଶ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, ବୈଜୟନ୍ତୀ ବାଜା, କାହାଳୀ ସହ ଲେଙ୍କା ସେବକ ପଟିଦିଅଁ ଆଣିବା ପାଇଁ ଚିତ୍ରକାର ସେବକଙ୍କ ଘରକୁ ଯାଇଥିଲେ। ସକାଳ ୬ଟାରେ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ କରିଥିଲେ। କୋଠ ସୁଆଁସିଆମାନେ ତାଟି ବାନ୍ଧି ପୂର୍ବାହ୍ନ ୧୦ଟାରେ ବାହାରିଥିଲେ। ପଟି ଠାକୁରଙ୍କ ରୁନ୍ଧା କାର୍ଯ୍ୟ ୧୦ଟା ୨୫ରେ ଶେଷ ହୋଇଥିଲା। ଅନନ୍ତ ନାରାୟଣ ରୂପରେ ଶ୍ରୀଜଗନ୍ନାଥ, ଅନନ୍ତ ବାସୁଦେବ ରୂପରେ ଶ୍ରୀବଳଭଦ୍ର ଏବଂ ମା' ଭୁବନେଶ୍ୱରୀ ରୂପରେ ଦେବୀ ସୁଭଦ୍ରା ପଟିଦିଅଁ ଭାବେ ଅଣସର ସମୟରେ ପୂଜା ପାଇବେ। ଦଶ ଅବତାର ବିଜେ ପରେ ମହାସ୍ନାନ ନୀତି ବଢ଼ିଥିଲା। ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ଦର୍ଶନ କରିଥିଲେ।

**ଅଣସର ଘରେ ଚତୁର୍ଦ୍ଧାବିଗ୍ରହ**

ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବେ ପଟିରେ ସ୍ଥାନିତ ହୋଇଛନ୍ତି। ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହୋଇଛି। ଦଇତାପତିମାନେ ଜ୍ୱରାକ୍ରାନ୍ତ ଦରୁଦିଅଁଙ୍କ ଗୁପ୍ତ ଉପଚାର ସହ ସେବା କରୁଛନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇବାରୁ ଭକ୍ତ ଓ ସେବାୟତ ବଞ୍ଚିତ ହୋଇଛନ୍ତି। କେବଳ ପଟିଦିଅଁଙ୍କୁ ଦର୍ଶନ କରି ସେମାନେ ଆତ୍ମତୃପ୍ତି ଲାଭ କରୁଛନ୍ତି। ଅଣସର ସମୟରେ ଦାରୁଦିଅଁଙ୍କୁ ପଣା ଓ ଚକଟା ଭୋଗ ଲାଗି କରାଯାଉଥିବାବେଳେ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ କରାଯାଉଛି। ଅଣସର ପିଣ୍ଡିରେ ଗୋଟିଏ ଦୀପକୁ ଛାଡ଼ିଦେଲେ ଘନ ଅନ୍ଧକାର ମଧ୍ୟରେ ମହାପ୍ରଭୁଙ୍କ ଗୁପ୍ତ ନୀତି ଚାଲିଛି। ସେହିପରି ସମ୍ପ୍ରତି ଶବ୍ଦସୃଷ୍ଟି ମନା ଯୋଗୁ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ପାଳଟିଛି।

# ଅଣସରରେ ଲାଗିହୁଏନି ରନ୍ଧାଭୋଗ

ଅଣସର ପିଣ୍ଡିରେ ଏବେ ଚତୁର୍ଦ୍ଧାବିଗ୍ରହ। ଚାଲିଛି ଗୁପ୍ତ ସେବା। ଦାରୁଦିଅଁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ତେବେ ଏହି ଗୁପ୍ତ ଲୀଳାରେ କେତୋଟି ନିଷିଦ୍ଧ ନିୟମ ରହିଛି। ସ୍ନାନ ନୀତି ପରେ ରତ୍ନମଣ୍ଡପ ସମ୍ମୁଖରେ ଅସ୍ଥାୟୀ ଭାବେ ତାଟିରେ ଏକ ଅଣସର ଗୃହ ତିଆରି କରାଯାଏ। ତାଟିରେ ଥିବା ଏକମାତ୍ର ଦ୍ୱାର ଦେଇ ଅଣସର ସେବା କରୁଥିବା ଦଇତାପତିମାନେ ପ୍ରବେଶ କରନ୍ତି। ସେଠାକୁ ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ। ସେମାନେ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିବା ସହ କେବଳ ମହାପ୍ରଭୁଙ୍କୁ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଅଣସର ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ପଣା ଓ ଚକଟା ଭୋଗ ଲାଗି କରାଯାଏ। ଶ୍ରୀବିଗ୍ରହମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଥିବାବେଳେ କେବଳ ଧଳା ଫୁଲ ଲାଗିକରାଯାଏ। ତୁଳସୀ ଲାଗି କରାଯାଇ ନ ଥାଏ। ଅଣସର ଘରେ ଗୋଟିଏ ରାଶିତେଲ ଦୀପ ଜଳାଯିବା ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ଘରୁ ପାତ୍ର, ଫୁଲ, ପତ୍ର ଓ ଫଳଚୋପା ଇତ୍ୟାଦି ବାହାରକୁ ଆସି ନ ଥାଏ। ସେଗୁଡ଼ିକୁ ଗୃହର ଏକ କୋଣରେ ରଖାଯାଇଥାଏ। ଭଜନ, କୀର୍ତ୍ତନ, ଗୀତ, ଘଣ୍ଟଘଣ୍ଟା, କାହାଳୀ, ବାଦ୍ୟ ସବୁ ନିଷିଦ୍ଧ ରହିଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ଏହି ସମୟରେ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ପାଳଟିଥାଏ।

**■ କେବଳ ଧଳାଫୁଲ ବ୍ୟବହାର ହୁଏ: ଲାଗି ହୁଏନି ତୁଳସୀ, ବାଦ୍ୟଗୀତ ମନା**

**■ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ପାଲଟେ ନିଷିଦ୍ଧାଞ୍ଚଳ**

**ଫୁର୍‌ସତ୍**

# ଚର୍ମର ସୁରକ୍ଷା ପ୍ରତି ସଚେତନତା ଲୋଡ଼ା

**ଆଜି ବିଶ୍ୱ ଆଲ୍‌ବିନିଜମ୍ ସଚେତନତା ଦିବସ**



ଆଲ୍‌ବିନିଜମ୍ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୩ କୁ 'ବିଶ୍ୱ ଆଲ୍‌ବିନିଜମ୍ ସଚେତନତା ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଉକ୍ତ ଦିବସର ସ୍ଲୋଗାନ ରହିଛି 'ଅଧିକାର ଦାବି କରିବା: ଚର୍ମର ସୁରକ୍ଷା କରିବା, ଜୀବନକୁ ବଞ୍ଚାଇବା'। ୨୦୧୪ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ୧୯୦୮ରେ ଡା. ଏ. ଇ. ଗ୍ରାରଡ୍ ଆଲ୍‌ବିନିଜମ୍ ଅବସ୍ଥା ବିଷୟରେ ବ୍ୟାଖ୍ୟା କରିଥିଲେ। ଆଲ୍‌ବିନିଜମ୍‌କୁ ମଧ୍ୟ 'ହାଇପିଗ୍‌ମେଣ୍ଟେଶନ' ବୋଲି କୁହାଯାଏ। ଏପରି ସମସ୍ୟା ଥିଲେ ସୂର୍ଯ୍ୟକିରଣ ତଥା ଅନ୍ୟ କ୍ଷତିକାରକ କିରଣଠାରୁ ଶରୀରକୁ ଦୂରେଇ ରଖନ୍ତୁ। କୌଣସି ଚର୍ମ କ୍ଷତ, ଟ୍ୟୁମର କିମ୍ବା ଘା' ହେଲେ ପରୀକ୍ଷା କରି ସଙ୍ଗେ ସଙ୍ଗେ ଚିକିତ୍ସା କରିବା ଆବଶ୍ୟକ।

ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, "ମଣିଷର ରଙ୍ଗ ତାହାର ଚର୍ମ ଯୋଗୁ ହୋଇଥାଏ ଏବଂ ଚର୍ମର ରଙ୍ଗ ଏଥିରେ ଥିବା ରଙ୍ଗ କଣିକା 'ମେଲାନିନ୍' ଦ୍ୱାରା ହୋଇଥାଏ। ଆମେ କେଉଁ ଵଚାର ହେବା ତାହା ମାତାପିତାଙ୍କଠାରୁ ଆସିଥିବା ଗୁଣସୂତ୍ର ହିଁ ସ୍ଥିର କରିଥାଏ। ଆଲ୍‌ବିନିଜମ୍ (ଶ୍ୱେତ ଚର୍ମ) ଏକ ବିରଳ, ଅଣସଂକ୍ରାମକ ଜିନ୍ ଦ୍ୱାରା ସଂକ୍ରମିତ ହେଉଥିବା ମେଲାନିନ୍‌ର ଏକ ପ୍ରକାର ରୋଗ ଏବଂ ଅବସ୍ଥା। ଏଥିପାଇଁ ଉଭୟ ମାତା ଏବଂ ପିତାଙ୍କର ଗୁଣସୂତ୍ର ହିଁ ଦାୟୀ। ଅନେକ ସମୟରେ ମାତାପିତାଙ୍କ 'ଆଲବିନିଜମ୍' ନ ଥାଇ ମଧ୍ୟ ପିଲାମାନଙ୍କୁ ହୋଇଥାଏ। ଏହି ପିଗ୍‌ମେଣ୍ଟ ବା ରଙ୍ଗ କଣିକାର ଅଭାବ ଚର୍ମ ସହିତ କେଶ, ଚକ୍ଷୁରେ ମଧ୍ୟ ଦେଖାଦେଇଥାଏ। ଯେହେତୁ ମେଲାନିନ୍, ଯାହା ଆମର ଚର୍ମକୁ ସୂର୍ଯ୍ୟକିରଣ ଓ ବାହ୍ୟ କ୍ଷତିରୁ ରକ୍ଷା ଦେଇଥାଏ, ଆଲ୍‌ବିନିଜମ୍ କ୍ଷେତ୍ରରେ ଏହାର ଅଭାବ ଦେଖିବାକୁ ମିଳିଥାଏ। ଏହାଦ୍ୱାରା ଚର୍ମକର୍କଟ ବା ସ୍କିନ୍ କ୍ୟାନ୍‌ସର ହେବାର ଆଶଙ୍କା ଅଧିକ ଥାଏ।

ଟାଇପ୍-୧ ଆଲ୍‌ବିନିଜମ୍‌ରେ ଟାଇରୋସେନେଜ୍ ଜିନ୍‌ରେ ବ୍ୟତିକ୍ରମ ଯୋଗୁ ମେଲାନିନ୍ ତିଆରି ହୋଇପାରି ନ ଥାଏ। ଏଥିଯୋଗୁ ଚର୍ମ ଓ କେଶ ଶ୍ୱେତ ବର୍ଣ୍ଣ ହୋଇଥାଏ। ଆଖିର ଆଇରିଶ (କନୀନିକା) ଓ ରେଟିନାରେ ମଧ୍ୟ ମେଲାନିନ୍ କଣିକାର ଅଭାବ ଯୋଗୁ ଦୃଷ୍ଟିଶକ୍ତି ହ୍ରାସ ସହିତ ଉଜ୍ଜ୍ୱଳ ଆଲୋକ ଦେଖିଲା ବେଳେ କଷ୍ଟ ହୋଇଥାଏ। 'ପି'(P) ଜିନ୍‌ର ବ୍ୟତିକ୍ରମ ଯୋଗୁ ଦ୍ୱିତୀୟ ପ୍ରକାର ଆଲ୍‌ବିନିଜମ୍ ହୋଇଥାଏ, ଯାହାକି ପ୍ରଥମ ପ୍ରକାର ଆଲ୍‌ବିନିଜମ୍‌ଠାରୁ କମ୍ ମାତ୍ରାରେ ହୋଇଥାଏ। ଆଲ୍‌ବିନିଜମ୍‌କୁ ତେଣୁ 'ଚକ୍ଷୁଚର୍ମ ଆଲ୍‌ବିନିଜମ୍' ବୋଲି ଡାକ୍ତରୀ ଭାଷାରେ କୁହାଯାଇଥାଏ। ଯେହେତୁ ଏହା 'ମେଲୋନୋମା' ଓ ସ୍କାମ୍‌ସ ସେଲ୍ କାର୍ସିନୋମା ପରି ଚର୍ମକର୍କଟର ଆଶଙ୍କା ଥାଏ।

ଅଣବିକଶିତ ଦେଶରେ ପୂର୍ବକାଳରେ ଆଲ୍‌ବିନୋମାନଙ୍କୁ ବ୍ୟଙ୍ଗ, ବିଦ୍ରୂପ କରାଯାଉଥିଲା। ଏପରି କି ଆକ୍ରମଣ କରି ମାରି ଦିଆଯାଉଥିଲା ଏବଂ ଭୂତ-ଡାହାଣୀର ପ୍ରତୀକ ବୋଲି କୁହାଯାଉଥିଲା। ହେଲେ କାଳକ୍ରମେ ଆଉ ଏହା ନାହିଁ।



କାଜୋଲ

# '୩ ଇଡିୟଟ୍ସ'କୁ ରିଜେକ୍ଟ କରିଥିଲେ କାଜୋଲ

ମୁମ୍ବାଇ: ଆସନ୍ତା ଜୁନ୍ ୨୭ରେ ଅଭିନେତ୍ରୀ କାଜୋଲଙ୍କ 'ମା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି କାଜୋଲ ଏହାର ପ୍ରମୋଶନରେ ବ୍ୟସ୍ତ ରହିଛନ୍ତି। ସ୍ୱାମୀ ତଥା ଅଭିନେତା ଅଜୟ ଦେବଗନଙ୍କ ନିର୍ମିତ ଏହି ଫିଲ୍ମର ପ୍ରମୋଶନ କରୁଥିବା ସମୟରେ ଗୁରୁବାର ଏକ ସାକ୍ଷାତ୍କାରରେ କାଜୋଲ କହିଛନ୍ତି, ୨୦୦୯ର ସୁପରହିଟ ଫିଲ୍ମ '୩ ଇଡିୟଟ୍ସ' ପାଇଁ ତାଙ୍କୁ ଅଫର ହୋଇଥିଲା। ତେବେ ସେ ଏହି ଫିଲ୍ମକୁ ରିଜେକ୍ଟ କରିଥିଲେ। ସେତେବେଳେ ଏହି ଫିଲ୍ମ ସୁପରହିଟ୍ ହେବ ବୋଲି ସେ ଭାବି ନ ଥିଲେ ବୋଲି କାଜୋଲ କହିଛନ୍ତି। ତେବେ ଏଥିପାଇଁ ତାଙ୍କ ମନରେ ଦୁଃଖ କିମ୍ବା ପଶ୍ଚାତ୍ତାପ ନାହିଁ। ବୋଧହୁଏ '୩ ଇଡିୟଟ୍ସ' ଫିଲ୍ମ ତାଙ୍କ ଭାଗ୍ୟରେ ନ ଥିଲା। '୩ ଇଡିୟଟ୍ସ' ପାଇଁ ସେ ମନା କରିବା ପରେ ନିର୍ଦ୍ଦେଶକ ରାଜକୁମାର ହିରାନୀ ଅଭିନେତ୍ରୀ କରୀନା କପୁରଙ୍କୁ ତାଙ୍କ ବଦଳରେ କାଷ୍ଟ କରିଥିଲେ। ଏହି ଫିଲ୍ମରେ କରୀନା ନିଜ ଚରିତ୍ରକୁ ସୁଚାରୁରୂପେ ତୁଲାଇଥିଲେ ବୋଲି କାଜୋଲ କହିଛନ୍ତି। ପ୍ରକାଶ ଯେ, '୩ ଇଡିୟଟ୍ସ'ରେ କରୀନାଙ୍କ ସମେତ ଅଭିନତା ଆମୀର ଖାନ୍, ଶର୍ମନ ଜୋଷୀ ଏବଂ ଆର୍. ମାଧବନ୍‌ଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।




**୩୦ ଫୁଟ ତଳକୁ ଖସିଲା ଗାଡ଼ି:ଚାଳକ ମୃତ**

ମୋରଡ଼ା,(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ଶୁକ୍ରବାର ସକାଳ ୭ଟାରେ ଏକ ଟାଟା ଏସିଇ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋରଡ଼ା ବ୍ଲକ ଅଧୀନ କାନ୍ଦଣା ଗ୍ରାମର ପିଣ୍ଟୁ ପଣ୍ଡିତ। ଏକ ଟାଟା ଏସିଇ ଯୋଗେ ସେ ସ୍ଥାନୀୟ ସରଡିହା ସାପ୍ତାହିକ ହାଟକୁ ଯାଉଥିବା ସମୟରେ ଭାରସ୍ୟାମ ହରାଇ ୩୦ ଫୁଟ ତଳ କେନାଲ ମଧ୍ୟକୁ ଖସି ପଡ଼ିଥିଲେ। ଫଳରେ ଗାଡ଼ି ତଳେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଥିଲା।

**ମୟୂରଭଞ୍ଜ**

# ମୟୂରଭଞ୍ଜରେ କୃଷି ବିକାଶ ତ୍ୱରାନ୍ୱିତ

## ପିଏମ୍ କିଷାନରେ ୪୪.୭୫ ଏବଂ ସିଏମ୍ କିଷାନରେ ୪୬.୫୧କୋଟି ସହାୟତା ପ୍ରଦାନ

ବାରିପଦା,୧୨ା୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଖାଦ୍ୟଶସ୍ୟ ଉତ୍ପାଦନ ଓ କୃଷକଙ୍କ ଉନ୍ନତି ନିମନ୍ତେ ଚାଷୀଙ୍କୁ ସରକାରୀ ସୁବିଧା ପ୍ରଦାନ କରାଯାଉଛି । ଚାଷୀମାନଙ୍କୁ ଗୁଣାତ୍ମକ ବିହନ, କୀଟନାଶକ ପ୍ରଦାନ ସହ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ନୂତନ ଜ୍ଞାନ କୌଶଳ ଆଧାରରେ କୃଷି ବିକାଶକୁ ତ୍ୱରାନ୍ୱିତ କରାଯାଇଛି । ଫସଲ ବିବିଧିକରଣ ଓ ଚାଷ ପ୍ରଣାଳୀକୁ ନେଇ ସରକାରୀ ସ୍ତରରେ ଗୁରୁତ୍ୱାରୋପ କରାଯାଇଛି। ଯାହାକୁ ନେଇ ଜିଲାର ଚାଷୀମାନେ ବେଶ ଉପକୃତ ହେବା ସହ ଜୀବନଜୀବିକାରେ ଉନ୍ନତି ଘଟିଛି । ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪,୨୨,୬୮୦ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିମଧ୍ୟରୁ ମୋଟ ୪,୨୧,୯୬୮ ହେକ୍ଟର ଜମିରେ ଚାଷ କରାଯାଇଥିଲା । ସେହିପରି ରବି ଋତୁରେ ୧,୧୧,୫୩୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧,୧୮, ୨୭୯.୨୦ ହେକ୍ଟର ଜମିରେ ଚାଷ ହୋଇଥିଲା । ଏଥି ନିମନ୍ତେ କୃଷି ବିଭାଗ ପକ୍ଷରୁ ୯୫୫୫ କ୍ୱିଣ୍ଟାଲ ଧାନ, ମୁଗ ୪୧୨୦.୬୦ କ୍ୱିଣ୍ଟାଲ, ବିରି ୧୫୧୭.୭୦ କ୍ୱିଣ୍ଟାଲ, ବୁଟ ୩୨୦୨.୮୦କ୍ୱିଣ୍ଟାଲ, ଚିନାବାଦାମ ୧୯୬୧.୫୦କ୍ୱିଣ୍ଟାଲ, ସୂର୍ଯ୍ୟମୁଖୀ ୨୬.୨୫କ୍ୱିଣ୍ଟାଲ, ଖସା ୩୮.୧୮ କ୍ୱିଣ୍ଟାଲ ଏବଂ ମସୁର ୨୦.୭୨କ୍ୱିଣ୍ଟାଲ ବିହନ ରିହାତି ମୂଲ୍ୟରେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା । ଭାରତ ସରକାରଙ୍କର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଅନୁଯାୟୀ ପ୍ରତ୍ୟେକ ବ୍ଲକରୁ ବଛାଯାଇଥିବା ସମସ୍ତ ଜମିର ମୃତ୍ତିକା ପରୀକ୍ଷା କରିବା ପାଇଁ ମୋଟ ୨୫ ହଜାର ନମୁନା(ମାଟି) ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ପାଖାପାଖି ୭୪, ୪୨୫ ହେକ୍ଟର ଜମିରେ ମାଣ୍ଡିଆ, ଚିନାବାଦାମ, ଖସା, ସୋରିଷ, ମୁଗ ଏବଂ ବିରି ଇତ୍ୟାଦି ଜାତୀୟ ଫସଲର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହୋଇଥିଲା । ଏହା ଦ୍ୱାରା ପାଖାପାଖି ୬୫ହଜାର ଚାଷୀ ଉପକୃତ ହୋଇଥିଲେ। ବିଗତ ବର୍ଷ ଜିଲାର ଟିଡିସିସି ମାଧ୍ୟମରେ ୧୮,୬୫୫ କ୍ୱିଣ୍ଟାଲ ମାଣ୍ଡିଆ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟରେ ସରକାର ୩୦୬୪ ଜଣ ଚାଷୀଙ୍କଠାରୁ କ୍ରୟ କରିଥିଲେ। ପାଖାପାଖି ୧୯୮ଟି ପ୍ରକ୍ରିୟାକରଣ ୟୁନିଟ ଯଥା ଡାଲି ମିଲ୍, ତେଲ ମିଲ, ମାଣ୍ଡିଆ ଥ୍ରେସର ଇତ୍ୟାଦି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଗତ ରବି ଋତୁରେ ୩୦୫.୭୦ କ୍ୱିଣ୍ଟାଲ ଚିନାବାଦାମ ଏବଂ ୩୩୧.୫୦ କ୍ୱିଣ୍ଟାଲ ମୁଗ ପିଏସଏସ ଜରିଆରେ ସର୍ବନିମ୍ନ ସହାୟକ ମୂଲ୍ୟରେ ସରକାର କ୍ରୟ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ୧୮୫ଜଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦିଆଯାଇଛି। ରିହାତି ମୂଲ୍ୟରେ ଏଯାବତ ୫୬୭ ଟ୍ରାକ୍ଟର, ୯୦୫ ପାୱାରଟିଲର, ୪୨୨ ରୋଟାଭେଟର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତିକୁ ମିଶାଇ ସର୍ବମୋଟ ୩୫୬୦ ଗୋଟି କୃଷି ଯନ୍ତ୍ରପାତି ବିଭିନ୍ନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ସେହିପରି ରବି ଋତୁରେ ୩୪୩୩ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୫୧୩.୯୪ହେକ୍ଟର ଜମି ବୀମାଭୁକ୍ତ ହୋଇପାରିଛି। ଜିଲାରେ ୨,୨୩, ୭୯୧ ଜଣ ଚାଷୀ ଚଳିତ ବର୍ଷ ପିଏମ୍ କିଷାନ ଯୋଜନାରେ ପାଖାପାଖି ୪୪.୭୫ କୋଟି ଟଙ୍କା ସହାୟତା ରାଶି ପାଇଥିବା ବେଳେ ସିଏମ୍ କିଷାନ ଯୋଜନା ମାଧ୍ୟମରେ ୨,୩୨,୫୮୯ଜଣ ଚାଷୀ ୪୬.୫୧କୋଟି ଟଙ୍କା ସହାୟତା ରାଶି ପାଇଛନ୍ତି। ଆଗାମୀ ଦିନରେ ସ୍ମାର୍ଟ କୃଷିକୁ ପ୍ରୋତ୍ସାହନ ଦେବା ସହ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା ବିକଶିତ କୃଷି ସଙ୍କଳ୍ପ ଅଭିଯାନ ସଫଳତାର ସହ ଆଗେଇ ଚାଲିଛି।

# ଆରମ୍ଭ ହେଲା ବିକାଶ ମେଳା



ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଓ ବିଧାୟକ ପ୍ରକାଶ ସୋରେନ ମେଳା ଉଦ୍ଘାଟନ କରୁଛନ୍ତି।

ବାରିପଦା,୧୨ା୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସରକାରଙ୍କ ଏକବର୍ଷପୂର୍ତ୍ତି ଉପଲକ୍ଷେ ବାରିପଦାସ୍ଥିତ ଛଉପଡ଼ିଆଠାରେ ଗୁରୁବାର ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ ଆନୁକୂଲ୍ୟରେ ଆୟୋଜିତ ବିକାଶ ମେଳା-୨୦୨୫ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ଉଦ୍ଘାଟନ କରିଥିଲେ। ଉତ୍ସବରେ ଜିଲାପାଳ ହେମକାନ୍ତ ସୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଶାନ୍ତନୁ କୁମାର ନାୟକ, ଓରମାସର ଡେପୁଟି ସିଇଓ ବିମାନ ମଲ, ଡିସିପିଓ ମମତା ମୟୀ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ଘାଟନ ପରେ ଅତିଥିମାନେ ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଷ୍ଟଲ ପରିଦର୍ଶନ କରିଥିଲେ। ଉକ୍ତ ମେଳାରେ ମୋଟ ୬୦ଟି ଷ୍ଟଲ ପଡ଼ିଥିବାବେଳେ ମିଶନ ଶକ୍ତି ତରଫରୁ ପାରମ୍ପରିକ ଖାଦ୍ୟ ଉତ୍ସବ ଜୋନରେ ୨୫ଟି ଷ୍ଟଲରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ପସରା ଲୋକମାନଙ୍କ ପାଇଁ ଖୋଲା ଯାଇଛି। ଅନ୍ୟାନ୍ୟ ୩୫ଟି ଷ୍ଟଲରେ ବିଭିନ୍ନ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ହସ୍ତତନ୍ତ ବୟନ ସାମଗ୍ରୀ ଉପଲବ୍ଧ ହେଉଛି । ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ତଦନ୍ତ କଲେ ଜେଲ ଡିଆଇଜି

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୧୨ା୬

- ବଦଳିଲେ ୱାର୍ଡର
- ବିଚାରାଧୀନ ବନ୍ଦୀଙ୍କୁ ମାଡ଼ ଘଟଣା

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀଙ୍କୁ ମାଡ଼ ଘଟଣାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜେଲ ଡିଆଇଜି ଅନୁସୟା ଜେନା ଘଟଣାର ତଦନ୍ତ କରି ୱାର୍ଡର ସୁଶୀଳ କୁମାର ପାତ୍ରଙ୍କୁ ବଡ଼ବିଲ ଉପକାରାଗାରକୁ ବଦଳି କରିଛନ୍ତି। ସୂଚନାଯୋଗ୍ୟ, ପ୍ରମୋଦ ସିଂ ଓ ରାଜୀବ ରଞ୍ଜନ କୁମାର ଏକ ମାମଲାରେ ମେ ୭ରୁ ରାଇରଙ୍ଗପୁର ଜେଲରେ ବିଚାରାଧିନ ବନ୍ଦୀ ଭାବେ ରହୁଥିଲେ। ଉଭୟଙ୍କ ବାରିପଦା ଓ ରାଇରଙ୍ଗପୁର ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଗତ ୪ ତାରିଖରେ ୱାର୍ଡର ସୁଶୀଳ କୌଣସି କାରଣକୁ ନେଇ ପ୍ରମୋଦଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଜୁନ ୭ରେ ବାରିପଦା କୋର୍ଟରେ ତାରିଖ ଥିବାରୁ ୬ଜୁନ ୨୦୨୫ ସକାଳ ୮ଟାରେ ପ୍ରମୋଦଙ୍କୁ ରାଇରଙ୍ଗପୁରରୁ ବାରିପଦା ଜେଲକୁ ଅଣାଯାଇଥିଲା। ତେବେ ମାଡ଼ ଘଟଣାକୁ ନେଇ ବୁଧବାର ଡିଆଇଜି ଜେନା ତଦନ୍ତରେ ରାଇରଙ୍ଗପୁର ଜେଲକୁ ଆସିଥିଲେ । ସେଠାରେ ପ୍ରମୋଦ ରହୁଥିବା ୩ନଂ. ୱାର୍ଡର ସମସ୍ତ ବିଚାରାଧୀନ ବନ୍ଦୀମାନଙ୍କଠାରୁ ବୟାନ ସଂଗ୍ରହ କରିବା ପରେ ଗୁରୁବାର ବାରିପଦା ଜେଲକୁ ଆସିଥିଲେ। ବାରିପଦାରେ ପ୍ରମୋଦଙ୍କଠାରୁ ବୟାନ ସଂଗ୍ରହ କରିବା ପରେ ଘଟଣାର ସତ୍ୟାସତ୍ୟକୁ ଆଧାର କରି ୱାର୍ଡର ସୁଶୀଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ରାଇରଙ୍ଗପୁର ଜେଲର ଅଞ୍ଜନ କୁମାର ପଣ୍ଡାଙ୍କୁ ପଚାରିବାରୁ ଜୁନ ୬ ଅପରାହ୍ନରେ ବଦଳି ହୋଇ ରାଇରଙ୍ଗପୁର ଉପକାରାଗାରକୁ ଆସିଛି। ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀମାନେ ତଦନ୍ତ କରି ଯାଇଥିବା କହିଛନ୍ତି।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ବାରିପଦା,୧୨ା୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶ୍ରମ କାର୍ଯ୍ୟାଳୟ ପରିସରରେ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ରଥର ଶୁଭ ଉଦ୍ଘାଟନ ହୋଇଛି। ଜିଲାପାଳ ହେମକାନ୍ତ ସୟ ଓ ଜିଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଉପାଇଙ୍କ ତତ୍ତ୍ୱାବଧାନରେ ସକାଳ ୮ଟାରେ ସଚେତନତା ରଥକୁ ଜିଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ସବୁଜ ପତାକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ। ଉକ୍ତ ସଚେତନତା ରଥ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ଲୋକମାନେ ଯେମିତି ଶିଶୁ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ବାର୍ତ୍ତା ଦେବ। ଶିଶୁମାନଙ୍କୁ କାର୍ଯ୍ୟରେ ଲଗାଇଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଲୋକମାନଙ୍କୁ ଅବଗତ କରାଇବ। ଶିଶୁ ଶ୍ରମିକ ନିୟୋଜନ କରାଯିବା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରିବା ସହିତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଇଞ୍ଜିନିୟରିଂ କଲେଜଠାରେ ଜିଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରାଜଶ୍ରୀ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ, ଚାଇଲ୍ଡ ଲାଇନର ସଦସ୍ୟ, ସିଡବ୍ଲ୍ୟୁସିର ସଦସ୍ୟଙ୍କ ସମେତ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୨୨ କୁଇଣ୍ଟାଲ ମହୁଲ ଫୁଲ ଜବତ, ମହିଳା ଗିରଫ

ରାଇରଙ୍ଗପୁର,୧୨ା୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସର ଏକ ସନ୍ତ୍ର ଟିମ୍ ଗୁରୁବାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ରଣ୍ଡିଦା ଗ୍ରାମରେ ଚଢ଼ାଉ କରି ୨୨ କୁଇଣ୍ଟାଲ ମହୁଲ ଫୁଲ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ବ୍ୟବସାୟୀ ଙ୍କ ବାସ ଘର ଉପରେ ଅଚାନକ ଚଢ଼ାଉ କରାଯାଇ ଥିବାର ଜଣାଯାଇଛି। ସେ ହେଲେ କବିତା ମହାନ୍ତ। ଜବତ ମହୁଲ ଫୁଲର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୯ ହଜାର ଟଙ୍କା ହେବ ବୋଲି ଅବକାରୀ ପୋଲିସ ସୂଚନା ଦେଇଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା(ନଂ.୪୭/୨୫) ରୁଜୁ ହୋଇଛି। ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରା ଏବଂ ସର୍କଲ ଇନ୍ସପେକ୍ଟର ବିନୟ ପ୍ରକାଶ ତୁର୍କାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

# ଗଛ କଟାକୁ ନେଇ ହତ୍ୟା କରିଥିଲେ ସାନଭାଇ

**ହାଟରୁ କ୍ଷତାକ୍ତ ମୃତଦେହ ଜବତ ଘଟଣା**

ଉଦଳା,୧୨ା୬(ସନ୍ତୋଷ କୁମାର ବାରିକ)- କପ୍ତିପଦା ଥାନା ଉପିସାହି ହାଟ ନିକଟରୁ ଡୋଲଗଣ୍ଡି ଗ୍ରାମର ମାଣିକ ସିଂଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ବାଡ଼ିରେ ହୋଇଥିବା ଗଛ କାଟିଦେବାରୁ ବଡ଼ ଭାଇଙ୍କୁ କତୁରିରେ ହାଣି ସାନଭାଇ ରାଜେନ୍ଦ୍ର ହତ୍ୟା କରିଥିବା ପୋଲିସ କହିଛି। ଗୁରୁବାର ସକାଳ ୬ଟା ସମୟରେ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ୨ ଭାଇଙ୍କ ମଧ୍ୟରେ ପୂର୍ବରୁ ଜମିଜମା ବିବାଦ ରହିଥିଲା। ୬ ଦିନ ପୂର୍ବେ ମୃତକ ମାଣିକ ଘର ବାଡ଼ିରେ ଥିବା ଏକ ବଡ଼ ଗଛ କାଟି ଦେଇଥିଲେ। ଯାହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ୯ ତାରିଖରେ ମାଣିକ ଉପିସାହି ହାଟକୁ ଯାଉଥିବା ବେଳେ ତାଙ୍କୁ ଏକ କତୁରିରେ ହାଣି ହତ୍ୟା କରିଥିଲେ ସାନଭାଇ ରାଜେନ୍ଦ୍ର। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କତୁରି ମଧ୍ୟ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୪୨/୨୫)ରୁଜୁ ହୋଇଛି।

# ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ

## ଠାକୁରମୁଣ୍ଡା ପଞ୍ଚାୟତ ସରପଞ୍ଚ ଉପ ନିର୍ବାଚନ



ସମର୍ଥକଙ୍କ ସହ ବିଜୟୀ ପ୍ରାର୍ଥୀ ପୁଚିତ କୁମାର ଲୁଗୁନ।

ଠାକୁରମୁଣ୍ଡା,୧୨ା୬(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତରେ ସରପଞ୍ଚ ଉପ ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ ପୁଚିତ କୁମାର ଲୁଗୁନ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଆର୍ତ୍ତ ଦାସଙ୍କଠାରୁ ୧୬୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପଞ୍ଚାୟତର ମୋଟ ୨୦ଟି ୱାର୍ଡର ୬୫୦୭ ଜଣ ମତଦାତାଙ୍କ ମଧ୍ୟରୁ ୨୨୫୬ ଜଣ ପୁରୁଷ ଓ ୨୨୪୫ ଜଣ ମହିଳାଙ୍କୁ ମିଶାଇ ମୋଟ ୪୫୦୧ ଜଣ ମତଦାତା ବୁଧବାର ଭୋଟ ଦେଇଥିଲେ। ମତଦାନ ହାର ୬୯.୧୮% ଥିଲା। ବ୍ଲକ ପରିସରରେ ଗୁରୁବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ସରପଞ୍ଚ ପ୍ରାର୍ଥୀ ପୁଚିତ ଲୁଗୁନଙ୍କୁ ୧୬୪୨ ଖଣ୍ଡ ଭୋଟ, ଆର୍ତ୍ତ ଦାସଙ୍କୁ ୧୪୭୫ ଓ ହରିଶ୍ଚନ୍ଦ୍ର ସମାଡ଼ଙ୍କୁ ୧୨୩୩ ଖଣ୍ଡ ଭୋଟ ମିଳିଥିଲା। ୧୫୧ ଖଣ୍ଡ ଭୋଟ ନାକଚ ହୋଇଥିଲା। ଭୋଟ ଗଣତି କେନ୍ଦ୍ରରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବିକାଶ ବାହାନ ରଥର ଶୁଭାରମ୍ଭ

ପାଟଣା।ଛେନାପଦ,୧୨/୬(ବିକେଶୋଦାଶ/ନିରାକାର ପରିଡା): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକରେ ବିକାଶ ବାହାନ ରଥର ଶୁଭାରମ୍ଭ ହୋଇଛି। ପାଟଣା ବ୍ଲକ୍ କାର୍ଯ୍ୟାଳୟରେ ବିଡ଼ିଓ ମାନସ ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ରଥକୁ ପତାକା ଦେଖାଇ ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦଚନ୍ଦ୍ର ଶୁଭାରମ୍ଭ କରିଥିଲେ। ସେହିପରି ହାଟଡ଼ିହି ବ୍ଲକ୍ ପରିସରରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ପତାକା ହଲାଇ ଆନୁଷ୍ଠାନିକ ଭାବେ ରଥକୁ ଶୁଭାରମ୍ଭ କରିଥିଲେ। ବ୍ଲକ୍ ସହାୟିକା ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆରମ୍ଭ ହେଲା ବିକାଶ ବାହାନ ଯାତ୍ରା

ମୋରଡ଼ା,୧୨ା୬(ସ୍ମାରକ ମାଜୀ)



ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଛି। ରାଜ୍ୟରେ ଭାଜପା ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ଉକ୍ତ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଉକ୍ତ ବାହାନ ୧୦ ଦିନ ଧରି ମୋରଡ଼ା ବ୍ଲକର ୨୦ଟି ପଞ୍ଚାୟତ ପରିକ୍ରମା କରିବ ଏବଂ ଏକ ବର୍ଷ ଭିତରେ ଭାଜପା ସରକାର ରାଜ୍ୟବାସୀଙ୍କ ପାଇଁ ଯାହା ସବୁ କରିଛି ସେ ବାବଦରେ ଲୋକଙ୍କୁ ଅବଗତ କରାଇବ। ନାରୀ ଶକ୍ତି ପାଇଁ ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ ହୋଇଥିବା ବେଳେ ଯୁବ ବର୍ଗରେ ସାମାଜିକ ଓ ଆର୍ଥିନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି, ଭୁବନେଶ୍ୱରରେ କ୍ରୀଡ଼ାର ବିକାଶ ପାଇଁ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଦ୍ରୁତଗତି, ପ୍ରତ୍ୟେକ ଜିଲାରେ ଶିଳ୍ପ ପାଇଁ ପ୍ରତିଶ୍ରୁତି, ଅନ୍ନଦାତା ସେବାରେ ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା, ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର, ସାମାଜିକ ପ୍ରତିବଦ୍ଧତା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫ ପ୍ରତିଶତ ଅଭିଯୋଗ ଏବଂ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ୫ ଲକ୍ଷ ଅଭିଯୋଗ ସମାଧାନ ଇତ୍ୟାଦି ଏକ ବର୍ଷର ଉପଲବ୍ଧି ବାବଦରେ ଉକ୍ତ ବାହାନ ଲୋକଙ୍କୁ ଅବଗତ କରାଇବ। କାର୍ଯ୍ୟକ୍ରମରେ ବିଡ଼ିଓ ଅଣାକର ନାୟକ, ସହକାରୀ ଯନ୍ତ୍ରୀ ସୁଶାନ୍ତ ନାୟକ, ଜିପିଡ଼ିଓ ଶଙ୍କର ମୁର୍ମୁ, ସିପିଓ ବିଜୟ ଲକ୍ଷ୍ମୀ ଦଣ୍ଡପାଟ, ମୋରଡ଼ା ସରପଞ୍ଚ ରବି ସିଂ ପ୍ରମୁଖଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିକାଶ ବାହାନ ଯାତ୍ରା ରଥ ଉଦ୍ଘାଟିତ

କରଞ୍ଜିଆ,୧୨ା୬(କବିତା ମହାନ୍ତ): କରଞ୍ଜିଆ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଶୁକ୍ରବାର ବିକାଶ ବାହାନ ଯାତ୍ରା ରଥ ବ୍ଲକ ପରିସରରୁ ବାହାରି କେରେଡ଼ାରେ ପଞ୍ଚାୟତ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ ବିଭିନ୍ନ ଯୋଜନାର ସଫଳତା ପାଇଁ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ବିକାଶ ବାହାନ ଯାତ୍ରାର ରଥ ଉଦ୍ଘାଟିତ ହୋଇଛି। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ଉଦ୍ଘାଟନ କରିଥିଲେ। ଉପାଧ୍ୟକ୍ଷ ଛତିଶ ମହାନ୍ତ, ବିଧାୟକଙ୍କ ପ୍ରତିନିଧି ମନୋଜ ମହାନ୍ତ, ଏମ୍‌ପିଙ୍କ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ, ପଞ୍ଚାୟତ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ।

# ପ୍ରତିଭା ସମ୍ମାନ ସମାରୋହ

ବଡ଼ଗଲା,୧୨ା୬(ଦୁର୍ଗା ପ୍ରସାଦ ଆୟତ): କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ଶାଳଣୀଆଁ ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସର ପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ମାଟ୍ରିକ ପରୀକ୍ଷାରେ ୯୦ ଶତକଡ଼ାରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସଂଗଠନର ସଭାପତି ଦୟାନିଧି ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଖିଳ ଭାରତୀୟ ଶୈକ୍ଷିକ ଶିକ୍ଷକ ମହାସଂଘର ସମ୍ପାଦକ, ଓଲଷ୍ଟାର ଯୁଗ୍ମ ମୁଖ୍ୟ ଉପଦେଷ୍ଟା କମଳ ଲୋଚନ ବିଶ୍ୱାଳ, ବିଶିଷ୍ଟ ଅତିଥି କେନ୍ଦୁଝର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଅଭୟ ଜେନା, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥିଭାବେ ହାଟଡିହି ବ୍ଲକ୍‌ର ଓଷ୍ଟା ସମ୍ପାଦକ ଶିଶିର ବିଶ୍ୱାଳ ପ୍ରମୁଖ ଯୋଗଦେଇ ୧୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ

କେନ୍ଦୁଝର,୧୨ା୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କଲେଜ ଛକ ନିକଟସ୍ଥ ଧର୍ମପରାୟଣା ଚନ୍ଦ୍ରମଣି ପତି(୮୨)ଙ୍କ ତାଙ୍କ ବାସଭବନରେ ବୁଧବାର ବିୟୋଗ ହୋଇଯାଇଛି। ଶେଷ ସମୟରେ ପରିବାରବର୍ଗ ଓ ସହରର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଅ ଚିତ୍ତରଞ୍ଜନ ପତି, ବିଶ୍ୱରଞ୍ଜନ ପତି, ଦୀପକ ରଞ୍ଜନ ପତି, ନାତି ଶୁଭାଂଶୁ ସୋହମ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ୪ ଗିରଫ

କେନ୍ଦୁଝର,୧୨ା୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଶୁଆକାଟିରୁ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗୁରୁଡି ଗ୍ରାମର ରାଜେଶ ବାରିକ (୩୫), ଶୁଆକାଟି ଗ୍ରାମର ସଞ୍ଜୟ ସାହୁ (୩୫), ପଦ୍ମପୁରର ବାପି ସାହୁ (୪୦) ଓ ଶୁଆକାଟି ଗ୍ରାମର ସୁନାଲ ଗୁରୁ (୨୯)। ଗଞ୍ଜେଇ କାଞ୍ଚିପଣିରୁ କେନ୍ଦୁଝର ଆସୁଥିଲା। ଶୁଆକାଟିରେ ପୋଲିସ ଚଢ଼ାଉ କରିବା ସମୟରେ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୫ କିଲୋଗ୍ରାମ ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ସଦର ଥାନା ଆଇଆଇସି ଅମିତ କୁମାର ଭୂୟାଁ କହିଛନ୍ତି, ପୋଲିସ ଗୁପ୍ତ ସୂଚନା ପାଇବା ପରେ ଏକ ଟିମ୍ ଚଢ଼ାଉ କରିଥିଲା। ଏଥିନେଇ କାରବାର ଚାଲିଥିବା ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏକ ମାମଲା(ନଂ. ୩୧୪/୨୦୨୫) ରୁଜୁ କରି କରଯାଇ ଅଧିକ ତଦନ୍ତ ଜାରି ରହିଛି।



# ୨ ସୂଚନା ଅଧିକାରୀଙ୍କୁ ଆର୍ଥିକ ଦଣ୍ଡ

## ତଥ୍ୟ ପ୍ରଦାନରେ ଚଞ୍ଚକତା

ଭୁବନେଶ୍ୱର,୧୨।୬ (ରବିନାରାୟଣ ଜେନା)

ସୂଚନା ଅଧିକାରୀମାନେ ତଥ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏବଂ ଚଞ୍ଚକତା କରିବା ଏବେ ମହଙ୍ଗା ସାବ୍ୟସ୍ତ ହେଉଛି। କିଛିଦିନ ପୂର୍ବରୁ ଯାଜପୁରର ଜଣେ ସୂଚନା ଅଧିକାରୀଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ଆର୍ଥିକ ଦଣ୍ଡବିଧାନ କରାଯାଇଥିବାବେଳେ ଗୁରୁବାର ଜଗତ୍ସିଂହପୁର ଜିଲା ନାଉଗାଁ ବିଡିଓ କାର୍ଯ୍ୟାଳୟର ୨ଜଣ ଅଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ଜରିମାନା କରାଯାଇଛି। ଯଦି ଜରିମାନା ଅନାଦେୟ ହୁଏ, ତେବେ ସଂପୃକ୍ତ ଅଧିକାରୀଙ୍କ ଦରମାରୁ କାଟିବା ପାଇଁ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ଏକ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଅନିଲ କୁମାର ମଲ୍ଲିକ ସୂଚନା ଆଇନ ବଳରେ କେତେକ ତଥ୍ୟ ଜଗତ୍ସିଂହପୁର ଜିଲାପରିଷଦ ଅଧିକାରୀଙ୍କୁ ୨୦୨୧ ଅକ୍ଟୋବର ପହିଲାରେ ମାଗିଥିଲେ। ମାତ୍ର ନିର୍ଦ୍ଦିଷ୍ଟ ସମୟ ଭିତରେ ତଥ୍ୟ ନ ମିଳିବାରୁ ସେ ପ୍ରଥମ ଅପିଲରେ ଯାଇଥିଲେ। ତେବେ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ନାଉଗାଁ ବ୍ଲକ ସୂଚନା ଅଧିକାରୀ ଦେବେନ୍ଦ୍ର ପ୍ରଧାନଙ୍କଠାରୁ ଏହାର ତଥ୍ୟ ଲୋଡ଼ା ଯାଇଥିଲା। ଦେବେନ୍ଦ୍ର ଏହାର ତଥ୍ୟ ଏପିଓ ଜ୍ୟୋତିର୍ମୟୀ ନାୟକଙ୍କଠାରୁ ଲୋଡ଼ିଥିଲେ। ହେଲେ ଏହାରି ଭିତରେ ୩ବର୍ଷ ବିତି ଯାଇଥିଲା। କୋଭିଡ୍ ଯୋଗୁ ପ୍ରଥମ ଅପିଲ ଶୁଣାଣି ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଚଳିତବର୍ଷ ଏପ୍ରିଲ ୨୧ରେ ତଥ୍ୟ ପ୍ରଦାନ କରିଥିଲେ। ମାତ୍ର ଏହାକୁ ନେଇ ଅନିଲ କୁମାର ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତଥ୍ୟ ଅସମ୍ପୂର୍ଣ୍ଣ ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଆୟୋଗଙ୍କ ପକ୍ଷରୁ ନାଉଗାଁ ବିଡିଓ କାର୍ଯ୍ୟାଳୟର ସୂଚନା ଅଧିକାରୀ ଓ ଏପିଓଙ୍କୁ ଆର୍ଥିକ ଜରିମାନା କରାଯାଇଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରକାଶ ପାଇଲା ଯୁକ୍ତ ..

ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ୭୦ ହଜାର ୭୪୫ ଛାତ୍ର ରହିଥିବା ବେଳେ ୧ଲକ୍ଷ ୪ ହଜାର ୯୬୭ ଜଣ ଛାତ୍ରୀ ଏବଂ ୧୦ ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ବିଜ୍ଞାନରେ ମୋଟ ୪୫,୮୫୫ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ କଳାରେ ୧ଲକ୍ଷ ୭ହଜାର ୬୯ଜଣ, ବାଣିଜ୍ୟରେ ୧୬ ହଜାର ୨୦୫ଜଣ, ଶାସ୍ତ୍ରୀରେ ୩ହଜାର ୩୭୧ଜଣ, ସେଲ୍ଫ ଫାଇନାନ୍ସିଂରେ ୩ହଜାର ୫୧ଜଣ ଏବଂ ଲ'ରେ ୧୭୧ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି। ଛାତ୍ରୀଛାତ୍ରମାନେ ସାମ୍ସ ୱେବ୍ସାଇଟ୍ www.samsodisha.gov.in ମାଧ୍ୟମରେ ନାମଲେଖା ପାଇଁ ମନୋନୀତ ହୋଇଥିବା କଲେଜର ନାମ ଦେଖିପାରିବେ। ଯେଉଁ ମନୋନୀତ ଛାତ୍ରୀଛାତ୍ର ଫ୍ରିଜ ଅପ୍ସନ ବାଛିଥିବେ, ସେମାନେ ଜୁନ୍ ୧୩, ୧୬ ଏବଂ ୧୭ତାରିଖ ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ସେହି କଲେଜକୁ ଯାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

### ଭଦ୍ରକରେ ଇଣ୍ଟରନେଟ୍ ...

କରିସାରିଛି। ଗୁରୁବାର ଅପରାହ୍ନ ୫ଟାରେ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ନେହେରୁ ଷ୍ଟାଡିୟମ୍ ସାମ୍ନା ୧୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ କରାଯାଇଥିଲା। ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଛି। ଭଦ୍ରକ ଏମ୍ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବାଞ୍ଚଳ ଡିଆଇଜି ନାୟକ, ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବିଧାୟକ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ରେ କଥା ହୋଇ ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

---

Contact No. - 0680-2281903
E.mail - IDpdws.ganjam@gmail.com

## TENDER NOTICE

**No.L-19** : Sealed tenders in plain papers are invited from intending persons for collection of Green Coconut from the Shelter Belt cashew plantations located at **Kirtipur / Markandi-I** Sections of Soil Conservation Range Golabandha under the Project Director Watersheds Ganjam, Berhampur during the year **2025-26 (i.e from 01.07.2025 to 30.06.2026)** Tender papers along with the Terms and conditions can be obtained from office of the Project Director Watersheds Ganjam, Berhampur.

The sealed tenders are to be received in the office of the Project Director Watersheds Ganjam, Berhampur up to **05.00 P.M. of 24.06.2025** by speed post or **Registered / speed post /Courier** services (No tender paper will be received by hand). The tender papers will be **opened on 25.06.2025 at 11.30 A.M. onwards** in presence of the tenderers or their authorised representatives who ever present in the office of the Project Director Watersheds, Ganjam, Berhampur .

The cover should be duly captioned **"Tender for Green Coconut"**. An amount not less the 10% of the quoted value in shape of Bank Draft towards the earnest money drawn in favour of the Project Director Watersheds, Ganjam, Berhampur payable at S.B.I Main Branch Berhampur is to be enclosed. The tender value should be quoted for all the Coconut plantation as per the terms and conditions which can be seen in this office on any working day. The intending tenderer may inspect the Coconut plantation if they desire before offering the tender. The successful tenderer shall have to execute an agreement in prescribed form and deposit full amount of tender value along with the GST as applicable on the same day. In addition he has to pay 10% of Bid value as S.D which will be refunded at the time of leaving the plantation. On receipt of the above amount in full the work order will be issued. In the event of failure to deposit the above amount the tender will be liable for cancellation and the entire amount deposited will be forfeited to the Government. The successful tender shall be bound by the tender Term and conditions of the department. No complain for Loss due to natural calamities or otherwise will be entertained. The competent authority reserves the right to accept or reject any or all tenders and cancel or postponed the tender without assigning any reason thereof.

**Sd./- Project Director, Watersheds Ganjam, Berhampur**

**OIPR-01432/11/0004/2526**

---

## OFFICE OF THE BARIPADA MUNICIPAL COUNCIL, BARIPADA

Phone:-06792-252703, Fax:06792-252703
Email:baripadam.hud@nic.in, Website:www.baripadamunicipality.in
No.851 Date:10.06.2025

**Tender Reference No. BPDM 3 of 2025-26**

**CORRIGENDUM DETAILS**

**No.C-510**:In partial to this Office "e" Procurement Tender Reference No.BPDM 3 of 2025/26 the following are incorporated in addition to the said Tender Call Notice.

1. The Last date of received of "e" Procurement vide Tender Reference No. BPDM 3 of 2025/26 will be upto 5.00 PM on Dt.16.06.2025.
2. The Opening of the above Bids will be at 11.30 A.M. onwards on Dt.17.06.2025.

All other Terms and Conditions of the "e" Procurement Tender Reference No.BPDM 3 of 2025-26 will remain unchanged.
Further details may also be seen from the procurement portal i.e. www.tendersorissa.gov.in.

**Sd./- Executive Officer Baripada Municipality**

**OIPR-13078/11/0046/2526**

---

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER: REDHAKHOL DIVISION

Near Block Office, Redhakhol Post, Sambalpur District, Odisha, Pin-768106
Email ID:- dfo.redhakhol@odisha.gov.in

**CANCELLATION OF WALK-IN-INTERVIEW FOR GIS EXPERT**

**No.MM-83:**Walk-In-Interview for engagement of "One GIS Expert" for the establishment of Divisional Forest Officer, Redhakhol vide Tender Call Notice No.03, dated 27.05.2025 to be held on Dt.13.06.2025 is hereby cancelled.

**Sd./- Divisional Forest Officer Redhakhol Forest Division**

**OIPR-08146/11/0021/2526**

---

## OFFICE OF THE DIVISIONAL FOREST OFFICER NABARANGPUR FOREST DIVISION

Phone No.06858-223314 (OFFICE/FAX), Cell No.09437094840
Email-dfo.nabarangpur@odisha.gov.in
Office Order No.139/ 1F(Acct.), Date:11th June, 2025

**ADVERTISEMENT CANCELLATION NOTICE**

**No.MM-84:**The Advertisement vide Notice No.02 of 2025-26, Dated 03.06.2025 published by Divisional Forest Officer, Nabarangpur Forest Division for Tender Call Notice for **"Engagement of Manpower Through Service Provider"** is hereby **Cancelled** due to unavoidable circumstances.

**Sd./- Divisional Forest Officer Nabarangpur Forest Division**

**OIPR-08158/11/0004/2526**

---

## GOVERNMENT OF ODISHA
## OFFICE OF THE ENGINEER-IN-CHIEF
## RURAL WATER SUPPLY & SANITATION, BHUBANESWAR

Jal O Parimal Bhawan, Unit-V, Bhubaneswar-751001,
Tel : 0674-2395734, Fax No.0674-2394946, Email : cerwssodisha@gmail.com

**Request for Proposal (RFP) Notice**
**No.7426/Dated 10.06.2025**
**(BID. No. EIC/RWS&S/06/2025-26)**

**SELECTION OF AGENCY/FIRMS FOR ESTABLISHMENT AND OPERATION OF GRIEVANCE MANAGEMENT SYSTEM THROUGH CALL CENTRE**

**No.O-274** : The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) from interested Agency / Firms to Establish and Operate Call Centre (both Inbound & Outbound mode) for Operational of Grievance Management System on outsourced model for Rural Drinking Water schemes of Odisha.

The eligibility criteria for selection of Agency/Firms are provided below:

1) A company incorporated under Indian Companies Act, 1956 or a Firm registered under Partnership Act, 1932 or Sole Proprietorship.
2) The applicant company/firm must have been in providing services of similar work at least 3 years prior to the due date of submission of the RFP. Relevant experience certificate or proof of operating call centre 3 years prior to the due date of RFP must be furnished.
3) The Average Annual Turnover **(from Operation of Call Centre)** of the applicant during last 3 financial years shall be more than **Rs. 3.00 Crores**. A certificate from Chartered Accountant specifying the total turnover of the company and turnover from similar works must be attached in the Proposal.
4) The applicant must have a registered agency / firm by any Government Organisation in India. A copy of the Registration Certificate to be furnished in the RFP proposal

Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in from **05:00 P.M. of 16.06.2025 to 05:00 P.M. of 01.07.2025**. The last date for submission of bid document is **04.07.2025 at 5:00 P.M**.

A pre-bid meeting shall be conducted on **11:30** hours of **dt. 23.06.2025** at Office of the Engineer- In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar- 751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting

The RFP documents should be delivered in a sealed envelope super scribed as **"Proposal for Establishment and Operation of Grievance Management System through Call Centre"** addressed to **The Engineer-in-Chief, Rural Water Supply & Sanitation,** Jal O Parimal Bhawan, Unit - V, Bhubaneswar-751001, Phone No.0674-2395734, Fax No.0674-2394946. The Authority reserves the right to accept or reject any/all RFP without assigning any reason thereof.

**Sd./- Engineer-In-Chief, RWS&S(O)**

**OIPR-25003/11/0023/2526**

---

## ODISHA HYDRO POWER CORPORATION LTD

CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)

**OFFICE OF THE GENERAL MANAGER (EL.)**
**CHIPLIMA HYDRO ELECTRIC PROJECT, CHIPLIMA**
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-739

**No.-CHEP/TW-112 (Part File)/2142 Date: 11.06.2025**

**TENDER CALL NOTICE NO.-CHEP-19/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Repair & Replacement of damaged Roller Bearing of Gate No.1,3 & 4 of Head Regulator, CHEP, Chiplima | Rs.2,360.00 (Rs.2,000.00 + GST@18%) | Rs.2,00,943.00 / EMD = Rs.2,010.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.13.06.2025 up to 12:30 PM of dtd.26.06.2025**.

**OIPR-04006/11/0090/2526**

**Sd/- C & P Head, CHEP, Chiplima**

---

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

**NOTICE**

**No. 3981/P.S.C., Dt. 11.06.2025**
**(DR-IV)(2PM-01-2024-25)**

**Recruitment to the post of Assistant Industries Officer**
**(Advertisement No. 08 of 2024-25)**

**No.D-108** : It is for information of all concerned that, the Written Examination for recruitment to the post of **Assistant Industries Officer**, pursuant to Advertisement No. 08 of 2024-25 will be conducted on **29.06.2025 (Sunday)** as per the programme detailed below.

| Date | Time | Paper / Subject | Subject Code to be filled up in the OMR Answer Sheet |
|---|---|---|---|
| 29.06.2025 (Sunday) | 09.30 A.M. to 11.30 A.M. | Paper-I (General English, General Awareness and General Aptitude) | 01 |
| | 01.30 P.M. to 04.30 P.M. | Paper-II (Basic Engineering) | 02 |

The PwD candiadtes will be given 20 minutes extra per hour in each session (i.e. 09.30 A.M. to 12.10 P.M. in 1st session & 01.30 P.M. to 05.30 P.M. in 2nd session).

The admitted candidates are required to download their **"Admission Certificates" and "Instructions to candidates"** from website of the Commission at **www.opsc.gov.in** from **24.06.2025 onwards.**

**OIPR-12002/11/0248/2526**

**Sd./- Additional Secretary**

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No.D-109**

**No. 3967/P.S.C., Dt. 10.06.2025**
**(IR-25-2024-25, DR-V)**

**ADDENDUM TO ADVERTISEMENT NO.35 OF 2023-24 FOR RECRUITMENT TO THE POST OF ASSISTANT PROFESSORS IN DIFFERENT DISCIPLINES OF GOVT. ENGINEERING COLLEGES**

It is for information of all concerned that, the following **provisions are included beneath sub-para (h) of the para 5 relating to "Method of Selection"**.

**(I) The Written Test for Engineering/Technology Disciplines will consist of one Paper with questions from (i) General Aptitude (ii) Engineering Mathematics and (iii) Concerned subjects of GATE syllabus. The Question Paper for the Written Test will be set following the pattern of GATE.**

**(II) In respect of Basic Science and Humanities/ Management/ MCA Disciplines, the Written Test will consist of one Paper with questions from (a) Teaching/Research Aptitude & General Aptitude/Awareness of Paper-I syllabus of NET and (b) Concerned Subject syllabus of NET and the distribution of questions will be 33% & 67% respectively.**

**(III) However, any slight variation in the number of questions of different components in the Written Test will not prejudice the examination process.**

**(IV)** As no syllabus is available in respect of subject of **Automobile Engineering** in the GATE, the syllabus of the same is uploaded in the Commission's website (www.opsc.gov.in). The candidates are advised to visit the website for detailed information.

2. All other terms and conditions of the Advertisement shall remain unchanged.

**OIPR-12002/11/0245/2526**

**Sd./- Secretary**

---


See Career Appointment on every Wednesday & Saturday


---

## OFFICE OF THE SUPERINTENDING ENGINEER
## R.W.S.&S DIVISION, NUAPADA

**Govt. of Odisha "e" Procurement Notice**
**E-mail: eerwssnpd@rediffmail.com**
**Bid Identification No. RWS&S_05/2025-26**

No. O-271: The Superintending Engineer, R.W.S.&S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the contractor registered with the Odisha State Govt. & Contractors of equivalent grade/class registered with Central Govt./ any other State Govt./MES/Railway & Reputed Engineering firms having valid & uptodate contractors registration certificate, GST Clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Percentage Rates (P1) contract form.

| | | |
|---|---|---|
| Nature of Work | : | Construction of additional over head tank for different PWS under Nuapada dist. |
| No. of Tender | : | 03 (Three) Nos. |
| Approx. Estimated Cost | : | Rs.58.14 and 70.64 lakhs |
| Period of Completion | : | 6 (Six) Months |
| Tender Paper Cost | : | Rs.10000/- |
| Class of Contractor | : | Class B |
| Date and time of availability of bid document in the portal | : | 19.06.2025 at 10.00 A.M. |
| Last date/time for receipt of bids in the portal | : | 30.06.2025 upto 5.00 P.M. |
| Date of Opening of bid | : | 01.07.2025 at 11.00 A.M. |

The bidders have to participate in online bidding only. Further details can be seen from the website **http://tendersorissa.gov.in**.

**Sd./- (Er. P. Sahu)**
**Superintending Engineer,**
**RWSS Division, Nuapada**

**OIPR-25043/11/0004/2526**

---

## OFFICE OF THE PRINCIPAL
## DHENKANAL AUTONOMOUS COLLEGE, DHENKANAL

**No.DACD-EST-2025, 2134/DACD, Dated: 10.06.2025**

**ADVERTISEMENT FOR EMPANELMENT OF GUEST FACULTY**

**No.CAD-737:**A walk-in-interview for empanelment of Guest Faculties in different Subjects for UG & PG wing of this College for the session 2025-26 will be held in the respective Departments as per the following schedule and Govt. Guidelines vide Letter No.26445/ HE, Dated 23.05.2025

| Sl.No. | Date | Reporting Time | Subjects |
|---|---|---|---|
| 1 | 20.06.2025 (Friday) | 10.00 AM | English, Odia, Economics, Political Science, History, Philosophy, Sanskrit, Psychology, Education & Bio-Technology |
| 2 | 21.06.2025 (Saturday) | 10.00 AM | Physics, Chemistry, Botany, Zoology, Mathematics, Computer Science, Commerce, Hindi & Sociology |

N.B.: For details please visit the College website: www.dhenkanalcollege.ac.in.

**Sd./- Principal**
**Dhenkanal Auto. College, Dhenkanal**

**OIPR-11026/11/0012/2526**

---

## OFFICE OF THE BLOCK DEVELOPMENT OFFICER, TIHIDI

**INVITATION FOR BIDS (IFB)**
**BID IDENTIFICATION NO.01/2025-26**

No.i-150: Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Bids in single sealed cover system to be eventually drawn up in PWD form P1 for the works as detailed in the table below, from eligible contractors of equivalent grade/class registered with the central govt./State Govt./ MES/Railways for execution of civil works, One bidder can submit one bid only for a particular work. The cover containing the bid should be superscribed as TENDER FOR THE WORK "name of the work as the case may be". 1. Bid documents consisting of specifications, the schedule of quantities and the set of terms & conditions of contract, Annexure/Schedules/Forms/Proforma and other necessary documents can be downloaded from the website https://bhadrak.odisha.gov.in within the period stipulated. 2. The receipt of the tender documents shall start from Dt.13.06.2025 upto Dt.26.06.2025 during office hours in the office of the undersigned. 3. Bids so received shall be opened at 03.30 PM on dt.30.06.2025 in the office of the Panchayat Samiti, Tihidi in presence of the bidders or their authorized representatives who wish to attend thereof. In case the office happens to be closed on the stipulated date of opening of the Bids as specified, the bids will be opened on the next working day at the same time and venue.

| Sl. No. | Name of the Work | Amount put to Tender (Rs.) | EMD (Rs.) | Time for Completion | Class of Contractor | Cost of Documents (Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of ACR at Sapakatia PUPS, Barsar | 1266812 | 12668 | 09 Calendar Months | D & C | 6000 |
| 2 | Construction of ACR at Andarai Primary School, Bodak | 1264352 | 12644 | 09 Calendar Months | D & C | 6000 |
| 3 | Construction of ACR at Golapokhari UGME School, Fatepur | 1265509 | 12655 | 09 Calendar Months | D & C | 6000 |
| 4 | Construction of ACR at Baro Primary School, Baro | 1265509 | 12655 | 09 Calendar Months | D & C | 6000 |
| 5 | Construction of ACR at Nuagaon PUPS, Sahapur | 1265149 | 12651 | 09 Calendar Months | D & C | 6000 |
| 6 | Construction of ACR at Harischandra Nodal UP School,Bhatapada | 1265706 | 12657 | 09 Calendar Months | D & C | 6000 |
| 7 | Construction of ACR at Ramanarayan High School, Dolasahi | 1421436 | 14214 | 09 Calendar Months | D & C | 6000 |

**OIPR-19115/11/0001/2526**

**Sd./- Block Development Officer, Tihidi**

---

## ODISHA JOINT ENTRANCE EXAMINATION - 2025 (OJEE - 2025)

**No. : 218/OJEE** **DATE : 11.062025**

No.h-02

**NOTICE FOR ONLINE APPLICATION FOR 2ND/ SPECIAL OJEE, 2025**

**The 2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA and B. Pharm will be held in the last week of July, 2025 (15th July, 2025 to 16th July, 2025).**

**The Entrance Examination will be conducted in Computer Based Test (CBT) mode for all the courses as mentioned above.**

**Interested candidates are advised to fill up the respective Application Forms online through OJEE website (www.ojee.nic.in) only.**

**Filling-up of Online Application through OJEE website will start on 13th June, 2025, 5:00 P.M. and end on 23rd June, 2025 (11.00 P.M.).**

**Please read, carefully, the 'Information Brochure' and the 'Instructions to fill On-line Application Form' for OJEE - 2025, which are available in the OJEE websites to get detailed information regarding eligibility criteria, examination pattern, syllabus etc.**

Syllabus for B.Tech. course is same as that for JEE MAIN 2025, while syllabus for other courses are same as for OJEE 2025.

**Candidates, who have appeared and have rank in JEE MAIN 2025 (for B.TECH) or OJEE - 2025 (for other courses), are not required to appear the 2nd / Special OJEE.**

**The results (ranks) of 2nd/ Special OJEE shall be used for admission to the vacant seats left over after 1st phase counselling of OJEE.**

**Please note that Outside State candidates are not eligible for admission in Government Colleges, but they are eligible for admission in Private Colleges.**

**For other details, please visit our website: www.ojee.nic.in/ www.odishajee.com.**

**Sd./- CHAIRMAN, OJEE Odisha**

**OIPR-14020/11/0002/2526**

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 3992 / P.S.C., Dt. 11.06.2025**
**PF-1E-17-2025/26 (DR-III)**

**Post Graduate Teacher in Discipline - Statistics**
**(Advertisement No. 25 of 2023-24)**

**No.D-107** : In Continuation to this Office Notice No. 3893/PSC, dtd. 09.06.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Statistics Discipline**, pursuant to Advertisement No. 25 of 2023-24 will be held on **30.06.2025** in the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 30.06.2025 | 08.30 A.M. | 10.30 A.M. | 100703, 202669, 202671, 202672, 309945, 309951, 309957, 309962, 309978, 309987 & 309996 = **11 Candidates** |
| | 12.30 P.M. | 02.30 P.M. | 404467, 404482, 404484, 404509, 404510, 506209, 506221 & 506225 = **08 Candidates** |

**N.B.** - The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**.
   *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password / OTP etc through OPSC e-Chayan Portal via www.opscechayan.in)*
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0246/2526**

**Sd./- Secretary**

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 3988 / P.S.C., Dt. 11.06.2025**
**PF-1E-15-2025/26 (DR-III)**

**Post Graduate Teacher in Discipline - Hindi**
**(Advertisement No. 25 of 2023-24)**

**No.D-106** : In Continuation to this Office Notice No. 3895/PSC, dtd. 09.06.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Hindi Discipline**, pursuant to Advertisement No. 25 of 2023-24 will be held from **30.06.2025 to 02.07.2025** in the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 30.06.2025 | 08.30 A.M. | 10.30 A.M. | 102034, 102041, 102044, 102062, 102079, 102087, 102091, 201406, 304873 & 304892 = **10 Candidates** |
| | 12.30 P.M. | 02.30 P.M. | 304925, 304957, 304973, 305017, 305026, 305029 & 305032 = **07 Candidates** |
| 01.07.2025 | 08.30 A.M. | 10.30 A.M. | 402090, 402125, 402162, 402171, 502749, 502762, 502766, 502777, 502784 & 502799 = **10 Candidates** |
| | 12.30 P.M. | 02.30 P.M. | 502805, 502807, 502842, 502854, 502860, 502872 & 502876 = **07 Candidates** |
| 02.07.2025 | 08.30 A.M. | 10.30 A.M. | 502877, 502878, 502885, 502908, 502915, 502922, 502936, 502938, 502945 & 502946 = **10 Candidates** |
| | 12.30 P.M. | 02.30 P.M. | 502950, 502969, 503003 & 503012 = **04 Candidates** |

**N.B.** - The candidates are advised to report at the office of the Commission **30 minutes** before the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**.
   *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password / OTP etc through OPSC e-Chayan Portal via www.opscechayan.in)*
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0247/2526**

**Sd./- Secretary**

# ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ୬ ପଞ୍ଚାୟତବାସୀ

## କମାରଯୋଡ଼ା-ବାମେବାରୀ ରାସ୍ତା ଶୋଚନୀୟ

ଯୋଡ଼ା,୧୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କମାରଯୋଡ଼ାଠାରୁ ବାମେବାରୀ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ୬ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି ଯାଉପାରୁନି। ସରକାରୀ ଯୋଜନାର ଲାଭ ଲୋକେ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ଯୋଗୁ ବସ୍ ଚଳାଚଳ କରିପାରିବେନି ବୋଲି ଯୋଡ଼ା ଓଏଧାଉଟିସି ପକ୍ଷରୁ ମଧ୍ୟ ଅସହାୟତା ପ୍ରକାଶ କରାଯାଇଛି। ପ୍ରକାଶ ଯେ, ବ୍ଲକ୍ ଅଧୀନ ରଣାଶାଳା-ପଳାଶପଙ୍ଗା ଏକ୍ସପ୍ରେସ୍ ହାଇୱେ ନମ୍ବର-୨ ରାସ୍ତାର ଯୋଡ଼ା ଫାୟ ଓଭର ଶେଷ ହୋଇଥିବା ସ୍ଥାନ କମାରଯୋଡ଼ାଠାରୁ ବାମେବାରୀ ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କମାରଯୋଡ଼ାଠାରୁ ବାଂଶପାଣି ରେଲୱେ ଓଭର ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ଏଭଳି ହୋଇଛି ଯେ, କେବଳ ଖଣିଜ ବୋଝେଇ ଭାରିଯାନ ହିଁ ଚଳାଚଳ କରିପାରୁଛି। ବସ୍, ଆମ୍ବୁଲାନ୍ସ, ସ୍କୁଲ ବସ୍, ଚାରି ଚକିଆ ଯାନ, ବାଇକ ଚଳାଚଳ ବି ଅସମ୍ଭବ ହୋଇପଡ଼ିଛି। ଫଳରେ ଯାତ୍ରୀବାହୀ ବସ୍ଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଇଛି। ତେଣୁ ଖଣି ପ୍ରଭାବିତ ୬ ପଞ୍ଚାୟତବାସୀ ତଥା ଜଉଡ଼ା, ଜଜଙ୍ଗା, ଜୁରୁଡ଼ି, ପଳସା, ବଳଦା, ବଡ଼ କାଳିମାଟି ଗ୍ରାମବାସୀ ଯୋଡ଼ା ମହକୁମାକୁ ଆସିବାକୁ ହନ୍ତସନ୍ତ ହେଉଛନ୍ତି। ରାସ୍ତା ଖରାପ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ବସ୍ ସେବାର ବସ୍ଗୁଡ଼ିକ ଯାତାୟାତ କରୁଥିଲା। ଏବେ ରାସ୍ତାରେ ବଡ଼ ଗାତ ହୋଇଯିବାରୁ ବସ୍ଗୁଡ଼ିକ ଚଳାଚଳ ବନ୍ଦ କରିଦେଇଛି। ଗତ ୬ ତାରିଖ ଦିନ ଯୋଡ଼ା ଓଏଧାଉଟିସି ସୁପରଭାଇଜର ରାସ୍ତା ଖରାପ ଯୋଗୁ ବସ୍ ଚଳାଚଳ କରି ପାରିବ ନାହିଁ ବୋଲି ନିଜର ଅକ୍ଷମତା ପ୍ରକାଶ କରି ପୌରପାଳିକାକୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ରାସ୍ତାର ଦୁରବସ୍ଥା ସମ୍ପର୍କରେ ପିଡବ୍ଲ୍ୟୁଡି ଏସ୍ଡିଓ ରାମଦାସ ମାରାଣ୍ଡି କହିଛନ୍ତି, ଦୁର୍ଗା କନ୍ଷ୍ଟ୍ରକ୍ସନ ନାମକ ଏକ ଠିକାସଂସ୍ଥା ଏହି ରାସ୍ତାର ନିର୍ମାଣ କରିଥିଲା। ରାସ୍ତା ସ୍ଥାୟିତ୍ୱ ଉପରେ ୱାରେଣ୍ଟି ମଧ୍ୟ ନେଇଥିଲା। ଏହାର ମରାମତି ଏଷ୍ଟିମେଟ୍ ନେଇ କେନ୍ଦୁଝର ଯାଇ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଜୁରୁଡ଼ିର ବରିଷ୍ଠ ନାଗରିକ ସୁରେନ୍ଦ୍ରନାଥ ମହାନ୍ତି କହିଛନ୍ତି, କଂକ୍ରିଟ କରାଇ ରାସ୍ତା ନିର୍ମାଣ ସମୟରେ ଏହା ନିମ୍ନମାନର ହେଉଥିବା ତତ୍କାଳୀନ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ଫଳ ମିଳି ନ ଥିଲା। ସେହିପରି ଜୁରୁଡ଼ି ଅଞ୍ଚଳର ସେବ୍ ମହମ୍ମଦ, ପ୍ରଭୁ ରଞ୍ଜନ ଶତପଥୀ, ରାଧାକାନ୍ତ ନାୟକ, ଚିତ୍ତ ରଞ୍ଜନ ମହାନ୍ତି, ଚାମ୍ପିୟନ ମହଲା ପ୍ରମୁଖ ରାସ୍ତାରେ ବିଗତ ସରକାରଙ୍କ ଅମଳରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଏକ୍ସପ୍ରେସ୍ ନମ୍ବର ୨ର ସମ୍ପୂର୍ଣ୍ଣ ନିର୍ମାଣକୁ ଡିଏମ୍ଏଫ୍ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି।


ଖାଲଖମାରେ ଭର୍ତ୍ତି ରାସ୍ତା।

# ମୋବାଇଲ ଲାଇଟ୍‌ରେ ପଢୁଛନ୍ତି ପିଲା

## ଡିଏମ୍ଏଫ୍ ପାଠାଗାରରେ ନାହିଁ ଇନ୍‌ଭର୍ଟର

ଚମ୍ପୁଆ,୧୨।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସିରେ ଅଘୋଷିତ ବିଦ୍ୟୁତ କାଟ୍ ସାଙ୍ଗକୁ ମାସରେ ମରାମତି ନାମରେ ବାରମ୍ବାର ବିଦ୍ୟୁତ୍ କଟାଯାଉଛି। ଏପରି ସମୟରେ ଡିଏମ୍ଏଫ୍ ପାଠାଗାରରେ ଇନ୍‌ଭର୍ଟର ନ ଥିବାରୁ ପିଲା ହଇରାଣ ହେଉଛି। ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପିଲା ମୋବାଇଲ ଲାଇଟ୍‌ରେ ପଢୁଥିବା ଦେଖାଯାଉଛି। ପ୍ରକାଶ ଯେ, ଜିଲା ଖଣିଜ ପାଣ୍ଠିରୁ ୩୩ ଲକ୍ଷ ୪୩ ହଜାର ୪୬୨ ଟଙ୍କା ବ୍ୟୟ ଅଟକଳରେ ଚମ୍ପୁଆ ଡିଏମ୍ଏଫ୍ ପାଠାଗାର ନିର୍ମାଣ ହୋଇଛି। ସ୍ଥାନୀୟ ପାଠକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏହାକୁ ଉତ୍ସର୍ଗୀକୃତ କରାଯାଇଥିଲା। ବିଶେଷ ଭାବରେ ଏହି ପାଠାଗାର ସକାଳ ୮ ଘଣ୍ଟିକାରୁ ଦିନ ୧୧ ଘଣ୍ଟିକା ଓ ସନ୍ଧ୍ୟା ୫ ଘଣ୍ଟିକାରୁ ୮ ଘଣ୍ଟିକା ପର୍ଯ୍ୟନ୍ତ ଖୋଲା ଯାଉଥିବା ବେଳେ ସକାଳ ଅପେକ୍ଷା ସନ୍ଧ୍ୟାରେ ପାଠକଙ୍କ ଅଧିକ ଭିଡ଼ ଜମୁଛି। ପାଠାଗାରରେ ବିଭିନ୍ନ ଉପାଦେୟ ୯ ଶହ ପୁସ୍ତକ ସ୍ଥାନ ପାଇଛି। ମାତ୍ର ଅନେକ ସମୟରେ ସନ୍ଧ୍ୟା ସମୟରେ ବିଦ୍ୟୁତ କଟି ଗଲେ ଏହି ପାଠାଗାରଟି ଅନ୍ଧାର ହୋଇଯାଉଛି। ଏପରିକି ପାଠକମାନେ ମୋବାଇଲ ଲାଇଟରେ ପଢୁଥିବା ଦେଖିବାକୁ ମିଳିଛି। ପରିତାପର ବିଷୟ ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିବା ବେଳେ ୨ ସହ ପରେ ବି ବିଦ୍ୟୁତ କାଟ୍ ସମାଧାନ ପାଇଁ ୩୦ ହଜାର ଟଙ୍କାର ଇନଭର୍ଟର ଲାଗି ପାରିଲାନାହିଁ। ଯାହାକି ଏନଏସିର ପାରିବା ପରିଷଦ୍‌କୁ ଉପହାସ କରୁଛି। ଅନ୍ୟପକ୍ଷରେ ଏକମାତ୍ର ମହିଳା କର୍ମଚାରୀ ଏହି ପାଠାଗାରର ଦାୟିତ୍ୱ ତୁଲାଉଥିବା ବେଳେ ସନ୍ଧ୍ୟାରେ ବିଦ୍ୟୁତ କାଟ ହେଲେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଚମ୍ପୁଆ ଏନ୍ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି, ତୁରନ୍ତ କର୍ମଚାରୀଙ୍କୁ ଡକାଇ ଘଟଣା ବିଷୟରେ ଅବଗତ ହେବା ସହିତ ୨ ରୁ ୩ ଦିନ ଭିତରେ ଇନଭର୍ଟର ବ୍ୟବସ୍ଥା କରାଯିବ।


**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/25-26/E-Tender/28,ତା.09.06.2025ରିଖ

(1) ଟେଣ୍ଡର ନଂ.e-TenderNORTHKUR-104-2025,ତା.03.06.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଉତ୍ତର/ଖୋର୍ଦ୍ଧା ରୋଡ଼ ଅଧୀନରେ PSC ସ୍ଲିପରଗୁଡ଼ିକ ... P.Way ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: 186.38 ଲକ୍ଷ, EMD (ଟଙ୍କାରେ): 2,43,200/-

(2) ଟେଣ୍ଡର ନଂ.e-TenderNORTHKUR-105-2025,ତା.03.06.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ ... PSC ସ୍ଲିପରଗୁଡ଼ିକ ... P.Way ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.76 ଲକ୍ଷ, EMD (ଟଙ୍କାରେ): 2,35,400/-

(3) ଟେଣ୍ଡର ନଂ.e-tenderHqkur-101-2025,ତା.03.06.2025ରିଖ

ବିବରଣୀ: ଖୋର୍ଦ୍ଧା ମଣ୍ଡଳ ଅଧୀନ ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: 147.64 ଲକ୍ଷ, EMD (ଟଙ୍କାରେ): 2,23,800/-

(4) ଟେଣ୍ଡର ନଂ.eTenderHQKUR-81-2025,ତା.03.06.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ... 7.977 କି.ମି. ... CTR(S) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: 257.90 ଲକ୍ଷ, EMD (ଟଙ୍କାରେ): 2,79,000/-

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା. 25.06.2025 ଦିନ 1500 ଘଣ୍ଟାରେ

ଅଧିକ ବିବରଣୀ ପାଇଁ ଦେଖନ୍ତୁ: www.ireps.gov.in

PR-229/O/25-26 ଖୋର୍ଦ୍ଧା ରୋଡ଼


**ସଂକ୍ଷେପରେ**

### ଶିଶୁ ଶ୍ରମିକ ନିରୋଧ ସଚେତନତା

କେନ୍ଦୁଝର,୧୨।୬(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଥପ୍ରାନ୍ତ ନାଟକ 'ଦେଶ ଭବିଷ୍ୟ' ମଞ୍ଚସ୍ଥ ହୋଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ପ୍ରାଧିକରଣର ଭୂମିକା ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଆକାଶ ବିଶୋଇ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିଭୂତି ଭୂଷଣ ଦାସ, ଖଦବାଦା ସତ୍ୟଜିତ ମିଶ୍ର, ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା ରୂପାଲିନୀ, ଉପଖଣ୍ଡ ବିଚାରପତି ସୁମିତ୍ରା କୁମାରୀ ଦାସ, ଆରକ୍ଷୀ ପରିଦର୍ଶକ ଦେବକୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ ମାଲିକଙ୍କ ବିୟୋଗରେ ଶୋକ

ଆନନ୍ଦପୁର/ଘସିପୁରା,୧୨।୬(ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍‌ରାଧାକୋଷ୍ଟେଗୋଡ଼ା ଗ୍ରାମର ବସ୍ ମାଲିକ କୁନା ନାୟକ(୬୫)ଙ୍କ ବିୟୋଗ ଘଟିଛି। ମୃତ୍ୟୁ ଖବର ମିଳିବା ପରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ଚତୁର୍ଭୁଜ ନାୟକ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସାମାଜିକକର୍ମୀ ଡ.ରବିକାନ୍ତ ବରାଳ, ମନ୍ମଥ କୁମାର ରାଉତ, ସଦାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ଗୋବିନ୍ଦ୍ର ରାଉତ ସମେତ ବିଭିନ୍ନ ଘରୋଇ ମାଲିକ ସଂଘର କର୍ମକର୍ତ୍ତା ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# କେନ୍ଦୁଝର ଭାରତର କ୍ରୀଡ଼ା କେନ୍ଦ୍ର ହେବ: ମନ୍ତ୍ରୀ

କେନ୍ଦୁଝର,୧୨।୬(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲାସ୍ତରୀୟ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀକୁ ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଅଭିଭାଷଣରେ କହିଥିଲେ, ରାଜ୍ୟ ସରକାର ସମସ୍ତ ପ୍ରତିଶ୍ରୁତି ପୂରଣ କରିଛନ୍ତି। କେନ୍ଦୁଝରେ ଭାରତର କ୍ରୀଡ଼ା କେନ୍ଦ୍ର ପାଲଟିବ। ଫୁଟବଲଠାରୁ ଆରମ୍ଭ କରି କ୍ରିକେଟ୍, ହକି, ତୀରନ୍ଦାଜ, ସନ୍ତରଣ, ହ୍ୟାଣ୍ଡବଲ ପାଇଁ ବ୍ୟାପକ ଭିତ୍ତିଭୂମି ପ୍ରସ୍ତୁତ ଚାଲିଛି। କେନ୍ଦୁଝରର ରାଜିଆରେ ଏକ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଠାରେ ଫୁଟବଲ ଏକାଡେମୀ ସମେତ ଅନ୍ୟାନ୍ୟ କ୍ରୀଡ଼ା ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ହେବ। ରାଉସୁଆଁ ଏୟାରଷ୍ଟ୍ରିପ୍‌କୁ ୨-ବି ବର୍ଗର ଏୟାରଷ୍ଟ୍ରିପରେ ପରିଣତ କରାଯିବା ପରେ ମୁମ୍ବାଇ, ଦିଲ୍ଲୀ ସମେତ ବଡ଼ବଡ଼ ସହରକୁ ଏଠାରୁ ସିଧାସଳଖ ବିମାନ ସେବା ମିଳିବ। ଏଥିପାଇଁ ରାଜ୍ୟ ସରକାର ୧୦୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ନାୟକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ, ବିଧାୟକ ତେଲକୋଇ ଡ. ଫକୀର ମୋହନ ନାୟକ, ଜିଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଆଇଏଏସ ପ୍ରୋବେସନର ପବନ କୁମାର, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ଲାଭ ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।


ଜିଲାପାଳ ବିଶାଳ ସିଂ ଫଟୋଚିତ୍ର ପ୍ରଦାନ କରି ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

ପାଟଣା,୧୨।୬(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗରସ୍ଥିତ ପ୍ରାଚୀନ ଦଧିବାମନଜୀଉଙ୍କ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଗୁରୁବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ଦେବୋତ୍ତର ବିଭାଗ ତରଫରୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ପାଟଣା ତହସିଲଦାର ଅଶ୍ୱିନୀ ନାୟକଙ୍କ ଅଧ୍ୟକ୍ଷତାରେ ଉଭୟ ଘୋଷ ଯାତ୍ରା ଓ ବାହୁଡ଼ାଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସହ ରଥ ନିର୍ମାଣ ଅଗ୍ରଗତି ଉପରେ ସମୀକ୍ଷା ହୋଇଥିଲା। ଆଗାମୀ ଜୁନ ୧୯ତାରିଖରେ ରଥ ଯାତ୍ରା କମିଟି ଗଠନ, ସାଇକେଲ ଷ୍ଟାଣ୍ଡ ଓ ଦୋକାନ ପାଇଁ ଯାତ୍ରା ପଡ଼ିଆ ନିଲାମ ହେବ। ବୈଠକରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାୟକ, ପରିଛା ଯୁବରାଜ ନନ୍ଦନ ମିଶ୍ର, ସମସ୍ତ ନିଯୋଗ ସେବାୟତ, ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାୟକ, ବିଦ୍ୟୁତ୍ ବିଭାଗ ଏସ୍ଡିଓ ଜନ୍ମେଜୟ ବେହେରା, ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା, ତହସିଲ ସୁପରଭାଇଜର ବନମାଳି ନାୟକ, ରାଜସ୍ୱ ନିରୀକ୍ଷକ ଶିବ ମହାନ୍ତ, ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର, ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ ବ୍ରାହ୍ମଣ ସମାଜ ଉପସ୍ଥିତ ଥିଲେ।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.: +91-651-2225878, Mob. No.: +91 9471006062
E-mail ld-juidcolimited@gmail.com
CIN: U45200JH2013SGC001752

**Notice Inviting Tender**

NIT No.: JUIDCO/ NIT/DPR-PMC/SWM/HC/25/657 Dated:10.06.2025

| | | |
|---|---|---|
| 1. | Name of the work | "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj ..." |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Tender Fee and Earnest Money to be submitted online | Tender document fee: Rs 10,000/- (Rupees Ten Thousand)only - Non-Refundable. Bid Security : Rs. 2,00,000/- (Rupees Two lakhonly),to be paid online. |
| 4. | Date / Time of Publication of Tender on Website | 11.06.2025; 17.00hrs |
| 5. | Date of pre bid meeting | 18.06.2025; 15:00 hrs |
| 6. | Last Date / Time of Bid Submission | 02.07.2025; 17.00hrs |
| 7. | Date/Time of Bid Opening | 03.07.2025; 17.00hrs |
| 8. | Name and Address of office inviting Tender | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi-834001 |
| 9. | Helpline No. of e-Procurement Cell | +91 651 2225878 |

Note: Only e-tenders will be accepted.
Further details are available on Jharkhand Government e-procurement website http://jharkhandtenders.gov.in

Sd/-
Project Director (Tech.)
JUIDCO Ltd., Ranchi

PR.NO.354878 Urban Development and Housing(25-26):D


# 'ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତା ସର୍ବେସର୍ବା'

କେନ୍ଦୁଝର, ୧୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ହେଲେ ସର୍ବେସର୍ବା। ପ୍ରତ୍ୟେକ ବର୍ଗର ଲୋକ ଗଣତାନ୍ତ୍ରିକ ପଦ୍ଧତିର ଅଂଶ ବିଶେଷ। ସାଧାରଣ ଲୋକଙ୍କ ସ୍ୱର ପ୍ରତିଫଳିତ କରିବା ଓ ସେମାନଙ୍କ ଆଶା ଆକାଂକ୍ଷା ପୂରଣ କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦରବାର ହଲଠାରେ ଆୟୋଜିତ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲା କର୍ମଶାଳାରେ ଯୋଗଦେଇ କହିଛନ୍ତି। ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କ ସହିତ ଭାବ ବିନିମୟ କରି ଲୋକଙ୍କ ସରକାର ଭାବେ ମାନ୍ୟତା ପାଇଥିବା ରାଜ୍ୟ ସରକାର ବଜେଟ୍, ବିଭିନ୍ନ ଯୋଜନାର ରୂପରେଖ ପ୍ରସ୍ତୁତି ଓ ସରକାରୀ କାର୍ଯ୍ୟରେ ଜନସାଧାରଣ ମତାମତ ନେଉଛି। ସରକାରଙ୍କ ଲୋକଙ୍କ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଥିବା କହିଥିଲେ। ବିକଶିତ ଓଡ଼ିଶା କିମ୍ବା ବିକଶିତ ଭାରତର ସ୍ୱପ୍ନ କେବଳ ସେତେବେଳେ ପୂରଣ ହୋଇପାରିବ ଯେତେବେଳେ ତୃଣମୂଳସ୍ତରରୁ ଲୋକଙ୍କ ସ୍ୱର ସରକାରଙ୍କ ନୀତି ନିର୍ଦ୍ଧାରଣରେ ସ୍ଥାନ ପାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଜିଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍ଡି, ଅତିରିକ୍ତ ଜିଲାପାଳ ମନୋଧର ମଲ୍ଲିକ, ରବୀନ୍ଦ୍ର ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ... ପ୍ରକଳ୍ପ ନିର୍ଦ୍ଦେଶକ ମିଶ୍ର ଡେପ୍ଟୋ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଓ ଆଇଏଏସ ପ୍ରୋବେସନର ପବନ କୁମାର ଉପସ୍ଥିତ ଥିଲେ। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପରିବହନରେ ରିହାତି ମିଳୁ


ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ।

## ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର

କେନ୍ଦୁଝର,୧୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପରିବହନ କ୍ଷେତ୍ରରେ ରିହାତି ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ରାଜ୍ୟପାଳଙ୍କୁ ଉଦ୍ଦେଶ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବସ ଏବଂ ପରିବହନ ସେବାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ଯାତ୍ରା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଦାବି ମୁତାବକ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ପୃଷ୍ଠଭୂମିର ଅନେକ ଛାତ୍ରୀଛାତ୍ର ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ ଅଞ୍ଚଳରେ ସରକାରୀ ପରିବହନ ଉପଲବ୍ଧ ନାହିଁ, ସେଠାରେ ଛାତ୍ରୀଛାତ୍ର ଘରୋଇ ବସ କିମ୍ବା ଭ୍ୟାନ ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତି। ତେଣୁ ବୈଧ ଛାତ୍ର ପରିଚୟପତ୍ର ଉପସ୍ଥାପନ କରିବା ପରେ ଘରୋଇ ପରିବହନ ସେବାରେ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ୫୦ ପ୍ରତିଶତ ଭଡ଼ା ରିହାତିକୁ ବାଧ୍ୟତାମୂଳକ କରାଯାଉ। ଶିକ୍ଷା କ୍ଷେତ୍ରକୁ ସମର୍ଥନ କରିବା ପାଇଁ ପଦକ୍ଷେପଗୁଡ଼ିକ ଅତ୍ୟନ୍ତ ଜରୁରୀ ଏବଂ ପରିବହନ ପ୍ରତିବନ୍ଧକ ଯୋଗୁ ପାଠପଢ଼ା ଛାଡ଼ିବା ହାରକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଛାତ୍ର କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ସହିତ ସମାନତା ରହିବା ଦରକାର ବୋଲି ଛାତ୍ର କଂଗ୍ରେସ ପ୍ରକାଶ କରିଛି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପଣ୍ଡିତ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସଙ୍ଗୀତା ସିଂହ, ପୂର୍ବତନ କେନ୍ଦୁଝର କଂଗ୍ରେସ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ପିସିସି ସଭ୍ୟ ଲଳିତ ମୋହନ ନାୟକ, କଂଗ୍ରେସ ନେତା ରଉଳକର ଜେନା, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅମିତ ରାଉତ, ସରୋଜ ମହାନ୍ତା, ଅମନ ଗୋସ୍ୱାମୀଙ୍କ ସମେତ ବହୁ ଛାତ୍ର ନେତା ସାମିଲ ହୋଇଥିଲେ।


**OFFICE OF THE PRINCIPAL, S.G. WOMEN'S COLLEGE, SECTOR-2, ROURKELA - 6**
Website: www.sgwc.edu.in, e-mail: principal.sgwc@gmail.com

**WALK-IN-INTERVIEW**
(For empanelment of Guest Faculties)

No. N-78: A Walk-in-Interview for engagement of Guest Faculties in the following disciplines for the session 2025-26 will be held as the programme given below.
Candidates having 55% marks at P.G. level may appear the interview with necessary documents.

| SUBJECTS | DATE | DOCUMENTS |
|---|---|---|
| Education, Political Science, Hindi, History, Odia, Economics, English, Home Science, Psychology | 23.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |
| Geography, Sanskrit, Philosophy, Sociology, Commerce, Mathematics, Ethics & Values | 24.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |

The undersigned has reserved the right to cancel the appointment at any time without assigning any reason thereof.
No TA/DA will be given to any applicants for the interview.
OIPR-11134/11/0013/2526 Sd/- Principal, S.G. Women's College, Sector-2, Rourkela-6

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
(ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ)
ମୁଖ୍ୟ କାର୍ଯ୍ୟାଳୟ: ଭୁବନେଶ୍ୱର
ଶାଖା: ବକ୍ଷୀଗୁଡ଼ା, ସ୍ଥାନ: ମେନ୍ ରୋଡ଼, ପୋଷ୍ଟ: ବକ୍ଷୀଗୁଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା । ପିନ୍: ୭୬୧୧୦୬

**ବିଜ୍ଞପ୍ତି: ସ୍ୱର୍ଣ୍ଣ ଋଣ ଅଳଙ୍କାରଗୁଡ଼ିକର ନିଲାମ ପାଇଁ ନୋଟିସ**

| କ୍ର.ସଂ. | ଶାଖା | ଗ୍ରାହକଙ୍କ ନାମ ଓ ଠିକଣା | ଖାତା ନଂ. | ସର୍ବମୋଟ ଓଜନ |
|---|---|---|---|---|
| ୧ | ବକ୍ଷୀଗୁଡ଼ା | ... ଗଞ୍ଜାମ-୭୬୧୧୦୬ | ୮୪୦୫୩୨୬୭୪ | ୧୧.୪୬୦ ଗ୍ରାମ |
| ୨ | ବକ୍ଷୀଗୁଡ଼ା | ... ଗଞ୍ଜାମ-୭୬୧୧୦୬ | ୮୪୦୫୪୮୭୮୦୪ | ୨୨.୬୭୦ ଗ୍ରାମ |
| ୩ | ବକ୍ଷୀଗୁଡ଼ା | ... ଗଞ୍ଜାମ-୭୬୧୧୦୬ | ୮୪୦୬୪୮୨୬୬୦ | ୨୮.୧୨୦ ଗ୍ରାମ |

ଶାଖା ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବକ୍ଷୀଗୁଡ଼ା ଶାଖା

**ଦ.ପୂ. ରେଳପଥ - ଟେଣ୍ଡର**

... www.ireps.gov.in ...

(PR-260)

# ୧୪ରେ ହଟିବ ନିଷେଧାଦେଶ, ତତ୍ପର ମତ୍ସ୍ୟଜୀବୀ

**ଭୋଗରାଇ, ୧୨।୬(ପ୍ରଦୀପ ଦାସ)**

ଦୀର୍ଘ ୨ମାସ ଅପେକ୍ଷାର ଅନ୍ତ ଘଟିଛି। ଏପ୍ରିଲ ୧୫ରୁ ମତ୍ସ୍ୟଜୀବୀଙ୍କ ପାଇଁ ଲାଗୁ ହୋଇଥିବା ସମୁଦ୍ର କଟକଣାକୁ ଆସନ୍ତା ୧୪ତାରିଖରେ ମତ୍ସ୍ୟବିଭାଗ ପକ୍ଷରୁ ହଟାଇ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସମୁଦ୍ରରେ ଅଲିଭରିଡଲେ କଇଁଛ ଅଣ୍ଡାଦାନର ସୁରକ୍ଷା ଓ ମାଛର ଅଣ୍ଡା, ଆହାର ଇତ୍ୟାଦିକୁ ଦୃଷ୍ଟିରେ ରଖି ଥିବା ଓଡ଼ିଶା ମତ୍ସ୍ୟବିଭାଗ ପକ୍ଷରୁ ଏଭଳି ନିଷେଧାଜ୍ଞା ଜାରି କରାଯାଇଥିଲା। ୨ଦିନ ପରେ ସରକାରୀ କଟକଣା ଉଠାଇ ଦିଆଯାଉଥିବାରୁ ଓଡ଼ିଶାର ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକରେ ମତ୍ସ୍ୟଜୀବୀ ଚଳଞ୍ଚଳ ହେଉଥିବା ନଜରକୁ ଆସିଛି। ଶେଷ ମୁହୂର୍ତ୍ତରେ ଟ୍ରଲର, ଭୁଟଭୁଟି, ଛୋଟ ଡଙ୍ଗାରେ କାର୍ଯ୍ୟରତ ଥିବା ମତ୍ସ୍ୟଜୀବୀମାନେ ଜାଲ, ଡଙ୍ଗାରେ ମରାମତି ଓ ରଙ୍ଗଦେବାରେ ଦିନରାତି ବ୍ୟସ୍ତ ଥିବାବେଳେ ଶୁକ୍ରବାରରେ ମା' ଗଙ୍ଗାଙ୍କୁ ପୂଜା ଓ ଆରାଧନା କରି ସମୁଦ୍ରକୁ ଯିବା ଲାଗି ତତ୍ପର ହେଉଛନ୍ତି। ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ନିଷେଧାଜ୍ଞା ହଟିବାକୁ ଯାଉଥିବା ବେଳେ ୨ ଉପକୂଳରେ ସର୍ବାଧିକ ଟ୍ରଲର ଜଲିଆ, ତେଲିଆ ଓ ଅନ୍ୟାନ୍ୟ ଲୁଣିମାଛ ମାରିବାକୁ ସମୁଦ୍ରମୁହାଁ ହେଉଛନ୍ତି। ଏଥିପାଇଁ ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, ରସୁଲପୁର, କାଉଁଶିଆ, ଚୌମୁଖ, ଡଗରା, ବାହାବଳପୁର, କଷାଫଳ, ବଲରାମଗଡ଼ି ସହିତ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ସହିତ ପଶ୍ଚିମବଙ୍ଗ ଦୀଘା, ଶଙ୍କରପୁର, ମନ୍ଦରମଣି, ଜୁନପୁଟ, ପେଟୁଆ, କାକଦ୍ୱୀପ ଓ ନାମଖାନା ମତ୍ସ୍ୟ ଅବତରଣ କେନ୍ଦ୍ରର ମତ୍ସ୍ୟଜୀବୀମାନେ ଚଳଞ୍ଚଳ ହେବାରେ ଲାଗିଛନ୍ତି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ୩୭ହଜାର ୩୩୮ଜଣ ମତ୍ସ୍ୟଜୀବୀ ପରିବାରରେ ୨ଲକ୍ଷ ୨୬ହଜାର ୫୬ଜଣ ମତ୍ସ୍ୟଜୀବୀ ରହିଥିବା ବେଳେ ଭୋଗରାଇ ବ୍ଲକରେ ୧୦୧ ଗ୍ରାମରେ ୧୦ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ରହିଛନ୍ତି।



ତାଳସାରୀ ବେଳାଭୂମିରେ ସମୁଦ୍ରମୁହାଁ ଡଙ୍ଗା।

ସୁରକ୍ଷା ଦୃଷ୍ଟିରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବା ଲାଗି ଡଙ୍ଗାରେ ଲାଇଫ ଜ୍ୟାକେଟ, ବିପଦସଂକେତ ସୂଚନା, ଡାଟ ମେସିନ, ନାଲି ରଙ୍ଗରେ ନିର୍ମିତ ଡଙ୍ଗା ବା ଟ୍ରଲର, ତ୍ରିରଙ୍ଗା ପତାକା, ଆଧାରକାର୍ଡ, ଡଙ୍ଗା ରେଜିଷ୍ଟ୍ରେସନ କରାଇନେବା ବାଧ୍ୟତାମୂଳକ କରାଯାଇଛି। ଅପରପକ୍ଷରେ ସୁନାମି, ସାମୁଦ୍ରିକ ଝଡ଼ ଓ ବଜ୍ରପାତ ଭଳି ସର୍ତ୍ତକତା ସୂଚନା ଲାଗି ଭୋଗରାଇ ବ୍ଲକରେ ବ୍ଲକ ପରିସର, ତାଳସାରୀ, କାଉଁଶିଆ ଓ ବିଚିତ୍ରପୁର ସ୍ଥାନରେ ଆଗୁଆ ସତର୍କ ସୂଚନା ଟାୱାର ଯନ୍ତ୍ର ଅଚଳ ହୋଇଥିବା ବେଳେ ଅନୁରୂପ ଭାବେ ଓଡ଼ିଶା ଉପକୂଳରେ ଥିବା ଅଧିକାଂଶ ସର୍ତ୍ତକ ସଂକେତ ଅଚଳ ହୋଇପଡ଼ିଥିବା କୁହାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଟାୱାର ଯନ୍ତ୍ର କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହୋଇଛି। ଭୋଗରାଇ ବ୍ଲକ ଉପକୂଳରେ ୨୨୩ମାଛଧରା ଡଙ୍ଗା ପଞ୍ଜିକୃତ ହୋଇଥିବା ବେଳେ ୨୦ଟି ଲାଇଫ ଜ୍ୟାକେଟ ମତ୍ସ୍ୟଜୀବୀଙ୍କୁ ବିତରଣ କରାଯାଇଛି। ସମୁଦ୍ରରେ ବିଦେଶୀ ଓ ସନ୍ଦେହଜନକ ଡଙ୍ଗା ଗତିବିଧି ନଜରକୁ ଆସିଲେ ମତ୍ସ୍ୟବିଭାଗ କିମ୍ବା ମେରାଇନ ଥାନାକୁ ତୁରନ୍ତ ଖବର ଦେବା ସହିତ ସମସ୍ତ ସରକାରୀ ନିର୍ଦ୍ଦେଶନାମାକୁ ମାନିବାକୁ ମତ୍ସ୍ୟଜୀବୀଙ୍କୁ ଭୋଗରାଇ ଓ ବାଲିଆପାଳ ବ୍ଲକର ସହକାରୀ ସାମୁଦ୍ରିକ ସମ୍ପ୍ରସାରଣ ମତ୍ସ୍ୟ ଅଧିକାରୀ ଅନନ୍ତ ଜେନା ପରାମର୍ଶ ଦେଇଛନ୍ତି। ତାଳସାରୀ ଉପକୂଳରେ ୫ଟି ବଡ ବାଲିଚଡ଼ ହୋଇଥିବାରୁ ସମୁଦ୍ରକୁ ଡଙ୍ଗା ଯିବା ଆସିବାର ଭୀଷଣ ଅସୁବିଧା ହେଉଥିବାରୁ ଏଠାରେ ମତ୍ସ୍ୟଜୀବୀଙ୍କ ସକାଶେ ସରକାର ଡ୍ରେଜର( ସାମୁଦ୍ରିକ ବାଲି ଉଡିବା ମେସିନ ) ଲଗାଇ ବାଲିଚଡ଼କୁ ସଫା କରିବା ସହ ମତ୍ସ୍ୟଜୀବୀଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ତାଳସାରୀ ଗଙ୍ଗାମାତା ମେରାଇନ ଫିସରମ୍ୟାନ ସୋସାଇଟି ସଭାପତି ସୁରେନ୍ଦ୍ର ଗଙ୍ଗେଇ ଓ ପୁଷ୍ପରୀ କାଷ ଲାୟା ସୂଚନା ଦେଇଛନ୍ତି।

# ଗଡ଼ିଲା ବିକାଶ ବାହନ

## ଖଇରାରେ ଶୁଭାରମ୍ଭ କଲେ ବ୍ଲକ୍ ଅଧ୍ୟକ୍ଷ, ବିଡିଓ, ତହସିଲଦାର




ଖଇରା ବ୍ଲକରେ ବିକାଶ ବାହନକୁ ଅତିଥିମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଉଛି।

**ଖଇରା, ୧୨।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସରକାରଙ୍କ ବିକାଶର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରସ୍ତୁତ ବିକାଶ ବାହନ ଖଇରା ବ୍ଲକରେ ଗଡ଼ିଛି। ଏହି ଅବସରରେ ଗୁରୁବାର ପୂର୍ବାହ୍ନରେ ଖଇରା ବ୍ଲକ ପରିସରରେ ବିଡିଓ ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାବ୍ୟତୀତ ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାସ, ସିଡିପିଓ ଊର୍ମିଳା ବେହେରା, ଆକାଉଣ୍ଟାଣ୍ଟ ରୁଦ୍ରମାଧବ ବେହେରା, ସିପି ଶଶିକାନ୍ତ ଦାସ, ଜିପିଓ ଅଶୋକ ପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଏହି ବିକାଶ ବାହନ ରଥ ପଳସା, ଗୋଳିହା ଓ ନହଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଯୋଜନା ସମ୍ପର୍କରେ ଭିଡିଓଗ୍ରାଫି ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନଙ୍କୁ ନିର୍ବାହୀ ଅଧିକାରୀମାନଙ୍କ ଜରିଆରେ ଆୟୁଷ୍ମାନ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଓ ଜବ୍‌କାର୍ଡ ବଣ୍ଟନ କରାଯାଇଥିଲା।

# ନୀଳଗିରି ବାଇପାସ୍ ଛକରେ ରାସ୍ତାରୋକୋ

**ନୀଳଗିରି, ୧୨।୬(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି-ବଉଳଗଡ଼ିଆ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ, ଇକୋ ସେନସିଟିଭ ଜୋନ୍‌କୁ ଜନବସତିରୁ ହଟାଯାଇ ଜଙ୍ଗଲ ଭିତରେ ରଖାଯିବା, ସମସ୍ତ ରେଭିନ୍ୟୁ ଗ୍ରାମରେ ପଲ୍ଲିସଭା କରାଯାଇ ଅଭୟାରଣ୍ୟ କୁଲଡ଼ିହାକୁ ମାନ୍ୟତା ଦିଆଯିବା, ହାତୀ କବଳରୁ ଧନ-ଜୀବନକୁ ସୁରକ୍ଷା ଦିଆଯିବା ନେଇ ଆଞ୍ଚଳିକ କୃଷକ ମଞ୍ଚ ନୀଳଗିରି ତରଫରୁ ଗୁରୁବାର ପୂର୍ବାହ୍ନରେ ନୀଳଗିରି ବାଇପାସ୍ ଛକଠାରେ ରାସ୍ତାରୋକୋ କରାଯାଇଥିଲା। ଏହି ସମୟରେ ବିକ୍ଷୋଭ ପ୍ରଦର୍ଶନ ସହ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପ୍ରଥମେ ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଏକ ପଦଯାତ୍ରା ବାହାରି ବାଇପାସ୍ ଛକ ବସ୍‌ଷ୍ଟାଣ୍ଡଠାରେ ରାସ୍ତାରୋକୋ କରି ବିକ୍ଷୋଭ କରିଥିଲେ। ଆଞ୍ଚଳିକ କୃଷକ ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା ଅନୁଷ୍ଠିତ ବିକ୍ଷୋଭ ସଭାରେ ସଭାପତିତ୍ୱ କରିଥିଲେ। ଉପସଭାପତି ଉମାକାନ୍ତ ମଲିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବର୍ଷିଆନ କୃଷକ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସିପିଆଇ ଜୋନ୍ ସମ୍ପାଦକ ବିଜୟ କୁମାର ସ ପ୍ରମୁଖ ୫ଶହରୁ ଉର୍ଦ୍ଧ୍ୱ ଲୋକ ବିକ୍ଷୋଭରେ ଯୋଗ ଦେଇଥିଲେ।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

**ବାଲେଶ୍ୱର, ୧୨।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା, ଗବେଷଣା ଓ ସାଂସ୍କୃତିକ ସହଯୋଗରେ ନୂଆ ଅଧ୍ୟାୟ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଗ୍ରଗତିକୁ ନୂଆ ଦିଗରେ ବଢ଼ାଇବା ଉଦ୍ଦେଶ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ ଓ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀ ଉପସ୍ଥିତ ଥିଲେ।

ଏହି ବୁଝାମଣାପତ୍ର ଦ୍ୱାରା ଦୁଇ ବିଶ୍ୱବିଦ୍ୟାଳୟର ଜ୍ଞାନ ଓ ସଂସ୍କୃତିର ଧାରାର ବିକାଶ ତଥା ଅଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷା ଓ ଗବେଷଣା ସମ୍ପ୍ରସାରଣ ପାଇଁ ଏକ ସଂଯୁକ୍ତ ପ୍ଲାଟଫର୍ମ ସୃଷ୍ଟି ହେବ ବୋଲି ଆଶାବ୍ୟକ୍ତ କରାଯାଇଛି। ଏହା ଦ୍ୱାରା ପାରସ୍ପରିକ ଜ୍ଞାନର ଆଦାନ-ପ୍ରଦାନ, ଅନୁସନ୍ଧାନମୂଳକ କାର୍ଯ୍ୟକ୍ରମ ଓ ଛାତ୍ର-ଅଧ୍ୟାପକ ବିନିମୟ ଅବସର ବୃଦ୍ଧି ପାଇବ। ଓଡ଼ିଶାର ଶିକ୍ଷା ଓ ସଂସ୍କୃତିକ ମାନଚିତ୍ରରେ ଏହି ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କୁହଯାଇଛି।

# ଜଳେଶ୍ୱରରେ ଉଦ୍‌ଘାଟନକଲେ ବିଡିଓ

**ଜଳେଶ୍ୱର, ୧୨।୬(ନବୀନ ସାହୁ)**

ରାଜ୍ୟରେ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବାହାରିଥିବା ବିକାଶ ବାହନକୁ ଜଳେଶ୍ୱର ବ୍ଲକରେ ବିଡିଓ ଗୌରାଙ୍ଗ ଚରଣ ଘୋଷ ବ୍ଲକ ପରିସରରେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଗୁରୁବାର ୪ଟି ପଞ୍ଚାୟତ ବୁଲିବା ସହିତ ସରକାରଙ୍କ କେତେକ ପ୍ରମୁଖ ସଫଳତା ଏବଂ ପଦକ୍ଷେପ ବିଷୟରେ ଯେମିତି ବିକାଶ ଗାଁ ବିକଶିତ ଓଡିଶା, ସୁଭଦ୍ରା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଆଦିବାସୀ ଏବଂ ଜନଜାତି କଲ୍ୟାଣ, ଯୁବକଙ୍କ ଦକ୍ଷତା ବିକାଶ, କ୍ରୀଡ଼ା ଭିତ୍ତିକ ପ୍ରୋତ୍ସାହନ, କୃଷି ପାଇଁ ଅନୁଦାନ, ଜାତୀୟ ସାସ୍ଥ୍ୟ କାର୍ଯ୍ୟକ୍ରମ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା, ଶିଶୁ ବାଟିକା କାର୍ଯ୍ୟକ୍ରମ ଆଦି ଲୋକହିତକର ଯୋଜନା ବିଷୟରେ ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆଯିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭାଜପା ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ, ବ୍ଲକ ସେକସନ ଅଫିସର ମନ୍ଦାକିନୀ ସିଂ, ଉପ ଶ୍ରମ ଅଧିକାରୀ ଶିବାଙ୍ଗୀ ହେମ୍ବ୍ରମ, ଭାଜପା ନେତା ଶାନ୍ତନୁ ପଟ୍ଟନାୟକ, ଚନ୍ଦନ କର ପ୍ରମୁଖ ଉପସ୍ଥିତ ହୋଇ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ଅଧିକାରିଣୀଙ୍କ ବିରୋଧରେ ଥାନାରେ ଏତଲା

## ଆଇନଜୀବୀଙ୍କୁ ମାଡ଼ ଘଟଣା

**ବାଲେଶ୍ୱର, ୧୨।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଭିତରେ ଜଣେ ବୟସ୍କ ଆଇନଜୀବୀଙ୍କୁ ପ୍ରବେସନର ଆଇଏଏସ୍ ଅଧିକାରିଣୀ ମାଡ଼ ମାରିବା ଘଟଣାକୁ ବାଲେଶ୍ୱର ଆଇନଜୀବୀ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଆଇଏଏସ୍ ଅଧିକାରିଣୀଙ୍କ ବିରୋଧରେ ଏତଲା ଦିଆଯାଇଥିଲେ ହେଁ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଛି। ମାମଲା ରୁଜୁ ସହ ଘଟଣାର ନ୍ୟାୟିକ ତଦନ୍ତ ପୂର୍ବକ ଅଧିକାରିଣୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବାଲେଶ୍ୱର ବନ୍ଦ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ବାର ହଲ୍ ନଂ-୨ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି କେଶବ କୁମାର ଆଚାର୍ଯ୍ୟ, ସମ୍ପାଦକ ସମ୍ମିତ କୁମାର ନନ୍ଦୀ, ପୂର୍ବତନ ସଭାପତି ମନୋଜ କୁମାର ନାୟକ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୬ ତାରିଖରେ ଆଇନଜୀବୀ ପୁରୁଷୋତ୍ତମ ଦାସ ଜଣେ ବନ୍ଧୁଙ୍କ ସହ ବିଧାୟକଙ୍କୁ ଭେଟିବା ପାଇଁ ସର୍କିଟ ହାଉସକୁ ଯାଇଥିଲେ। ସେଠାରେ ସେ ଭୁଲବଶତଃ ଆଇଏଏସ୍ ଅଧିକାରିଣୀ ଥିବା ଏକ ରୁମ୍‌ରେ ପଶିଯାଇଥିଲେ। ପୁରୁଷୋତ୍ତମ ଭୁଲ୍ ମାଗିବା ପରେ ବି ସହଦେବଖୁଣ୍ଟା ଥାନାରେ ଅଧିକାରିଣୀ ଲିଖିତ ଏତଲା ଦେଇଥିଲେ। ଦୁଇଦିନ ପରେ ପୋଲିସର ଏକ ଟିମ୍ ପୁରୁଷୋତ୍ତମଙ୍କୁ ଘରୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲେ। ଥାନାରେ ଆଇଏଏସ୍ ଅଧିକାରିଣୀଙ୍କୁ ଆଇନଜୀବୀ ବାରମ୍ବାର ଭୁଲ୍ ମାଗିଥିଲେ। ହେଲେ ଅଧିକାରିଣୀ ଆଇନଜୀବୀଙ୍କୁ ତାଙ୍କୁ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଆଇଏଏସ୍ ଅଧିକାରିଣୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା (ନଂ. ୨୦୩/୨୫) ରୁଜୁ କରି ଗତ ମଙ୍ଗଳବାର ପୁରୁଷୋତ୍ତମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ପୁରୁଷୋତ୍ତମଙ୍କୁ ଜାମିନ ମିଳିଥିଲା।

# ଅମୃତ ଷ୍ଟେଶନ, ତୃତୀୟ ଲାଇନ ପ୍ରକଳ୍ପ ତଦାରଖ

## ଖଡ଼ଗପୁର-ରାଣୀତାଲ ସେକ୍ସନରେ ରେଳବାଇ ମହାପ୍ରବନ୍ଧକ

**ବାଲେଶ୍ୱର, ୧୨।୬(ବାଞ୍ଛାନିଧି ଦେ)**

ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଗୁରୁବାର ଖଡ଼ଗପୁର-ରାଣୀତାଲ ସେକ୍ସନ ପରିଦର୍ଶନ କରିଛନ୍ତି। ସେକ୍ସନ ଅନ୍ତର୍ଗତ ବେଲଦା, ଜଳେଶ୍ୱର, ରୂପସା, ବାଲେଶ୍ୱର, ସୋର, ସାବିରା ଏବଂ ରାଣୀତାଲ ଷ୍ଟେଶନ ସମେତ ପ୍ରମୁଖ ଷ୍ଟେଶନଗୁଡ଼ିକୁ ପରିଦର୍ଶନ କରି ଅମୃତ ଷ୍ଟେଶନ ଏବଂ ନିର୍ମାଣାଧୀନ ତୃତୀୟ ଲାଇନ ପ୍ରକଳ୍ପଗୁଡ଼ିକୁ ତଦାରଖ କରିଥିଲେ।

ଏଥିସହ ଷ୍ଟେଶନ ସୌନ୍ଦର୍ଯ୍ୟକରଣ, ଯାତ୍ରୀସୁବିଧା ବୃଦ୍ଧି ଓ ସୁବିଧାଗୁଡ଼ିକର ଆଧୁନିକୀକରଣ ସମେତ ଭିତ୍ତିଭୂମି ବିକାଶର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଷ୍ଟେଶନୟାର୍ଡ, ବିଭିନ୍ନ ପଏଣ୍ଟ, କ୍ରସିଂ, ପ୍ୟାନେଲ ରୁମ୍, ସିଗନାଲିଂ ସିଷ୍ଟମ ଏବଂ ନିୟନ୍ତ୍ରଣ ଯନ୍ତ୍ରପାତିଗୁଡ଼ିକୁ ସେ ଯାଞ୍ଚ କରିଥିଲେ। କାର୍ଯ୍ୟକ୍ଷମ ଭିତ୍ତିଭୂମି, ସୁରକ୍ଷା



ବିଭାଗୀୟ ଅଧିକାରୀଙ୍କ ସହ ରେଳବାଇ ପ୍ରବନ୍ଧକ ଏକ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

ମାନଦଣ୍ଡ ଏବଂ ଗତି ଦକ୍ଷତା ସହ ଅମୃତ ଯୋଜନା ଅଧୀନ ଯାତ୍ରୀ ସୁବିଧା ଯେପରିକି ପ୍ରତୀକ୍ଷା ହଲ୍, ଶୌଚାଳୟ, ପାନୀୟ ଜଳ ସୁବିଧା, ପ୍ଲାଟଫର୍ମ ପୃଷ୍ଠ, ଆଲୋକ ଏବଂ ବସିବା ବ୍ୟବସ୍ଥାର ମୂଲ୍ୟାଙ୍କନ କରାଯାଇଥିଲା। ଦିବ୍ୟାଙ୍ଗଜନଙ୍କ ପାଇଁ ପରିଷ୍କାର ପରିଚ୍ଛନ୍ନତା, ସାଇନେଜ୍ ଏବଂ ଗତିବିଧିର ସହଜତା ମଧ୍ୟ ସମୀକ୍ଷା କରାଯାଇଥିଲା। ଯାଞ୍ଚ ସମୟରେ ମହାପ୍ରବନ୍ଧକ ସମସ୍ତ ବିକାଶମୂଳକ କାର୍ଯ୍ୟର ସମୟସୀମା ଏବଂ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ଏବଂ ଦକ୍ଷତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ କହିଥିଲେ। ଏହି ପରିଦର୍ଶନ ସମୟରେ ଖଡ଼ଗପୁରର ଡିଭିଜନାଲ ରେଳ ପରିଚାଳକ କେ. ଆର୍. ଚୌଧୁରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନତା

**ବସ୍ତା, ୧୨।୬(ହରିଶଙ୍କର ପାଢ଼ୀ)**

ଓଡ଼ିଶାରେ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକଙ୍କ ପାଖରେ ବିକାଶର ବାର୍ତ୍ତା ପହଞ୍ଚାଇବାକୁ ବିକାଶ ରଥ ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତ ତଥା ଜନସମାଗମ ସ୍ଥାନରେ ବୁଲାଇବାକୁ ଲକ୍ଷ୍ୟ ରଖାଯାଇଛି। ଗୁରୁବାର ବସ୍ତା ବ୍ଲକରୁ ରଥ ବାହାରି ପୂର୍ବାହ୍ନ ୧୧ଟାରେ ପତ୍ରଝଡ଼ା ପଞ୍ଚାୟତରେ ପହଞ୍ଚିଥିଲା। ସେଠାରେ ପଥପ୍ରାନ୍ତ ପାଲା ପରିବେଷଣ ପରେ ବସ୍ତା ସଦାନନ୍ଦପୁର ପଞ୍ଚାୟତ ଅଫିସରେ ଅପରାହ୍ନ ୧ଟା ପରେ ପହଞ୍ଚିଥିଲା। ପଞ୍ଚାୟତ ସରପଞ୍ଚ ରଚିତା ମହାନ୍ତି, ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟ, ବସ୍ତା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା, ବିଭିନ୍ନ ଏସ୍‌ଏଚ୍‌ଜି ମହିଳା, ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ମୋ ସେବାକେନ୍ଦ୍ରର ପରିଚାଳକ ଏବଂ କୃଷି ମିତ୍ରମାନେ ଉପସ୍ଥିତ ରହି ଲୋକମାନଙ୍କ ପାଖରେ ବିକାଶର ବାର୍ତ୍ତା ପହଞ୍ଚାଇଥିଲେ। ତେବେ ଦୀର୍ଘ ସମୟ ଧରି ବିଳମ୍ବ ଯୋଗୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ପଥପ୍ରାନ୍ତ ପାଲା ପରିବେଷଣ।

# ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ପ୍ରଦାନ କଲେ ଏମ୍‌ପି

**ବାଲେଶ୍ୱର, ୧୨।୬(ବାଞ୍ଛାନିଧି ଦେ)-** ରାଜ୍ୟରେ ଭାଜପା ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ଏକ ସେମି ଲାଇଫ ସପୋର୍ଟ ସିଷ୍ଟମ ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରିଛନ୍ତି। ଆଇଆର୍‌ସିଟିସି ପ୍ରଦତ୍ତ ଏହି ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଏମ୍‌ପି ଷଡଙ୍ଗୀ କହିଥିଲେ। ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ରିତୁ ଚୌହାନ, ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରା, ଏଡିଏମ୍‌ଓ ଡା. ଗିରିଜା ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆମ୍ବୁଲାନ୍ସର ମାଲିକାନା ସ୍ୱତ୍ତ୍ୱ ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କୁ ଏମ୍‌ପି ଷଡ଼ଙ୍ଗୀ ପ୍ରଦାନ କରିଥିଲେ।

# ବିକଶିତ ଭାରତ, ବିକଶିତ ଓଡ଼ିଶା ପାଇଁ ସମର୍ପିତ ଭାଜପା ସରକାର

## କେନ୍ଦ୍ର ସରକାରଙ୍କ ୧୧ବର୍ଷ, ରାଜ୍ୟରେ ପ୍ରଥମ ବର୍ଷ ପୂର୍ତ୍ତି




ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

**ବାଲେଶ୍ୱର, ୧୨।୬(ବାଞ୍ଛାନିଧି ଦେ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତର ସେବା, ସୁଶାସନ ଓ ଗରିବ କଲ୍ୟାଣର ଏକ ନୂଆ ବିକାଶ ଯାତ୍ରା ଆରମ୍ଭ ହୋଇଛି। ସରକାରଙ୍କ ପ୍ରତ୍ୟେକ ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି ଜନକଲ୍ୟାଣ, ସାଧାରଣ ନାଗରିକଙ୍କ ଜୀବନକୁ ସହଜ କରିବା ଓ ଦେଶକୁ ବିଶ୍ୱରେ ନୂଆ ପରିଚୟ ଦେବା। ୧୧ବର୍ଷର ମୋଦି ସରକାର ସେବାକୁ ସଂକଳ୍ପ, ସୁ-ଶାସନକୁ ସଂସ୍କୃତି ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଆତଙ୍କବାଦ ବିରୋଧରେ କଠୋର ନୀତି, ପ୍ରତିରକ୍ଷା ରପ୍ତାନୀ ୩୦% ବୃଦ୍ଧି, ଭ୍ରଷ୍ଟାଚାର ଉପରେ କଡ଼ା ପ୍ରହାର ସହ ସରକାରୀ ଯୋଜନାର ସମୟାନୁବର୍ତ୍ତୀ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ରାଜ୍ୟରେ ଭାଜପା ସରକାର ଏକ ବର୍ଷ ପୂର୍ତ୍ତି ଅବସରରେ ସୁଭଦ୍ରା ଯୋଜନାରେ ୧କୋଟିରୁ ଅଧିକ ହିତାଧିକାରୀ ମହିଳା ଉପକୃତ, ସରକାରୀ ଚାକିରୀ ବୟସ ସୀମା ୪୨କୁ ବୃଦ୍ଧି, ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦% ଦିବ୍ୟାଙ୍ଗଙ୍କୁ ୩୫୦୦ ଭତ୍ତା ପ୍ରଦାନ, ନବମ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟାହ୍ନଭୋଜନ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିୟମିତ ଶୁଣାଣି ଓ ତ୍ୱରିତ୍ ସମାଧାନ ହୋଇପାରିଛି ବୋଲି ଗୁରୁବାର ଆତିଥ୍ୟ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି। ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ମାତ୍ର ଏକ ବର୍ଷରେ ପ୍ରଗତିର ପଥରେ ଦ୍ରୁତ ଗତିରେ ଆଗେଇଚାଲିଛି। ମହିଳା ସଶକ୍ତିକରଣ, ଅସହାୟ, ଦିବ୍ୟାଙ୍ଗ, ଗରିବଙ୍କ ପାଇଁ ବହୁବିଧ ଯୋଜନା, ୩୧୦୦ ଟଙ୍କାରେ ଧାନ କ୍ରୟ, ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ସହ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ସାଙ୍ଗଠନିକ ଜିଲା ଉତ୍ତର ବାଲେଶ୍ୱର ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ପର୍ଶୁରାମ ପରିଡ଼ା ମଞ୍ଚାସୀନ ଥିଲେ। ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଓ ରଣଜିତ୍ ପୃଷ୍ଟି ସହଯୋଗ କରିଥିଲେ।

# ବାଲିଆପାଳରେ ଉଦ୍‌ଘାଟନକଲେ ବିଡିଓ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୨।୬**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଡବଲ ଇଞ୍ଜିନ ସରକାରର ବିକାଶ ବାହନ ରଥ ଶୁଭାରମ୍ଭ ହୋଇଛି। ବ୍ଲକ ପରିସରରୁ ବିଡିଓ ରାଧାରଞ୍ଜନ ଦାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ପରେ ପ୍ରଥମ ଦିନରେ ବାଲିଆପାଳ, ବିଷ୍ଣୁପୁର ଓ ଅସ୍ତି ପଞ୍ଚାୟତକୁ ରଥ ପରିକ୍ରମା କରିଛି। ପର୍ଯ୍ୟାୟକ୍ରମେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସବୁ ପଞ୍ଚାୟତକୁ ଏହି ବିକାଶ ବାହନ ରଥ ପହଞ୍ଚି ରାଜ୍ୟ ସରକାରଙ୍କ ଏକ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୩ବର୍ଷର ବିକାଶ ଗାଥାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ବିଡିଓ ଦାସ କହିଛନ୍ତି। ଏହି ଅବସରରେ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଥିଲା। ଏଠାରେ ବିଡିଓ ରାଧାରଞ୍ଜନ ଦାସ, ଭାଜପା ନେତା ରବିନ୍ଦ୍ର ନାଥ ଅଣ୍ଡିଆ, ଅରବିନ୍ଦ ବେହେରା ଓ ଅନ୍ୟମାନେ ଉପସ୍ଥିତ ରହି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ମୃତଦେହ ପହଞ୍ଚିବା ପରେ ଭଦ୍ରକରେ ଉତ୍ତେଜନା


ନେହେରୁ ଷ୍ଟାଡିୟମ୍ ସାମ୍ନା ଜାତୀୟ ରାଜପଥରେ ରାସ୍ତାରୋକୋ ସ୍ଥଳରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ କୁମାର ରାଉତରାଏ ଆଲୋଚନା କରୁଛନ୍ତି।


ଭଦ୍ରକ ବନ୍ତଛକରେ ପୋଲିସ ପକ୍ଷରୁ ମୁତୟନ ହୋଇଥିବା ଫୋର୍ସ।

ଭଦ୍ରକ,୧୨।୬ (ସନାତନ ରାଉତ)

## ଗୋରୁ ବେପାରୀଙ୍କ ଆକ୍ରମଣରେ ଗୋରକ୍ଷକଙ୍କ ମୃତ୍ୟୁ ଘଟଣା
## ଜାତୀୟ ରାଜପଥ ଅବରୋଧ

ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ କଷଟି ଗ୍ରାମର ଗୋରକ୍ଷକ ସନ୍ତୋଷ ପରିଡ଼ା(୪୦)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନରେ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଛି। ନେହେରୁ ଷ୍ଟାଡିୟମ୍ ନିକଟରେ ବିଭିନ୍ନ ହିନ୍ଦୁ ସଙ୍ଗଠନ ଓ କଷଟି ଗ୍ରାମର ଲୋକେ ମୃତଦେହ ଆସୁଥିବା ଗାଡ଼ିକୁ ଅଟକାଇ ରାସ୍ତାରୋକୋ କରିଥିଲେ। ୧୬ନଂ. ଜାତୀୟ ରାଜପଥ ଓ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡ୍‌କୁ ସେମାନେ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଯାତାୟାତ ବନ୍ଦ ରହିଥିବାରୁ ବହୁ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଅଂଶୁମାନ ଦ୍ୱିବେଦୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଓ ସମ୍ପର୍କୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସେମାନେ ଦାବି କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦେବାକୁ ପ୍ରସ୍ତୁତ କରାଯାଇଥିବା ବେଳେ ଲୋକେ ମୃତଦେହକୁ ରାସ୍ତାରେ ଅଟକାଇ ଜିଲାପାଳ ସେଠାକୁ ଆସିବା ପାଇଁ ଅଡ଼ି ବସିଥିଲେ। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଲାଗି ରହିଥିବାରୁ ଫୋର୍ସ ମୁତୟନ ରହିଥିଲା। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବାକୁ ସେମାନେ ଦାବି କରିଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ବିଧାୟକ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇ ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସେହିପରି ଇଣ୍ଟରନେଟ୍ ସେବା ବନ୍ଦ ରହିଥିବା ବେଳେ ଭଦ୍ରକର ଅପର୍ତ୍ତିବିନ୍ଧା ଛକ, ବନ୍ତଛକ, ମୋଚି ଛକ, ବାଇପାସ୍, ଆରଡ଼ିଛକ, ଶନିମନ୍ଦିର ଆଦି ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ରହିଛି। ସୋସିଆଲ ମିଡିଆରେ କୌଣସି ବିଭ୍ରାନ୍ତିକର ପୋଷ୍ଟ ନ କରିବାକୁ ପୂର୍ବାଞ୍ଚଳ ଡିଆଇଜି ନିବେଦନ କରିଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

ଭଣ୍ଡାରିପୋଖରୀ,୧୨।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଚିଙ୍ଗୁଡ଼ିପୁର ଆଞ୍ଚଳିକ ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ ପରିସରରେ ଭାରତୀୟ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚାଲିଥିବା ଭଦ୍ରକ ଜୋନ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ଶିବିର ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବିଜେଗଙ୍ଗାଧରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଶିକ୍ଷା ପରିଷଦ ସମ୍ପାଦକ ରବିନାରାୟଣ ଯେନା ମୁଖ୍ୟଅତିଥି, ଟ୍ରଷ୍ଟି ବାବାଜୀ କୁମାର, ରାଜକିଶୋର ଓ ବିଚିତ୍ରାନନ୍ଦ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଚାର୍ଯ୍ୟ ଜ୍ଞାନରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ, ଚିଙ୍ଗୁଡ଼ିପୁର ସମ୍ପାଦିକା ସ୍ମିତାରେଖା ପାତ୍ର ବେଦପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜୋନ୍‌ର ୧୦ଟି ଶିକ୍ଷାକେନ୍ଦ୍ରରେ ଶିକ୍ଷାଦାନ କରୁଥିବା ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଗଦାଧର ବାରିକ, ଅଶୋକ ନାୟକ, ମାନସ କୁମାର ପାଢ଼ୀ, ଯୋଗ ଶିକ୍ଷକ ନିତ୍ୟାନନ୍ଦ ରାଉତ, କ୍ରୀଡ଼ା ଶିକ୍ଷକ ମାନସ କୁମାର ସାହୁ, ଗଣିତ ଶିକ୍ଷକ ଜୟଦେବ ସେନାପତି ଓ ଇଂଲିଶ ଶିକ୍ଷକ ପ୍ରଭାତ କୁମାର ଖିଲାର ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ଦେଇଥିଲେ।

ଚିଙ୍ଗୁଡ଼ିପୁର ଗୁରୁକୁଳ ଆଶ୍ରମ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଲିଖଣ୍ଡ ମହାବିଦ୍ୟାଳୟ ଅଧ୍ୟାପକ ନିରୋଦ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବାସୁଦେବପୁର ରାମକୃଷ୍ଣ ଶିକ୍ଷାନିକେତନ ସମ୍ପାଦକ ଧିରେନ କୁମାର ବାରିକ, ଚିଙ୍ଗୁଡ଼ିପୁର ଆଶ୍ରମ ଶିକ୍ଷକ ସଂଗ୍ରାମ ସାହୁ, ଆଓସାଇ ସେବାଶ୍ରମ ପ୍ରଧାନଆଚାର୍ଯ୍ୟ ତନ୍ମୟ ପଟ୍ଟନାୟକ, ବାଲୁଅଶାସନ ଶିଶୁମନ୍ଦିର ସମ୍ପାଦକ ବିଷ୍ଣୁମୋହନ ପଣ୍ଡା, ନିମାପଡ଼ା ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟା ଇତିଶ୍ରୀ କରଶର୍ମା, କୋରିଗାଁ ସମ୍ପାଦକ ଖଗେଶ୍ୱର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ତିହିଡ଼ି,୧୨।୬ (ସଞ୍ଜିତ ବଳ)

ତିହିଡ଼ି କାଳୀପଡ଼ିଆସ୍ଥିତ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ଏହି ମହାବିଦ୍ୟାଳୟ ସୁଯୋଗ ସୃଷ୍ଟି କରିଥିବା କହିଥିଲେ। ବରେଣ୍ୟ ଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ତିହିଡ଼ି ବରିଷ୍ଠ ନାଗରିକ ସଂଘ ସଭାପତି ସୋମନାଥ ପାଢ଼ୀ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ସଙ୍ଗୀତ ବିଷାଦିତ ପ୍ରାଣକୁ ପୁଲକିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ଏବଂ ସମ୍ପାଦକ ମନୋଜ କୁମାର ଗୁଇଁ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର 'ବନ୍ଦେ ଉତ୍କଳ ଜନନୀ' ସହ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ରେଣୁବାଳା ନାଥ, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ, ଅମିୟ ଦାସ, ଗୌତମ ସେଠୀ, ସୌରଭ ଦାସ, କୃତ୍ତିବାସ ଜେନା, ଉମାକାନ୍ତ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଝାଡ଼ାବାନ୍ତିରେ ୧୩ ଆକ୍ରାନ୍ତ

## ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍


ବିରୋଳି ରାଜସ୍ୱ ଗ୍ରାମର ଦାଣ୍ଡକୂଳକୁ ଅନୁଧ୍ୟାନ ପାଇଁ ଆସିଥିବା ଡାକ୍ତରୀ ଟିମ୍ ଲୋକଙ୍କଠାରୁ ପଚାରି ବୁଝୁଛନ୍ତି।

ଭଣ୍ଡାରିପୋଖରୀ,୧୨।୬(ରାଜେନ୍ଦ୍ର ଶତପଥୀ)

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ଏପଟେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଷୋଳମପୁର ପଞ୍ଚାୟତ ବିରୋଳି ରାଜସ୍ୱ ଗ୍ରାମର ଦାଣ୍ଡକୂଳ ଓ ତିଖିଲିଆସାହିରେ ମଧ୍ୟ ସୋମବାର ରାତିରୁ ଝାଡ଼ାବାନ୍ତି ଲାଗିରହିଛି। ମୋଟ ୧୩ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁବାର କେହି ନୂତନ ଆକ୍ରାନ୍ତ ହୋଇ ନ ଥିବା ଜଣାଯାଇଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧ଜଣ ଓ କଟକ ବଡ଼ ଡାକ୍ତରଖାନାରେ ୨ଜଣ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସୋମବାର ରାତିରୁ କାଁ ଭାଁ କେତେଜଣଙ୍କର ଝାଡ଼ା ଆରମ୍ଭ ହୋଇଥିଲା। ପରେ ଝାଡ଼ାବାନ୍ତି ଲାଗି ରହିବାରୁ ସମସ୍ତଙ୍କୁ କ୍ରମାଗତ ଭାବେ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ତିଖିଲିଆ ଗ୍ରାମର ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଗୁରୁବାର ଜିଲାସ୍ତରୀୟ ଡାକ୍ତରୀ ଟିମ୍ ଦାଣ୍ଡକୂଳ ଓ ତିଖିଲିଆରେ ପହଞ୍ଚି ଝାଡ଼ାବାନ୍ତିର କାରଣ ଅନୁସନ୍ଧାନ, ଚିକିତ୍ସା ବ୍ୟବସ୍ଥା ଗ୍ରହଣ ସହ ପ୍ରତିଷେଧକ ବ୍ୟବସ୍ଥା କରିଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଙ୍ଗୀତା ବଳ, ସଂକ୍ରାମକ ରୋଗ ବିଶେଷଜ୍ଞ ପାର୍ଥସାରଥି ମିଶ୍ର, ଅଣୁଜୀବ ବିଜ୍ଞାନୀ ସତ୍ୟସୁନ୍ଦର ପତି ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁ ତଦାରଖ କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ସେହିପରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଅରୁଣ ନାୟକ, ଡା. ତପନ କୁମାର ବେହୁରିଆ, ସିଏଚ୍‌ଓ ହାପି ମଲ୍ଲିକ, ମହିଳା ସ୍ୱାସ୍ଥ୍ୟକର୍ମୀ ସନ୍ତୋଷୀରାଣୀ ମାଝୀ, ଆଶାକର୍ମୀ ଶର୍ମିଷ୍ଠା ନାୟକ, ଅଙ୍ଗନୱାଡି କର୍ମୀ ରଶ୍ମିତା ଭୋଇ ଦାଣ୍ଡକୂଳ ଓ ତିଖିଲିଆରେ ଘର ଘର ବୁଲି ଲୋକଙ୍କୁ ହାତଧୁଆ, ଓଆର୍‌ଏସ୍ ପାନୀୟ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ହାଲୋଜିନ ବଟିକା ବ୍ୟବହାର, ନଳକୂପ ବିଶୋଧନ, ଗ୍ରାମରାସ୍ତାରେ ବ୍ଲିଚିଂ ପାଉଡର ସିଞ୍ଚନ ଆଦି ବ୍ୟବସ୍ଥା ଗ୍ରହଣ କରିଥିବା ଜଣାଯାଇଛି। ତେବେ ଝାଡ଼ାବାନ୍ତିର କାରଣ ଏବେ ବି ଅସ୍ପଷ୍ଟ ରହିଥିବା କୁହାଯାଇଛି।

# ୩ ପଞ୍ଚାୟତ ବୁଲିଲା ବିକାଶ ବାହନ ରଥ

ତିହିଡ଼ି,୧୨।୬ (ସଞ୍ଜିତ ବଳ)

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, କାର୍ଡ ବଣ୍ଟନ

ତିହିଡ଼ି ବ୍ଲକ ଅଧୀନ ୩ ପଞ୍ଚାୟତରେ ଗୁରୁବାର ବିକାଶ ବାହନ ରଥ ପରିକ୍ରମା କରିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟା ବେଳେ ଏହି ରଥକୁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଏବଂ ବିଡିଓ ନିରଞ୍ଜନ ବାରିକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ସେକ୍ସନ ଅଫିସର ରୁନା ସୁନା, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ନକୁଳ ବାରିକ, ମଣ୍ଡଳ ସଭାପତି ସାଇଶରଣ ବେହେରା, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ପ୍ରଥମେ ନୂଆନନ୍ଦ ପଞ୍ଚାୟତ, ପରେ ପାଳିଆବିନ୍ଧା ଓ ଅଚକ ପଞ୍ଚାୟତ ପରିକ୍ରମା କରିଥିଲା। ଏସବୁ ପଞ୍ଚାୟତରେ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ନୂତନ ଭତ୍ତା, ରାଶନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ଜବ୍‌କାର୍ଡ ଆଦି ବଣ୍ଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା, ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ସରପଞ୍ଚ ନିହାରିକା ବିଶ୍ୱାଳ, ଯଶୋଦା ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।


ବ୍ଲକ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥକୁ ଉଦ୍‌ଘାଟନ କରାଯାଉଛି।


ବାଲିପୋଖରୀ ଦଳିତସାହି ରାସ୍ତା।

# ମରାମତି ଅଭାବ, ରାସ୍ତା ଶୋଚନୀୟ

ଭଣ୍ଡାରିପୋଖରୀ,୧୨।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଦଳିତସାହିକୁ ସଂଯୋଗକାରୀ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାହିକୁ ଗମନାଗମନ ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତାରେ ୧୦ ବର୍ଷ ପୂର୍ବେ ପଞ୍ଚାୟତ ପକ୍ଷରୁ ନାମମାତ୍ର ମୋରମ ବିଛାଯାଇଥିଲା। ଏହାପରେ ରାସ୍ତା ମରାମତି କିମ୍ବା ପୁନଃ ନିର୍ମାଣ ହୋଇନାହିଁ। ମରାମତି ଅଭାବରୁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଜରୁରୀ ସମୟରେ ଏହି ସାହିକୁ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯାତାୟାତ କରିପାରୁ ନାହିଁ। ବୟସ୍କ, ରୋଗାକ୍ରାନ୍ତ ବ୍ୟକ୍ତି, ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ପ୍ରତିଷ୍ଠିତ ବିଦ୍ୟାଳୟକୁ ପିଲା ଅଭାବ ଦର୍ଶାଇ ବନ୍ଦ କରି ଦିଆଯାଇଛି। ଏଣୁ ପିଲାମାନେ ଦୂର ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଛନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ କରିବା କଷ୍ଟସାଧ୍ୟ ହୋଇଛି। ସାହିର ବାସିନ୍ଦାମାନେ ରାସ୍ତାକୁ କଂକ୍ରିଟକରଣ ପାଇଁ ଦାବି କରିଛନ୍ତି। ଏନେଇ ସରପଞ୍ଚ ଅକ୍ଷୟ ତ୍ରିପାଠୀ କହିଛନ୍ତି, ଏହି ରାସ୍ତା ନିର୍ମାଣ ପାଇଁ ଅର୍ଥ ଯୋଗାଇବାକୁ ବ୍ଲକ ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଛି। ହେଲେ ଅର୍ଥ ମିଳିପାରୁ ନ ଥିବାରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ।

# 'ନଦୀ ବଞ୍ଚିଲେ ସଭ୍ୟତା ବଞ୍ଚିବ'

ବାସୁଦେବପୁର, ୧୨।୬ (କାଳୀପଦ ରାୟ)

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଗୁରୁବାର ଅପରାହ୍ନ ୫ଟାରେ ସାଳନ୍ଦୀ-ବୈତରଣୀ ବଞ୍ଚାଅ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଳମାନବ ଭାବେ ପରିଚିତ ରାଜସ୍ଥାନର ଡ. ରାଜେନ୍ଦ୍ର ସିଂ, ଅନ୍ୟତମ ଅତିଥି ଭାବେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ ଚାନ୍ସଲର ବିନାୟକ ରଥ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ବୈତରଣୀ ବଞ୍ଚାଅ ଆନ୍ଦୋଳନର ଆବାହକ ଅଶୋକ ଠାକ୍‌ରେ, ଓଡ଼ିଶା ଟ୍ରକ୍ ମାଲିକ ସଂଘର ସଭାପତି ପୁରଞ୍ଜନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ନଦୀ ହେଉଛି ମାନବ ସଭ୍ୟତା ଓ ସଂସ୍କୃତିର ଜୀବନଧାରା। ନଦୀ ବଞ୍ଚିଲେ ସଭ୍ୟତା ବଞ୍ଚିବ ବୋଲି ଅତିଥିମାନେ କହିଥିଲେ। ସାଳନ୍ଦୀ ନଦୀପଠା ଜବରଦଖଲ, ପ୍ରଦୂଷିତ ଜଳ, ବିଭିନ୍ନ କାରଖାନା ନଦୀ ଜଳ ବ୍ୟବହାର କରି ଦୂଷିତ ଜଳ ନଦୀକୁ ଛାଡୁଥିବାରୁ ମୁଖ୍ୟଅତିଥି ଉଦ୍‌ବେଗ ପ୍ରକାଶ କରିଥିଲେ। ଆଇନଜୀବୀ ପବନ ଶର୍ମା, ଦିବ୍ୟ ସିଂଦେଓ, ଅବସରପ୍ରାପ୍ତ ଯନ୍ତ୍ରୀ କମଳାକାନ୍ତ ବେହେରା, ସାମାଜିକ କର୍ମୀ ଅଶୋକ ମହାନ୍ତି, ସଞ୍ଜୀବ ମହାନ୍ତି, ନିରୂପମା ମହାନ୍ତି, ମଦନ କୁମାର ନାୟକ, କଳ୍ପନା ଜେନା ପ୍ରମୁଖ ସାଳନ୍ଦୀ ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ମତ ରଖିଥିଲେ। ସାଳନ୍ଦୀ ବିକାଶ ମଞ୍ଚର ଆବାହକ ପ୍ରତାପ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଅମ୍ବିକା ଦାସ ଧନ୍ୟବାଦ ଦେଇଥିଲେ।


ସାଳନ୍ଦୀ-ବୈତରଣୀ ବଞ୍ଚାଅ ସମ୍ମିଳନୀରେ ଉପସ୍ଥିତ ଅତିଥି।

# ଆସିଲାଣି ବର୍ଷାଋତୁ / ଦଳରେ ଭର୍ତ୍ତି ସାଳନ୍ଦୀ

ଭଦ୍ରକ,୧୨।୬ (ସନାତନ ରାଉତ)

- ଅଳିଆ ଆବର୍ଜନା ପଡ଼ୁଥିବାରୁ ପ୍ରଦୂଷଣ ହେଉଛି ନଦୀଜଳ
- ସଂସ୍କାର ଯୋଜନାରେ ବହୁ କୋଟି ଖର୍ଚ୍ଚ ପରେ ବି ସୁଧାର ଆସିନି
- ଜବରଦଖଲ ସାଙ୍ଗକୁ ବେଆଇନ ବାଲି ଉଠାଣ ହେଉଛି


ସାଳନ୍ଦୀ ନଦୀରେ ଦଳ ଭର୍ତ୍ତି ହୋଇଛି।

ଭଦ୍ରକ ଜିଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ନଦୀ ଦିନକୁ ଦିନ ଅବହେଳିତ ହେଉଛି। ବର୍ଷାଦିନ ପାଖେଇ ଆସୁଥିବା ବେଳେ ଦଳରେ ଭର୍ତ୍ତି ହୋଇଛି ନଦୀ ଗର୍ଭ। ବର୍ଷାଦିନ ପୂର୍ବରୁ ନଦୀ ଗର୍ଭରୁ ଦଳ ସଫା କରା ନ ଗଲେ ବନ୍ୟାଜଳ ନିଷ୍କାସନରେ ବାଧା ସୃଷ୍ଟି ହେବା ସହ ବୁଡ଼ିବ ଭଦ୍ରକ ସହର। ଏହାବ୍ୟତୀତ ସହରର ଡ୍ରେନ୍ ପାଣି ଛଡ଼ାଯିବା ସହ ଅଳିଆ ଆବର୍ଜନା ପକାଯାଉଥିବାରୁ ଜଳ ପ୍ରଦୂଷଣ ବଢ଼ିଚାଲିଛି। ଜିଲାର ବନ୍ତ, ଭଦ୍ରକ, ତିହିଡ଼ି ଓ ଚାନ୍ଦବାଲି ୪ ବ୍ଲକ୍ ଦେଇ ପ୍ରବାହିତ ଏହି ନଦୀରେ ସାଳନ୍ଦୀ ସଂସ୍କାର ଯୋଜନା ମାଧ୍ୟମରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨୪ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ସରିଥିଲେ ବି ନଦୀ ସଂସ୍କାର ଯୋଜନା ବାଟବଣା। ସାଳନ୍ଦୀ ନଦୀ ଜଳ ଦ୍ୱାରା ୮୨୦୦ ହେକ୍ଟର ଜମି ଜଳସେଚିତ ହେଉଛି ବୋଲି ଜଳସମ୍ପଦ ଡିଭିଜନ ପକ୍ଷରୁ ସୂଚନା ଥିବାବେଳେ ତଳ ମୁଣ୍ଡରେ ନଦୀ ଶୁଖିଲା ପଡୁଥିବାରୁ ଚାଷ ପାଇଁ ବ୍ୟବହାର ହୋଇ ପାରୁ ନ ଥିବା ଚାଷୀମାନେ ବାରମ୍ବାର ଅଭିଯୋଗ କରୁଛନ୍ତି। ଭଦ୍ରକର କେତେକ ସ୍ଥାନରେ ନଦୀଗର୍ଭକୁ ଜବରଦଖଲ ସାଙ୍ଗକୁ ବେଆଇନ ବାଲିଉଠାଣ, କମ୍ପାନୀ ଦ୍ୱାରା ନଦୀ ଜଳ ଶୋଷଣ ଓ ନଦୀରେ ଅଳିଆ ଆବର୍ଜନା ସଫେଇ ହେଉ ନ ଥିବା ସମସ୍ୟା ଥିଲେ ମଧ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହଦଗଡ଼ ଡ୍ୟାମ୍‌ରୁ ବାହାରି ଚାନ୍ଦବାଲି ବ୍ଲକର ତିନିତର ପର୍ଯ୍ୟନ୍ତ ୧୩୦ କି.ମି. ଲମ୍ବ ଏହି ନଦୀ ଅବବାହିକାରେ ବନ୍ତ ବ୍ଲକର ୬ ପଞ୍ଚାୟତ, ଭଦ୍ରକ ବ୍ଲକର ୧୦, ତିହିଡ଼ିର ୭ ଏବଂ ଚାନ୍ଦବାଲିର ୬ ପଞ୍ଚାୟତ ରହିଛି। ଅନେକ ସ୍ଥାନରେ ନଦୀଗର୍ଭ ପୋତି ହୋଇପଡ଼ିଥିବାରୁ ୧୯୯୯ ପ୍ରଳୟଙ୍କରୀ ବନ୍ୟା ସମୟରେ ନଦୀକୂଳିଆବାସୀଙ୍କ ବହୁ ଧନଜୀବନ ହାନି ଘଟିଥିଲା। ପରେ କେନ୍ଦ୍ର ସରକାର ସାଳନ୍ଦୀ ସଂସ୍କାର ଯୋଜନାରେ ୨୦୦୬-୨୦୦୭ରେ ୯୯ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅଟକଳ ମୂଲ୍ୟକୁ ୧୪୪ କୋଟି ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ନଦୀ ଖନନ, ଡ୍ରେନେଜ ବ୍ୟବସ୍ଥା, ନଦୀବନ୍ଧ ନିର୍ମାଣ, ପ୍ରକଳ୍ପରେ ଜମି ଅଧିଗ୍ରହଣ ବାବଦକୁ ୪୪ କୋଟି, ଦଶମୌଜା ଓ ଗୋପାଳିଆ କେନାଲ ଖନନ ବାବଦକୁ ୮୦ କୋଟି ୧୮ ଲକ୍ଷ ଖର୍ଚ୍ଚ ପରେ ବି ସୁଧାର ଆସିପାରି ନାହିଁ। ଅପରପକ୍ଷେ ନଦୀ ଗର୍ଭରୁ ବେଆଇନ ଭାବେ ବାଲି ଉଠାଣ, ବେଆଇନ ଇଟାଭାଟି ନିର୍ମାଣ ଓ କମ୍ପାନୀ ଦ୍ୱାରା ନଦୀ ଜଳ ଶୋଷଣ ହେଉଥିବାରୁ ଜଳସ୍ତର କମିଯାଉଛି। ଏନେଇ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଗତ ମେ ୧୫ରେ ବିଧାନସଭା ପରିସରରେ ସବ୍‌ମିଶନ କମିଟି ପକ୍ଷରୁ ଆୟୋଜିତ ଜଳସମ୍ପଦ ବିଭାଗର ବୈଠକରେ ସାଳନ୍ଦୀ ନଦୀପଠାରୁ ଜବରଦଖଲ ଉଚ୍ଛେଦ, ହୋଟେଲ ଓ ହସ୍ପିଟାଲଗୁଡ଼ିକର ଦୂଷିତ ଜଳ ନଦୀକୁ ଛାଡ଼ିବା ନେଇ କାର୍ଯ୍ୟାନୁଷ୍ଠାନ, ନଦୀର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ବିଧାୟକ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ଥାୟୀ ଜଳ ପରିଚାଳନାରେ ବେଦାନ୍ତ ଚାମ୍ପିୟନ୍ସ



**ଭୁବନେଶ୍ୱର,୧୨।୬**

ପାଣି ଦ୍ରୁତଗତିରେ ୨୧ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ମଧ୍ୟରୁ ଗୋଟିଏ ହୋଇଯାଉଛି। ଜଳବାୟୁ ପରିବର୍ତ୍ତନ ତୀବ୍ର ହେବା ଏବଂ ଜଳ ସମ୍ପଦ ଅଧିକ ସୀମିତ ହେବା ସହ ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନାର ଆବଶ୍ୟକତା କେବେ ଏତେ ଜରୁରୀ ହୋଇନାହିଁ। ଆଜି ଇଣ୍ଡଷ୍ଟ୍ରି ଲିଡରମାନେ କେବଳ ବ୍ୟବହାର ହ୍ରାସ କରିବା ପାଇଁ ନୁହେଁ ବରଂ ସେମାନେ କାର୍ଯ୍ୟ କରୁଥିବା ଇକୋସିଷ୍ଟମରେ ସକାରାତ୍ମକ ଯୋଗଦାନ ଦେବା ପାଇଁ ସକ୍ରିୟ ଭାବରେ ଉପାୟ ଅନୁସନ୍ଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜଳ ପରିଚାଳନାରେ ଏକ ନେତା ଭାବେ ଉଭା ହେଉଛି। ୨୦୩୦ ସୁଦ୍ଧା ଜଳ ସକାରାତ୍ମକ ହେବାର ଦୃଷ୍ଟିକୋଣ ସହ କମ୍ପାନୀ କିପରି ବ୍ୟବସାୟିକ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ଘନିଷ୍ଠ ଭାବେ ସମନ୍ୱିତ ହୋଇପାରିବ ତାହା ପୁନଃ ପରିଭାଷିତ କରୁଛି। ସେହିଭଳି ଭାରତର ଆଧୁନିକ ଶିଳ୍ପ ଦୃଶ୍ୟପଟରେ କମ୍ପାନୀ ସବୁଠାରୁ ପ୍ରଭାବଶାଳୀ ଜଳ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟରେ ନିୟୋଜିତ କରିଛି। ଜଳ ପରିଚାଳନାକୁ ଏହାର ସ୍ଥାୟିତ୍ୱ ଯାତ୍ରାର ମୂଳ ପଥ କରିଛି, କେବଳ ଗତ ଆର୍ଥିକ ବର୍ଷରେ କମ୍ପାନୀ କାର୍ଯ୍ୟରେ ୧୬ ବିଲିୟନ ଲିଟରରୁ ଅଧିକ ପାଣିର ପୁନଶ୍ଚକ୍ରଣ ଦ୍ୱାରା ପ୍ରଦର୍ଶିତ ହୋଇଛି। ଏହାକୁ ଦୃଷ୍ଟିକୋଣରେ ରଖିବା ପାଇଁ କମ୍ପାନୀ ପ୍ରାୟ ୬,୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲ୍‌ର ପରିମାଣ ଜଳ ସଂରକ୍ଷଣ ସହ ପୁନଃ ବ୍ୟବହାରର ଏହି ସ୍ତର ହାସଲ କରିବା ଛୋଟ ସଫଳତା ନୁହେଁ ଏବଂ ସମ୍ବଳ ପରିଚାଳନା ପାଇଁ ଏକ ଅତ୍ୟନ୍ତ ଶୃଙ୍ଖଳିତ ଆଭିମୁଖ୍ୟକୁ ପ୍ରତିଫଳିତ କରିଛି, ଯେଉଁଠାରେ ପ୍ରତ୍ୟେକ ବୁନ୍ଦାର ହିସାବ କରାଯାଏ। ୧୫%ର ପୁନଃ ବ୍ୟବହାର ହାର ସହିତ ବେଦାନ୍ତ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟୋଜିତ କରି ଜଳ ଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ସେହିପରି କମ୍ପାନୀର ରଣନୀତି ୪ଟି ସ୍ତମ୍ଭ ଉପରେ ନିର୍ଭର କରିଥାଏ। କଠୋର ଜଳ ନିରୀକ୍ଷଣ, ସର୍ବାଧିକ ପୁନଃ ବ୍ୟବହାର, ସମ୍ପ୍ରଦାୟ ପ୍ରବେଶ ଏବଂ ଶୂନ୍ୟ ନିର୍ଗମନ ସହ କମ୍ପାନୀର କାର୍ଯ୍ୟ ମଧ୍ୟରେ ଜଳ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ସ୍କେଲ୍ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଭାଷିତ ହୋଇଛି।

# ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ସହାୟତା

**ଭୁବନେଶ୍ୱର,୧୨।୬ (ଅଭୟ ଦାଶ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ମାରାବାଇଗୁଡ଼ା ହରିଜନ ସାହିର ମେଧାବୀ ଛାତ୍ରୀ ପଦ୍ମିନୀ ଖରାଙ୍କୁ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ବିଶେଷକରି ଏହି ସହାୟତା ପଦ୍ମିନୀଙ୍କର ଉଚ୍ଚଶିକ୍ଷାର ସ୍ୱପ୍ନ ପୂରଣରେ ବେଶ୍ ସହାୟକ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, କୋରାପୁଟର ମାରାବାଇଗୁଡ଼ା ଭଳି ଏକ ଦୁର୍ଗମ ଅଞ୍ଚଳ, ଯେଉଁଠାରେ ସ୍ୱପ୍ନ ଦେଖିବା ବି କଷ୍ଟକର, ସେଠାରେ ୧୭ ବର୍ଷୀୟ ପଦ୍ମିନୀ ଖରା ଅବିଚଳିତ ଦୃଢ଼ତାର ଏକ ପ୍ରତୀକ ଭାବେ ଉଭା ହୋଇଛନ୍ତି। ବିଶେଷକରି ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ନିଜ ପାଠପଢ଼ାରେ ଉତ୍କୃଷ୍ଟ ହାସଲ କରିଛନ୍ତି। ଏପରିକି ଦଶମ ଶ୍ରେଣୀର ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୬% ଏବଂ ଦ୍ୱାଦଶ ଶ୍ରେଣୀରେ ୯୪% ନମ୍ବର ରଖି ସେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ତାଙ୍କ ଶିକ୍ଷାଗତ ପ୍ରତିଭା ଆର୍ଥିକ ନିରାଶାରେ ପରିଣତ ହୋଇଥିଲା। ଉଚ୍ଚ ଶିକ୍ଷା ଏକ ଅସମ୍ଭବ ସ୍ୱପ୍ନ ପରି ତାଙ୍କୁ ଲାଗୁଥିଲା। ପଦ୍ମିନୀଙ୍କ ଦୁର୍ଦ୍ଦଶା ବିଷୟରେ ଫାଉଣ୍ଡେଶନ ଜାଣିବା ପରେ ତତ୍କାଳ ପଦକ୍ଷେପ ନେଇଥିଲା।




**ପଦ୍ମିନୀ ଖରାଙ୍କୁ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ ଆର୍ଥିକ ସହାୟତା ରାଶି ଚେକ୍ ହସ୍ତାନ୍ତର କରୁଛନ୍ତି। ଏହି ଅବସରରେ ଖିମଜୀ ଜୁଏଲର୍ସର ସହକାରୀ ନିର୍ଦ୍ଦେଶକ ନିଶାଙ୍କ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଅଛନ୍ତି।**

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ କହିଥିଲେ, ଆମେ ଅସାଧାରଣ ପ୍ରତିଭା ଦେଖାଉଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ପଦ୍ମିନୀଙ୍କ ସାଧନାକୁ ସ୍ୱୀକାର ସହ ପରିବାରର ସ୍ଥିତିକୁ ବିଚାରକରି ଫାଉଣ୍ଡେଶନ ତାଙ୍କ ଶିକ୍ଷାଗତ ଯାତ୍ରାରେ ସମ୍ପୂର୍ଣ୍ଣ ସମର୍ଥନ ଯୋଗାଇବାକୁ ସ୍ଥିର କରିଛି। ସେହିଭଳି ପଦ୍ମିନୀଙ୍କୁ ପ୍ରଶଂସାକରି ମିତେଶ କହିଥିଲେ, ବ୍ୟକ୍ତିଗତ ଏବଂ ଆର୍ଥିକ ଆହ୍ୱାନ ପରିସ୍ଥିତିରେ ମଧ୍ୟ ଏତେ ଭଲ ନମ୍ବର ରଖିବା ତାଙ୍କର ନିଷ୍ଠା, ସହନଶୀଳତା ଏବଂ କ୍ଷମତାର ପ୍ରମାଣ ବୋଲି ଖିମ୍‌ଜୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଖିମ୍‌ଜୀ ଫାଉଣ୍ଡେଶନ ପଦ୍ମିନୀଙ୍କୁ ସ୍ନାତକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ତାଙ୍କର ଶିକ୍ଷାଗତ ଖର୍ଚ୍ଚ ପାଇଁ ନିରନ୍ତର ସମର୍ଥନର ଆଶ୍ୱାସନା ଦେଇଛି। ଏହି ସହାୟତା ତାଙ୍କର ଟ୍ୟୁଶନ ଫି, ରହଣି ଏବଂ ଖାଦ୍ୟ, କୋଚିଂ ଓ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚକୁ ବହନକରିବ। ଫାଉଣ୍ଡେଶନ ପକ୍ଷରୁ ତାଙ୍କ ପରିବାରର ଭାର ହାଲୁକା କରିବା ପାଇଁ ୧ ଲକ୍ଷ ଟଙ୍କାର ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ତାଙ୍କ ଉଚ୍ଚ ଶିକ୍ଷାକୁ ଅନୁଦାନ ଦେବାକୁ ମଧ୍ୟ ଫାଉଣ୍ଡେଶନ ପ୍ରତିଶ୍ରୁତି ଦେଇଛି। ଯାହା ଟ୍ୟୁଶନ, ପୁସ୍ତକ, ରହଣି ଏବଂ ଅତିରିକ୍ତ ପଢା ଖର୍ଚ୍ଚକୁ ବହନ କରିବ। ପଦ୍ମିନୀଙ୍କ ପାଇଁ ଫାଉଣ୍ଡେଶନର ସମର୍ଥନ କେବଳ ଆର୍ଥିକ ସହାୟତା ନ ଥିଲା, ତାହା ଥିଲା ତାଙ୍କ ଆଶାର ପୁନରୁଦ୍ଧାର କରିବ। ଏ ନେଇ ପଦ୍ମିନୀ କହିଛନ୍ତି, ମୁଁ ପ୍ରାୟ ଆଶା ଛାଡ଼ି ଦେଇଥିଲି । କିନ୍ତୁ ଖିମ୍‌ଜୀ ଫାଉଣ୍ଡେଶନ ମୋତେ ବିଶ୍ୱାସ କରିଥିଲେ। ବର୍ତ୍ତମାନ ମୁଁ ବିନା କୌଣସି ବାଧାରେ ନିଜ ସ୍ୱପ୍ନକୁ ଅନୁସରଣ କରିପାରିବି।

# ଆଜିଠାରୁ ୨ୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ଭୁବନେଶ୍ୱର,୧୨।୬**

ପ୍ରଥମ ବର୍ଷର ପୂର୍ଣ୍ଣ ସଫଳତା ପରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାରଠାରୁ ୨ୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ଆୟୋଜନ ହେଉଛି। ଏହି ମେଳା ୨୦୨୫ ଜୁନ୍ ୧୩ ରୁ ୨୩ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହ ଜଡିତ ହୋଇ ଏହି ମେଳାର ଆୟୋଜନ କରୁଛୁ। ଏପରିକି ଏହି ମଲ୍ଟି ସେକ୍ଟର ବି୨ବି ଏବଂ ବି୨ବି ପ୍ରଦର୍ଶନୀ ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ମେଳାରେ ୧ଲକ୍ଷରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଡକ୍ଟ ସାମିଲ ହେବାର ଯୋଜନା ରହିଥିଲାବେଳେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଅଂଶ ଗ୍ରହଣ କରୁଛନ୍ତି। ସେହିଭଳି ଏହି ମେଳାରେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍, ଉତ୍ପାଦନ, ବ୍ୟାଙ୍କିଂ, ନିର୍ମାଣ ସାମଗ୍ରୀ, ଆସବାବପତ୍ର ଡାଇନିଂ ସେଟ୍ ଏବଂ କାର୍ଡିଙ୍ଗ ଝୁଲା, ଆଫଗାନିସ୍ତାନର ୧୦୦ପ୍ରକାର ଶୁଖିଲା ଫଳ ସହିତ ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ପାଇପାରିବେ। ୩,୦୦,୦୦୦ ରୁ ଅଧିକ ପରିଦର୍ଶକ ଏହି ୧୧ଦିନିଆ ମେଳା/ ଇଭେଣ୍ଟର ଭରପୂର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆକାଶ, ଆଦିତ୍ୟ, ଅରୂପ, ବର୍ଷା, ମଧୁ, ଜ୍ୟୋତ୍ସ୍ନା ଓ ଶକ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପ୍ଲାଟ୍‌ଫର୍ମ ସୃଷ୍ଟି କରାଯାଇଛି।




# ଡିଅନ୍ ଗ୍ରୁପ୍‌ର ନୂତନ ହାଉସିଂ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୧୨।୬**

ରାଜ୍ୟ ପ୍ରମୁଖ ଘରୋଇ ସଂସ୍ଥା ତଥା ଡିଅନ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ନୂତନ ହାଉସିଂ ପ୍ରକଳ୍ପ 'ନ୍ୟୁ ଟାଉନ ଇଣ୍ଟିଗ୍ରେଟେଡ୍ ରିଭରସାଇଡ୍ ଟାଉନଶିପ୍ ପ୍ରୋଜେକ୍ଟ'କୁ ନିକଟରେ ଅନୁମୋଦନ ମିଳିଛି। ଏପରିକି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଡିଅନ୍ ଗ୍ରୁପ୍‌ର ଇଣ୍ଟିଗ୍ରେଟେଡ୍ ରିଭରସାଇଡ୍ ଟାଉନଶିପ୍ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ସେହିଭଳି ଏହି ପ୍ରକଳ୍ପରେ ହସ୍ପିଟାଲ, ମଲ୍, ମଲ୍ଟିପ୍ଲେକ୍ସ, ଷ୍ଟାର୍ ହୋଟେଲ ଭଳି ଅତ୍ୟାଧୁନିକ ସୁବିଧାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଏହି ଅନୁମୋଦନ ଡିଅନ୍ ଗ୍ରୁପ୍‌ର ଆର୍ଥିକ ସୁଦୃଢ଼ତା, ଯୋଜନା ଗଠନର ଗୁଣମାନ ଏବଂ ଗୁଣାତ୍ମକ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ୟୁନିଟ୍-୧ ସ୍ଥିତ ଏସ୍‌ବିଆଇ ହୋମ୍ ଲୋନ୍‌ର ସେଲ୍ସ ଟିମ୍‌ଙ୍କ ସମେତ ଡିଜିଏମ୍ ପ୍ରଶାନ୍ତ କୁମାର ଏବଂ ଏଜିଏମ୍ ସରୋଜ ରାଉତରାୟଙ୍କ ଉପସ୍ଥିତିରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ମନୋଜ କୁମାର ସାହୁଙ୍କୁ ଏହି ଅନୁମୋଦନ ପତ୍ର ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଏହି ପ୍ରକଳ୍ପର ବିଶ୍ୱସନୀୟତା ମଧ୍ୟ ବଢ଼ିଛି। ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଟାଉନସିପ୍ ପ୍ରକଳ୍ପ ଭାବେ ନ୍ୟୁଟାଉନ ଓଡ଼ିଶା ଜୀବନଶୈଳୀ, କାର୍ଯ୍ୟଶୈଳୀ ଏବଂ ଯୋଗାଯୋଗରେ ପରିବର୍ତ୍ତନ ଆଣିବା ସହ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ସାହୁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# Classified Everyday
**0674-2580101, 9692975378**



**AUTOMOBILE**
**SALE**

Toyata Innova Crysta for sale (2018). Contact No.- 9777659193, 7077022424. D-857




**REAL ESTATE**
**SALE**

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9907464445, 7008067338.** D-76275

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829




**Fully furnished running Show Room of 1000sft. Ground Floor on main road near BJB College & Shree Hospital. 9437517121.** D-75846




**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 9114559860. D-883

Newly open health benefits SPA by expert therapist. Contact- 8280961126. D-76920

Newly open Jyoti SPA positively health benefits (expert therapist). 8458067955. D-870

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Wellness relax body massage & joint pain treatment by trend therapist. 7327020180. D-76917

**AFFIDAVIT**

By virtue of an affidavit sworn before the Executive Magistrate, Jatni on dtd 11.06.2025, I, Sibani Nayak, W/o- Binod Kumar Nayak, At- Ramachandrapur, P.O.- Jatni, Dist.- Khordha, Odisha declared that I have changed my surname and identity from Sibani Nayak, W/o- Binod kumar Nayak to Sibani Mishra D/o- Late Bhabani Prasad Mishra @ Bhabani Mishra for all purposes. D-921

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue an affidavit sworn before Executive Magistrate Bhadrak, dated- 11.06.2025, I Chhayabati Raul(35), D/o- Dasarathi Raul, Vill.- Erein, P.O.- Charampa, P.S.- Bhadrak(R), Dist.- Bhadrak, PIN- 756010, declare that, I have changed my name Chhayabati Behera to Chhayabati Raul. Henceforth I shall be known as Chhayabati Raul for future all purposes. D-925

By virtue of an affidavit in the Court of Executive Magistrate, Rayagada, I Santosh Kumar Samal, F/o- Gourab Samal, At/P.O.- Pitamahal, Tah/Dist.- Rayagada do hereby declare that my minor son's name has been wrongly mentioned as Soumyaranjan Samal in Aadhaar Card vide No.- xxxx xxxx 9421 instead of Gourab Samal which is correct have recorded in Birth Certificate vide regd. No.- 2395/2016. Henceforth, he will be known as Gourab Samal for all future purposes by this affidavit C.F No.- 508, dtd- 09.06.2025.
Santosh Kumar Samal
Deponent
D-924

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before Executive Magistrate, Bhadrak, dtd- 24.01.2025, I Lokanatha Behera, S/o- Nrusingha Charan Behera, Vill.- Mahatipur, P.O.- Damodarpur, P.S.- Khaira, Dist.- Balasore declare that, I have changed my daughter's name from N.D. Soumyashree to Nd Soumyashree. I further declare that N.D. Soumyashree and Nd Soumyashree, D/o- Lokanatha Behera same and one child. D-926

I, Sunita Mahanta, W/o- Pramod Mahanta of Vill.- Balabhadrapur, P.O.- Arsala, P.S.- Jhumpura, Dist.- Keonjhar, Odisha state that actual and correct name of my daughter is Swagatika Mahanta but in her Aadhaar Card her name is wrongly written as Swagita Mahanta. Hence Swagatika Mahanta and Swagita Mahanta is same person. D-922

By virtue of an affidavit sworn before the Notary Public, Bargarh, No.- 239, dated- 11.06.25, I Pratima Sahu @ Santara Sahu, W/o- Mitrabhanu Sahu, R/o- Village/ P.O.- Birmal, P.S./Dist.- Bargarh, declare that after marriage I have changed my name from Santara Sahu to Pratima Sahu. That both the name is same and one person. Henceforth, I shall be known as Pratima Sahu for all purposes. D-923

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମନୋରମା ମିଶ୍ର (ମଣି)**
ଏ.ଏଲ୍. ୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ଆଷାଢ଼, କୃଷ୍ଣପକ୍ଷ ଦ୍ୱିତୀୟା ୨୦୧୭ ମସିହା
ଆଜି ଆଷାଢ଼ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ତୁମର ଅଷ୍ଟମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ।**
ଧ-୮୮୭

**ଏକାଦଶାହ ଉପଲକ୍ଷେ**



**୰ଗଙ୍ଗାଧର ବରାଳ**
ବ୍ରାହ୍ମଣଦା, ଜାରକା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୨।୧୦।୧୯୪୦
ତିରୋଧାନ: ୦୩।୦୬।୨୦୨୫
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପତ୍ନୀ: ପଦ୍ମିନୀ ବରାଳ, ପୁତ୍ର: ପ୍ରକାଶ ଚନ୍ଦ୍ର, ପ୍ରଦୀପ କୁମାର, ପୁତ୍ରବଧୂ, ଝିଆରୀ-ପୁତୁରା, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ନାତି-ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ବରାଳ ପରିବାରବର୍ଗ
ଧ-୯୨୭


# ଓରେରାରେ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୧୨।୬**

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ ଓଡ଼ିଶା ରେରା(ଓରେରା) ପକ୍ଷରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏପରିକି ଓରେରା କାର୍ଯ୍ୟାଳୟଠାରେ ତ୍ରୈମାସିକ ଉନ୍ନତି ରିପୋର୍ଟ (କ୍ୟୁପିଆର୍) ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରମୋଟରମାନଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଓରେରା ଅଧ୍ୟକ୍ଷ ଅସିତ କୁମାର ମହାପାତ୍ର ଉଦ୍‌ଘାଟନ କରିବା ସହ ଓରେରା ଭର୍ସନ ୨.୦ ଅନୁଯାୟୀ ଠିକ୍ ସମୟରେ ପ୍ରମୋଟରମାନେ କ୍ୟୁପିଆର୍ ଦେବା ସମୟରେ ସ୍ୱଚ୍ଛତା ଓ ଠିକ୍ ନିୟମ ଅବଲମ୍ବନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଓରେରା ସଚିବ ମାନସୀ ମାନ୍ଧାନା ସ୍ୱାଗତ ଅଭିଭାଷଣରେ କ୍ୟୁପିଆର୍ ସମ୍ବନ୍ଧିତ ନ୍ୟାୟିକ ଦିଗ ଉପରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। ଯୁଗ୍ମ ସଚିବ (ଅର୍ଥ) ଦୀପକ ବେଶ୍ରା ଆଗାମୀ ଦିନରେ ଓରେରା କାର୍ଯ୍ୟକ୍ରମ ସହ ଏହି ପ୍ରଶିକ୍ଷଣ ଜାରି ରହିବ ବୋଲି ସୂଚନା ଦେଇଥିଲେ। ଓଏସ୍‌ଡି ଲ୍ୟାଣ୍ଡ ମୌସୁମୀ ମିଶ୍ର ବିଲ୍ଡରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବାବେଳେ ସିଏସ୍‌ଏମ୍ ଟେକ୍ନୋଲୋଜି ପକ୍ଷରୁ ଏକ ପୁଙ୍ଖାନୁପୁଙ୍ଖ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଓରେରା ଜନସମ୍ପର୍କ ଅଧିକାରିଣୀ ଦୀପ୍ତିମୟୀ ରାଉତ ପରିଚାଳନା କରିଥିଲେ। ଏହି ଅବସରରେ ସସ୍ମିତା ରାଉତ, ଶଶିଭୂଷଣ ପଟ୍ଟନାୟକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୨।୬**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୨୩ (୮୨୩.୧୬) ପଏଣ୍ଟ ହ୍ରାସ ଘଟି ୮୧,୬୯୨ (୮୧,୬୯୧.୯୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୩ (୨୫୩.୨୦) ପଏଣ୍ଟ କମି ୨୪,୮୮୮ (୨୪,୮୮୮.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ ୧୩/୨୦୨୫ Bhubaneswar, Friday, June 13/ 2025

# କମିନ୍ସଙ୍କୁ ୬ ଉଇକେଟ ସଫଳତା




ଉଇକେଟ ନେବା ପରେ ଉଲ୍ଲସିତ ପ୍ୟାଟ୍ କମିନ୍ସ।

### ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ

### ଅଷ୍ଟ୍ରେଲିଆ ଇନିଂସ ଅଗ୍ରଣୀ

ଲର୍ଡ୍ସ,୧୨।୬

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୧୨ ରନ କରିଥିଲା। ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ୧୩୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଦଳର ଅଧିନାୟକ ପ୍ୟାଟ କମିନ୍ସ ୬ ଉଇକେଟ ସଫଳତା ହାସଲ କରିଥିଲେ। ପ୍ରଥମ ଇନିଂସ ଭିତ୍ତିରେ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ରିପୋର୍ଟ ଲେଖା ହେଲା ବେଳକୁ ୨୪ ଓଭର ଶେଷ ସୁଦ୍ଧା ୬ ଉଇକେଟ ହରାଇ ୬୬ ରନ କରିଛି। ମାର୍ନସ ଲାବୁସେନ ୨୨, ଷ୍ଟିଭେନ ସ୍ମିଥ ୧୩, ଉସ୍ମାନ ଖ୍ୱାଜା ୬, କାମେରନ ଗ୍ରୀନ ବିନା ସ୍କୋରରେ ଆଉଟ୍ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିଶୋ ରାବାଡା ଓ ଲୁଙ୍ଗି ଏନ୍‌ଗିଡି ଦୁଇଟି ଲେଖାଏ ଉଇକେଟ ହାତେଇଛନ୍ତି। ଅଷ୍ଟ୍ରେଲିଆ ହାତରେ ୪ ଉଇକେଟ ସୁରକ୍ଷିତ ରଖି ମ୍ୟାଚ୍‌ରେ ୧୪୦ ରନ ଆଗରେ ରହିଛି।

ଗୁରୁବାର ତଥା ମ୍ୟାଚ୍‌ର ଦ୍ୱିତୀୟ ଦିନ ଦକ୍ଷିଣ ଆଫ୍ରିକା ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୩/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଟେମ୍ବା ବଭୁମା ଓ ଡେଭିଡ୍ ବେଡିଂହାମ ଦିନର ପ୍ରଥମ ସେସନରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ବଭୁମା ୩୬ ରନ କରି କମିନ୍ସଙ୍କ ବଲରେ ମାର୍ନସ ଲାବୁସେନଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ବେଡିଂହାମଙ୍କ ସହ ପଞ୍ଚମ ଉଇକେଟରେ ୬୪ ରନ ଯୋଡ଼ିଥିଲେ। ଏହାପରେ ଦକ୍ଷିଣ ଆଫ୍ରିକା ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କାଏଲ ଭରରେନି ୧୩ ରନ କରି ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିବା ବେଳେ ମାର୍କୋ ଜାନସେନ ଖାତା ଖୋଲିବା ପୂର୍ବରୁ କ୍ୟାଚ୍ ଆଉଟ୍ ହୋଇଥିଲେ। ଦୁହିଁଙ୍କୁ ଗୋଟିଏ ଓଭରରେ କମିନ୍ସ ପ୍ୟାଭିଲିଅନ ବାଟ ଦେଖାଇଥିଲେ। ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ବାଧ୍ୟ ହୋଇ ବେଡିଂହାମଙ୍କୁ ଆଟାକିଂ ବ୍ୟାଟିଂ କରିବାକୁ ପଡ଼ିଥିଲା। ଯାହାର ଫଳ ସ୍ୱରୂପ ୪୫ ରନରେ ଖେଳୁଥିବା ଡାହାଣହାତୀ ବ୍ୟାଟର କମିନ୍ସଙ୍କ ବଲରେ ଉଇକେଟ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। କେଶବ ମହାରାଜ ୭ ଓ କାଗିଶୋ ରାବାଡା ୧ ରନ କରି ଆଉଟ୍ ହୋଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୩୮ ରନରେ ସୀମିତ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ସର୍ବାଧିକ ୬ ଉଇକେଟ ନେଇଥିଲେ। ଏଥିସହ ସେ ଟେଷ୍ଟ କ୍ୟାରିୟରରେ ୩୦୦ ଉଇକେଟ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ଦୁଇଟି ଓ ଜୋଶ ହାଜେଲଉଡ୍ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/ଅଲଆଉଟ୍ (ବିଉ ୱେବଷ୍ଟର-୭୨, ଷ୍ଟିଭ ସ୍ମିଥ-୬୬,କାଗିଶୋ ରାବାଡା-୫/୫୧, ମାର୍କୋ ଜାନସେନ-୩/୪୯, ଏଡେନ ମାରକ୍ରାମ-୧/୫)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮/ଅଲଆଉଟ୍ (ଡେଭିଡ ବେଡିଂହାମ-୪୫, ଟେମ୍ବା ବଭୁମା-୩୬, ପ୍ୟାଟ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୪ ଓଭରରେ ୬୬/୬ (ମାର୍ନସ ଲାବୁସେନ-୨୨, ଷ୍ଟିଭ ସ୍ମିଥ-୧୩, କାଗିଶୋ ରାବାଡା-୨/୧୫, ଲୁଙ୍ଗି ଏନ୍‌ଗିଡି-୨/୨୨)।

# ସିଫ୍ଟ କୌରଙ୍କୁ ବ୍ରୋଞ୍ଜ ପଦକ

ମ୍ୟୁନିକ୍, ୧୨।୬ (ପି.ଟି.)




ବ୍ରୋଞ୍ଜ ପଦକ ସହ ସିଫ୍ଟ କୌର ସମ୍ରା।

### ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍

ଭାରତର ଟପ୍ ଶୁଟର ସିଫ୍ଟ କୌର ସମ୍ରା ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୦ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟରେ ୨୩ ବର୍ଷୀୟା ସମ୍ରାଙ୍କ ନାମରେ ବିଶ୍ୱ ରେକର୍ଡ ରହିଛି। ୨୦୨୨ ଏସିଆନ ଗେମ୍ସରେ ୮ଜଣ ଖେଳାଳିଙ୍କୁ ନେଇ ଫାଇନାଲରେ ୪୫୩.୧ ଶଟ୍ ସହ ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଠାରେ କିନ୍ତୁ ନରୱେର ଜିନେଟ ହେଗ୍ ଡ୍ୟୁଷ୍ଟାଡ୍ (୪.୬୬.୯) ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସୁଇଜରଲାଣ୍ଡର ଏମିଲି ଜାଏଗି (୪୬୪.୮)ଙ୍କୁ ରୌପ୍ୟ ମିଳିଛି। କ୍ୱାଲିଫିକେଶନରେ ଏମିଲି ୫୯୦ ସ୍କୋର କରିଥିଲେ। ମାତ୍ର ଶ୍ରେଷ୍ଠ ୮ ଜଣଙ୍କ ମଧ୍ୟରେ ଦୁଇଜଣ ମାର୍କ୍ସଓମେନ କେବଳ ର୍‍ୟାଙ୍କିଙ୍ଗ ପଏଣ୍ଟ (ଆର୍‌ପିଓ) ପାଇଁ ଶୁଟିଂ କରିଥିବାରୁ ଏମିଲିଙ୍କୁ ଫାଇନାଲରେ ସୁଯୋଗ ମିଳିଥିଲା। ପଞ୍ଜାବର ଫରିଦ୍‌କୋର୍ଟ ବାସିନ୍ଦା ସମ୍ରା କ୍ୱାଲିଫିକେଶନରେ ତିନୋଟି ଷ୍ଟେଜ୍ ଯଥା ନିଲିଂ, ପ୍ରୋନ୍ ଓ ଷ୍ଟାଣ୍ଡିଂରେ ମୋଟ ୫୯୨ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ବୁଏନ୍ସଏରିଜଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। କ୍ୱାଲିଫିକେଶନରେ ଫାନ୍ସର ଆଗାଥ୍ ସେସିଲ୍ କାମିଲି ଜିରାର୍ଡ ମଧ୍ୟ ୫୯୨ ଶଟ୍ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ସୁଇଜରଲାଣ୍ଡର ଅଡ୍ରେ ଗଗ୍‌ନିଆଟ ତୃତୀୟ ସ୍ଥାନ ସହ ଫାଇନାଲରେ ପ୍ରବେଶ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ଆଶି ଚୌକ୍‌ସେ (୫୮୯) ଏକାଦଶ ତମ ସ୍ଥାନରେ ରହିଥିବା ବେଳେ ଅଞ୍ଜୁମ ମୋଦ୍‌ଗିଲ୍ (୫୮୬) ୨୭ତମ, ଶ୍ରୀୟଙ୍କା ଷଡ଼ଙ୍ଗୀ (୫୮୨) ୫୩ତମ ଏବଂ ନିଶ୍ଚଲ ୬୦ତମ ସ୍ଥାନ ଅଧିକାର କରିଥିଲେ।

# ଲିୱାଣ୍ଡୋସ୍କିଙ୍କ ସହିତ ବିବାଦ ପରେ ପୋଲାଣ୍ଡ କୋଚ୍‌ଙ୍କ ଇସ୍ତଫା



କୋଚ୍ ମିଚାଲ ପ୍ରୋବିର୍ଜ ଓ ରବର୍ଟ ଲିୱାଣ୍ଡୋସ୍କି।

ୱାରସ (ପୋଲାଣ୍ଡ), ୧୨।୬ (ଏପି)

ଷ୍ଟାର ଷ୍ଟ୍ରାଇକର ରବର୍ଟ ଲିୱାଣ୍ଡୋସ୍କିଙ୍କ ସହିତ ବିବାଦ ପରେ ପୋଲାଣ୍ଡ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ମିଚାଲ ପ୍ରୋବିର୍ଜ ଗୁରୁବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜାତୀୟ ଦଳର ହିତ ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ ବୋଲି ସେ ମନେକଲେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ଖେଳାଯାଇଥିବା ଫିନ୍‌ଲାଣ୍ଡ ବିପକ୍ଷ ଏକ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ ପୂର୍ବରୁ ବାର୍ସେଲୋନା ଷ୍ଟ୍ରାଇକର ଲିୱାଣ୍ଡୋସ୍କିଙ୍କୁ ଅଧିନାୟକ ପଦବୀରୁ ହଟାଇ ଦେଇଥିଲେ ପ୍ରୋବିର୍ଜ। ତାଙ୍କ ସ୍ଥାନରେ ସେ ଇଣ୍ଟର ମିଲାନ ମିଡ୍‌ଫିଲ୍ଡର ପିଓଟିର୍ ଜେଲିନସ୍କିଙ୍କୁ ନୂଆ ଅଧିନାୟକ ଭାବେ ମନୋନୀତ କରିଥିଲେ। ଏହି ନିଷ୍ପତ୍ତିରେ ଲିୱାଣ୍ଡୋସ୍କି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ, ପ୍ରୋବିର୍ଜ ଯେପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଥିବେ ସେ ପର୍ଯ୍ୟନ୍ତ ସେ ଜାତୀୟ ଦଳରୁ ଖେଳିବେ ନାହିଁ। ଘଟଣାକ୍ରମେ ଫିନ୍‌ଲାଣ୍ଡ ବିପକ୍ଷ ଏହି ମ୍ୟାଚ ପୋଲାଣ୍ଡ ୨-୧ରେ ପରାଜିତ ହୋଇଥିଲା। ଫଳରେ ଦଳର ବିଶ୍ୱକପ ଯୋଗ୍ୟତା ହାସଲ ଆଶା ମଉଳିଯାଇଛି। ୩୬ବର୍ଷୀୟ ଲିୱାଣ୍ଡୋସ୍କି ତାଙ୍କ ଦେଶ ତରଫରୁ ରେକର୍ଡ ୧୫୮ ଗେମ୍ ଖେଳିଛନ୍ତି। ସେ ୮୫ ଗୋଲ୍ ସହ ଅଗ୍ରଣୀ ଗୋଲ୍ ସ୍କୋରର ମଧ୍ୟ ରହିଛନ୍ତି। ପୋଲାଣ୍ଡ ଫୁଟ୍‌ବଲ ଇତିହାସରେ ତାଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇ ଆସୁଛି। ଚଳିତ ସିଜନରେ ବାର୍ସେଲୋନା ସହ ଲା-ଲିଗା ଟାଇଟଲ ଜିତିବା ପରେ ସେ କ୍ଳାନ୍ତ ହୋଇପଡ଼ିଥିବା ଦର୍ଶାଇ ଲିୱାଣ୍ଡୋସ୍କି ଶୁକ୍ରବାର ମାଲଡୋଭା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରୁ ଓହରିଯାଇଥିଲେ। ସୂଚନାଯୋଗ୍ୟ, ପ୍ରୋବ୍ରିଜ ୨୦୨୩ ସେପ୍ଟେମ୍ବରରେ ଫର୍ନାଣ୍ଡୋ ସାଣ୍ଟୋସଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ। ସାଣ୍ଟୋସଙ୍କ ସମୟରେ ପୋଲାଣ୍ଡ କେବଳ ୨୦୨୪ ୟୁରୋପିଆ ଚାମ୍ପିୟନଶିପ୍ ପାଇଁ କୌଣସି ମତେ ଯୋଗ୍ୟତା ହାସଲ କରିପାରିଥିଲା।

# ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ୨୨ରୁ

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ):** ଓଡ଼ିଶା ଜୁ-ଜିତସୁ ସଂଘ ଆନୁକୂଲ୍ୟରେ ରାଜ୍ୟ କ୍ୟାଡେଟ, ଜୁନିୟର ଓ ସିନିୟର ଜୁ-ଜିତସୁ ପ୍ରତିଯୋଗିତା ଚଳିତ ମାସ ୨୨ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଜାତୀୟ ଓ ରାଜ୍ୟ ସଂଘର ଅଧିକାରୀମାନେ ପରିଚାଳନା କରିବେ। ପ୍ରତିଯୋଗିତାରେ ବିଭିନ୍ନ ବୟସ ଓ ଓଜନ ବର୍ଗରେ ମହିଳା ଏବଂ ପୁରୁଷ ତଥା ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତ୍ ଜାତୀୟ ଜୁ-ଜିତସୁ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ପ୍ରତିଯୋଗିତାରେ ଭାଗ ନେବାକୁ ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ରାଜ୍ୟ ସଂଘ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଭାରତୀୟ ଖେଳାଳିଙ୍କୁ ଗମ୍ଭୀରଙ୍କ ପରାମର୍ଶ

ବେକେନହାମ,୧୨।୬(ପି.ଟି)

ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅନୁପସ୍ଥିତିରେ ଏକ ସ୍ମରଣୀୟ ଇଂଲଣ୍ଡ ଟୁର ପାଇଁ ଭାରତୀୟ ଦଳର ଖେଳାଳିଙ୍କୁ ସେମାନଙ୍କର କମ୍ଫର୍ଟ ଜୋନରୁ ବାହାରି ଆସିବାକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଇଛନ୍ତି। ଭାରତୀୟ ଦଳ ୨୦୦୭ ପରଠାରୁ ଇଂଲଣ୍ଡରେ ପ୍ରଥମ ଥର ଟେଷ୍ଟ ସିରିଜ୍ ଜିତିବା ଲକ୍ଷ୍ୟରେ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ ୨୦ ତାରିଖରୁ ଆରମ୍ଭ ହେବ।

ଏହି ଟୁରକୁ ଦେଖିବା ପାଇଁ ଦୁଇଟି ବାଟ ରହିଛି। ଆମେ ଆମର ୩ ସବୁଠୁ ଅଭିଜ୍ଞ ଖେଳାଳିଙ୍କ ବିନା ଏଠାକୁ ଆସିଛୁ କିମ୍ବା ଏହାକୁ ଆମେ ଦେଶ ପାଇଁ କିଛି ସ୍ୱତନ୍ତ୍ର କରିବା ପାଇଁ ବଡ଼ ସୁଯୋଗ ଭଳି ଦେଖିପାରିବା ବୋଲି ଗମ୍ଭୀର ବିସିସିଆଇ ଡଟ୍ ଟିଭିରେ କହିଛନ୍ତି। ଭାରତୀୟ ଦଳରେ ପ୍ରାୟତଃ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଏ ସମ୍ପର୍କରେ ଗମ୍ଭୀର ପ୍ରକାଶ କରିଛନ୍ତି ଯେ, ମୁଁ ଆମର ଏହି ଦଳରେ ଜିତିବା ଲାଗି ଭୋକ, ପ୍ୟାଶନ ଓ କିଛି ସ୍ୱତନ୍ତ୍ର କରିବା ପାଇଁ ପ୍ରତିବଦ୍ଧତା ଦେଖିପାରୁଛି। ଯଦି ଆମେ ବଳିଦାନ ଦେଇପାରିବା, ଯଦି ଆମେ ଆମ କମ୍ଫର୍ଟ ଜୋନରୁ ବାହାରି ଆସିବା ଏବଂ ଆମେ ପ୍ରତ୍ୟେକ ସେସନ, ପ୍ରତ୍ୟେକ ଘଣ୍ଟା ଓ ପ୍ରତ୍ୟେକ ବଲରେ ଲଢ଼େଇ କରିବା, ତେବେ ମୋ ମତରେ ଆମେ ଏହି ଇଂଲଣ୍ଡ ଟୁରକୁ ସ୍ମରଣୀୟ କରିପାରିବୁ। ଏତଦ୍ ବ୍ୟତୀତ ନୂଆ ଅଧିନାୟକ ଶୁବମନ ଗିଲଙ୍କ ଲାଗି ସେ ପ୍ରକାଶ କରିଛନ୍ତି ଯେ, ପ୍ରଥମ ଥର ପାଇଁ ଅଧିନାୟକ ହୋଇଥିବା ଗିଲ୍‌ଙ୍କୁ ମୁଁ ଅଭିନନ୍ଦନ ଜଣାଇବାକୁ ଚାହେଁ। ନିଜ ଟେଷ୍ଟ ଦଳର ଅଧିନାୟକ ହେବାଠାରୁ ଆଉ ବଡ଼ ସମ୍ମାନ ନାହିଁ। ଉପ ଅଧିନାୟକ ରିଷଭ ପନ୍ତଙ୍କୁ ମଧ୍ୟ ଅଭିନନ୍ଦନ। ଦୀର୍ଘ ୭ ବର୍ଷ ପରେ ଭାରତୀୟ ଟେଷ୍ଟକୁ ଫେରିଥିବା କରୁନ ନାୟରଙ୍କ ସମ୍ପର୍କରେ ଗମ୍ଭୀର କହିଛନ୍ତି, ପ୍ରତ୍ୟାବର୍ତ୍ତନ କରିବା କଦାପି ସହଜ ନୁହେଁ। ୭ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରିବା ଏକ ବଡ଼ ସଫଳତା। ସେ ଗତ ବର୍ଷ ଘରୋଇ କ୍ରିକେଟରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସେ ଖୁବ ସାରା ରନ କରିବା ସହ ତାଙ୍କର କଦାପି ହାର ନ ମାନିବା ଆଟିଟ୍ୟୁଡ୍ ଯୋଗୁ ସେ ଦଳକୁ ଫେରିଛନ୍ତି ଏବଂ ତାହା ହିଁ ଗ୍ରୁପର ସଦସ୍ୟଙ୍କୁ ପ୍ରେରଣା ଦେଉଛି।

# ୱିମ୍ବେଲଡନ ପୁରସ୍କାର ରାଶି ୭୩ ନିୟୁତ ଡଲାର

**ଲଣ୍ଡନ, ୧୨।୬ (ଏପି):** ୱିମ୍ବେଲଡନ ପୁରସ୍କାର ରାଶି ରେକର୍ଡ ୫୩.୫ ନିୟୁତ ପାଉଣ୍ଡ (ପ୍ରାୟ ୭୩ ନିୟୁତ ଡଲାର)କୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ୭% ଅର୍ଥାତ ୩.୫ ନିୟୁତ ପାଉଣ୍ଡ (୬.୮ ନିୟୁତ ଡଲାର) ବୃଦ୍ଧି ପାଇଛି। ଏଣିକି ପ୍ରତ୍ୟେକ ସିଙ୍ଗଲ୍ସ ଚାମ୍ପିୟନ ୩ ନିୟୁତ ପାଉଣ୍ଡ (୪ ନିୟୁତ ଡଲାର) ଲେଖାଏ ପାଇବେ। ଏହି ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମରେ ୧୦ବର୍ଷ ପୂର୍ବେ ପୁରସ୍କାର ରାଶି ଯାହାଥିଲା ଏହାର ପରିମାଣ ଏବେ ଦୁଇଗୁଣାକୁ ବୃଦ୍ଧି ପାଇଛି। ଅଲ୍ ଇଂଲଣ୍ଡ କ୍ଲବର ଚେୟାରପର୍ସନ ଡେବୋରା ଜିଭାନ୍ସ ଏବିଷୟରେ ସୂଚନା ଦେଇଛନ୍ତି। ଏଣିକି ପ୍ରଥମ ରାଉଣ୍ଡରେ ପରାଜିତ ଖେଳାଳି ୬୬,୦୦୦ପାଉଣ୍ଡ ପାଇବେ। ଚଳିତବର୍ଷର ୱିମ୍ବେଲଡନ ଜୁନ୍ ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୩ ପର୍ଯ୍ୟନ୍ତ ଚାଲିବ। ସବୁଠାରୁ ପୁରାତନ ଗ୍ରାଣ୍ଡସ୍ଲାମରେ ଲାଇନ୍ ଜଜ୍‌ଙ୍କ ସ୍ଥାନରେ ଇଲେକ୍‌ଟ୍ରୋନିକ୍ ଲାଇନ୍ କଲିଙ୍ଗ ବ୍ୟବହାର କରାଯିବ।

# ଆର୍‌ସିବି କର୍ମଚାରୀଙ୍କୁ ଅନ୍ତରୀଣ ଜାମିନ

**ବେଙ୍ଗାଲୁରୁ,୧୨।୬:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ମାର୍କେଟିଂ ଓ ରାଜସ୍ୱ ମୁଖ୍ୟ ନିଖିଲ ସୋସାଲେଙ୍କୁ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ଅନ୍ତରୀଣ ଜାମିନ ପ୍ରଦାନ ମିଳିଛି। କିନ୍ତୁ ତାଙ୍କୁ ପାସପୋର୍ଟ ଦାଖଲ ପାଇଁ କୁହାଯାଇଛି। ୪ ତାରିଖରେ ଆର୍‌ସିବିର ବିଜୟ ଉତ୍ସବରେ ଦଳାଚକଟା ଯୋଗୁ ୧୧ ଜଣଙ୍କ ମୃତ୍ୟୁ ହେବା ପରେ ୬ ତାରିଖରେ ସୋସାଲେ ଓ ଡିଏନ୍‌ଏ ଏଣ୍ଟରନେଟମେଣ୍ଟ ନେଟୱର୍କର ଦୁଇ କର୍ମଚାରୀ କିରନ କୁମାର (ସିନିୟର ଇଭେଣ୍ଟ ମ୍ୟାନେଜର) ଓ ସୁନୀଲ ମାଥ୍ୟୁ (ଉପସଭାପତି-ବ୍ୟବସାୟିକ ବିଷୟ)ଙ୍କୁ ଗିରଫ କରାଯାଇଥିଲା।

# ଶୁଚିଙ୍କ ସ୍ଥାନରେ ରାଧା ଯାଦବ

ମୁମ୍ବାଇ, ୧୨।୬ (ପି.ଟି.)



ରାଧା ଯାଦବ

### ମହିଳା କ୍ରିକେଟ

ଭାରତୀୟ ମହିଳା କ୍ରିକେଟ ଦଳ ଇଂଲଣ୍ଡ ଟୁର୍‌ରେ ଯିବ। ଜୁନ୍ ୨୮ରୁ ଆରମ୍ଭ ହେବାକୁଥିବା ଏହି ଟୁରରେ ଭାରତ ସେଠାରେ ୫ ଅନ୍ତର୍ଜାତୀୟ ଟି୨୦ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଶୁଚି ଉପାଧ୍ୟାୟ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ବାମହାତି ସ୍ପିନର ରାଧା ଯାଦବଙ୍କୁ ଦଳରେ ସାମିଲ କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ୨୦ ବର୍ଷୀୟା ବାମହାତି ସ୍ପିନର ଉପାଧ୍ୟାୟ ଗତ ମାସରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଏକ ତ୍ରିରାଷ୍ଟ୍ରୀୟ ସିରିଜରେ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ତାଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି। ନଟିଙ୍ଗହାମ୍‌ଠାରେ ଜୁନ୍ ୨୮ରେ ଓପନିଂ ଅନ୍ତର୍ଜାତୀୟ ଟି୨୦ ଖେଳି ମହିଳା ଦଳ ଏହାର ଟୁର୍ ଆରମ୍ଭ କରିବ। ଦ୍ୱିତୀୟ ମ୍ୟାଚ ଜୁଲାଇ ୧ରେ ବ୍ରିଷ୍ଟଲଠାରେ ଖେଳାଯିବ। ତୃତୀୟ ଅନ୍ତର୍ଜାତୀୟ ଟି୨୦ ଜୁଲାଇ ୪ରେ, ଚତୁର୍ଥଟି ଜୁଲାଇ ୯ରେ ମାଞ୍ଚେଷ୍ଟରଠାରେ ଏବଂ ୫ମଟି ଜୁଲାଇ ୧୨ରେ ବର୍ମିଂହାମ୍‌ଠାରେ ଖେଳାଯିବ। ତିନୋଟି ଅନ୍ତର୍ଜାତୀୟ ଟି୨୦ ଯଥାକ୍ରମେ ଜୁଲାଇ ୧୬, ୧୯ ଓ ୨୨ରେ ସାଉଥାମ୍ପଟନ, ଲର୍ଡ୍ସ ଓ ଚେଷ୍ଟର-ଲି ଷ୍ଟ୍ରିଟ୍‌ଠାରେ ଆୟୋଜନ କରାଯାଇଛି। **ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା),ଶେଫାଲୀ ବର୍ମା, ଜେମିମି ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯାସ୍ତିକା ଭାଟିଆ (ଉଇକେଟକିପର), ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତ୍‌ଘାରେ ଓ ରାଧା ଯାଦବ। **ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯାସ୍ତିକା ଭାଟିଆ (ଉଇକେଟକିପର), ତେଜାଲ ହାସାବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ଅମନକୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତ୍‌ଘାରେ ଓ ରାଧା ଯାଦବ।

# 'ରଗ୍‌ବୀ କ୍ରମେ ଲୋକପ୍ରିୟ ହେବ'

ନୂଆଦିଲ୍ଲୀ,୧୨।୬(ପି.ଟି.)



ଭାରତର ଲୋକପ୍ରିୟ କ୍ରୀଡ଼ା ଦୃଶ୍ୟପଟରେ ରଗ୍‌ବୀ ତଳେ ଥାଇପାରେ। କିନ୍ତୁ ଆଗାମୀ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ସହିତ ରଗ୍‌ବୀ ଖେଳର ଲୋକପ୍ରିୟତା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜିଏମ୍‌ଆର୍ ସ୍ପୋର୍ଟ୍ସ ସିଇଓ ଏବଂ ଇଭେଣ୍ଟର ପ୍ରମୋଟର ସତ୍ୟମ ତ୍ରିବେଦୀ କହିଛନ୍ତି। ଉଦ୍‌ଘାଟନୀ ଆର୍‌ପିଏଲ୍ ଆସନ୍ତା ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନ୍ଧେରିସ୍ଥିତ ମୁମ୍ବାଇ ଫୁଟବଲ ଏରେନାରେ ଖେଳାଯିବ। ଏଥିରେ ଦିଲ୍ଲୀ ରେଜ, ହାଇଦ୍ରାବାଦ୍ ହିରୋସ, କଳିଙ୍ଗ ବ୍ଲାକ ଟାଇଗର୍ସ, ଚେନ୍ନାଇ ବୁଲ୍ସ, ମୁମ୍ବାଇ ଡ୍ରିମର୍ସ ଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ଆଦି ୬ଟି ଫ୍ରାଞ୍ଚାଇଜ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଆମେ ଦୀର୍ଘ ବର୍ଷ ହେଲା ଆଇପିଏଲ୍ ଫ୍ରାଞ୍ଚାଇଜ ପରିଚାଳନା କରୁଛୁ। ମୋ ମତରେ ଏକ ଆଇପିଏଲ୍ ଦଳକୁ ମ୍ୟାନେଜ କରିବା ଦ୍ୱାରା ଆମ ଦକ୍ଷତା ବୃଦ୍ଧି ପାଇଛି। ଏଣୁ ଆମେ ଆମର ଅଭିଜ୍ଞତା, ବିଶେଷଜ୍ଞତାକୁ ଫ୍ରାଞ୍ଚାଇଜ ବାହାରେ ବ୍ୟବହାର କରିବାକୁ ଚିନ୍ତା କରିଥିଲୁ। ପରେ ଏହି ସୁଯୋଗ ଆମ ନିକଟକୁ ଆସିଲା। ସେତେବେଳେ ଫ୍ରାଞ୍ଚାଇଜ ଲାଗି ଆଲୋଚନା ଆରମ୍ଭ ହୋଇଥିଲା। କିନ୍ତୁ ଆମେ ଫ୍ରାଞ୍ଚାଇଜ ସ୍ତରରେ ନୁହେଁ, ବରଂ ଏକ ଲିଗ୍ ସ୍ତରରେ ନିବେଶ କରିବାକୁ ଚାହୁଁଥିଲୁ ବୋଲି ତ୍ରିବେଦୀ କହିଛନ୍ତି। ଆର୍‌ପିଏଲ୍ ରଗ୍‌ବୀ ୭ଏସ୍ ଫର୍ମାଟରେ ଖେଳାଯିବ, ଯାହାକୁ ଅଲିମ୍ପିକ୍ ସ୍ପୋର୍ଟ ଭାବେ ସ୍ୱୀକୃତି ମିଳିଛି। ପାରମ୍ପରିକ ରଗ୍‌ବୀ ୟୁନିୟନ ଫର୍ମାଟରେ ୪୦ ମିନିଟ୍ ଲେଖାଏ ଦୁଇଟି ହାଫ୍ ଖେଳାଯାଏ ଏବଂ ଉଭୟ ଦଳରେ ୧୫ ଖେଳାଳି ରହିଥାନ୍ତି। କିନ୍ତୁ ୭ଏସ୍ ଫର୍ମାଟରେ ୭ ମିନିଟ୍ ବିଶିଷ୍ଟ ଦୁଇଟି ହାଫ ଓ ଉଭୟ ଦଳରେ ୭ ଲେଖାଏ ଖେଳାଳି ରହିଥାନ୍ତି। କିନ୍ତୁ ଟିଭି ଦର୍ଶକଙ୍କୁ ଦୃଷ୍ଟିରେ ରଖି ଆର୍‌ପିଏଲ୍‌ରେ ମ୍ୟାଚ୍‌କୁ ୪ ମିନିଟ୍ ବିଶିଷ୍ଟ ୪ଟି କ୍ୱାର୍ଟର ଖେଳାଯିବ। ପ୍ରତ୍ୟେକ କ୍ୱାର୍ଟର ମଧ୍ୟରେ ୨ ମିନିଟ୍‌ର ବ୍ରେକ ରହିବ। ଏହି ଲିଗ୍ ସମ୍ପର୍କରେ ତ୍ରିବେଦୀ ପ୍ରକାଶ କରିଛନ୍ତି ଯେ, ଏହା ଏକ ଛୋଟ ଫର୍ମାଟ ଏବଂ ଆମ ମତରେ ଏହା ଭଲ କାମ ଦେବ। କାରଣ ଯଦି ଆମେ କନ୍‌ଜ୍ୟୁମର ପାଟର୍ନକୁ ଦେଖିବା, ତେବେ ସେମାନେ ଛୋଟ ଫର୍ମାଟ ଦେଖିବାକୁ ଚାହାନ୍ତି। ଦର୍ଶକଙ୍କ ଧ୍ୟାନର ଅବଧି ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି ଲିଗ୍‌ର ଫର୍ମାଟ ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ କଥା ହେଲା, ରଗ୍‌ବୀ ଇଣ୍ଡିଆ ଏକ ଭଲ ଫେଡେରେଶନ। ସେମାନେ ନିଜ କାମ ପ୍ରତି ପ୍ରତିବଦ୍ଧ। ରଗ୍‌ବୀ ଇଣ୍ଡିଆ ସଭାପତି ଅଭିନେତା ରାହୁଲ ବୋଷ ଏହି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବା ଲାଗି ପ୍ରତିବଦ୍ଧ। ଭାରତର ୨୫୦ ଜିଲାରେ ରଗ୍‌ବୀ ଖେଳାଯାଉଛି। ଏତଦ୍ ବ୍ୟତୀତ ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ମର୍କ୍ୱି ଖେଳାଳିଙ୍କ ଦରମା ସମ୍ପର୍କରେ ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ମର୍କ୍ୱି ଖେଳାଳି ୩ ସପ୍ତାହ ଲାଗି ଭାରତ ଆସିବେ। ସେମାନେ ଲିଗ୍ ପୂର୍ବରୁ ଏକ ସପ୍ତାହ କିମ୍ବା ୧୦ ଦିନ ପ୍ରାକ୍ଟିସ କ୍ୟାମ୍ପରେ ବିତାଇବେ। ସେମାନଙ୍କୁ ୧୫ ହଜାର ୟୁଏସ୍ ଡଲାର ମିଳିବ। ବ୍ରିଜ୍ ଖେଳାଳିଙ୍କୁ ୧୫୦୦ ଡଲାର ମିଳିବ। ଭାରତୀୟ ଖେଳାଳିଙ୍କୁ ୫୦ ହଜାରରୁ ୫.୫୦ ଲକ୍ଷ ଟଙ୍କା ଦିଆଯିବ। ପ୍ରତ୍ୟେକ ଫ୍ରାଞ୍ଚାଇଜ ଲାଗି ୭୭ ଲକ୍ଷ ଟଙ୍କାର ସାଲାରି କ୍ୟାପ ରଖାଯାଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ